

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୯ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 JULY 2023

Vol.No. 35 ■ No. 180 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ : ୫୦.୦୬ ପ୍ରତିଶତ ମତଦାନ

■ହିଂସାରେ ୧୫ ଜଣଙ୍କ ପ୍ରାଣହାନି

■ଆକ୍ସନ ମୁଡ଼ରେ ଶାହା, ମାଗିଲେ ରିପୋର୍ଟ





କୋଲକାତା, ୦୮/୦୭ : ଆଜି ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ଲାଗି ମତଦାନ ଶେଷ ହୋଇଛି। ୭୩,୮୮୭ ଆସନ ଲାଗି ହୋଇଥିବା ମତଦାନେ ପ୍ରାୟ ୫.୬୭ କୋଟି ଭୋଟର ଅଂଶ ଗ୍ରହଣ କରି ୨.୦୬ ଲକ୍ଷ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ସେଠାରେ ୫୦.୦୬ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ତେବେ ମତଦାନ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ହିଂସାକାଣ୍ଡ ଦେଖିବାକୁ ମିଳିଛି । ସରକାରୀ ସୂଚନା ଅନୁସାରେ, ଭୋଟ୍ ଗ୍ରହଣ ଚାଲିଥିବାବେଳେ ରାଜ୍ୟର ବିଭିନ୍ନ ଅଂଚଳରେ ହିଂସାକାଣ୍ଡ ଘଟି ୧୩ରୁ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ପ୍ରାଥମିକ ସୂଚନା ଅନୁସାରେ ତୃଣମୂଳ କଂଗ୍ରେସର ୮ ସଦସ୍ୟ, ସିପିଆଇ(ଏମ୍)ର ୩ ସଦସ୍ୟ ଓ ଭାରତୀୟ ଜନତା ପାର୍ଟିର ଜଣେ ସଦସ୍ୟ ନିର୍ବାଚନୀ ହିଂସାରେ ପ୍ରାଣ ହରାଇଛନ୍ତି। ଏହା ବାଦ ଅନେକ ସ୍ଥାନରେ ବିଭିନ୍ନ ସ୍ଥାନରେ ଲୋକେ ବାଲଟ୍ ବକ୍ସ୍ ନଷ୍ଟ କରିଥିବା ବେଳେ ବାଲଟ ପେପରରେ ନିଆଁ ଲଗାଇଦେଇଛନ୍ତି। ବୋମାମାଡ ସାଙ୍ଗକୁ ପଶ୍ଚିମବଙ୍ଗର ଅଧିକାଂଶ ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳିଛି । ଆଉ ଏହାରି ଭିତରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆକ୍ସନକୁ ଆସିଯାଇଛନ୍ତି । ସେ ହିଂସାକୁ ନେଇ ରିପୋର୍ଟ ଥଲବ କରିଛନ୍ତି। ଅନ୍ୟପକ୍ଷରେ ହିଂସାକାଣ୍ଡକୁ ନେଇ ପଶ୍ଚିମବଙ୍ଗ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦାବି କରାଯାଇଛି ଯେ ଗତ ୭ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୫ ଜଣଙ୍କ ମୃତ୍ୟୁ ହୋଇଛି । ବିଜେପି ସାଂସଦ ଲକେଟ୍ ଚାଟାର୍ଜୀ ଦାବି କରିଛନ୍ତି ଯେ ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ଚାଲିଛି ଏବଂ ଗତ ୭ ଘଣ୍ଟା ମଧ୍ୟରେ ୧୫ ଜଣ ପ୍ରାଣ ହରାଇଛନ୍ତି। ପଞ୍ଚାୟତ ନିର୍ବାଚନ ଘୋଷଣା ପରଠାରୁ ୩୩ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ବିଜେପି ସାଂସଦ କହିଛନ୍ତି। ▶▶ପୃଷ୍ଠା ୭

## ବାଲେଶ୍ୱର ଟ୍ରେନ୍ ଟ୍ରାଜେଡି: ୩ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ନେଲା ସିବିଆଇ

ବାଲେଶ୍ୱର, ୦୮/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରାଜେଡି ମାମଲାରେ ୩ ଅଭିଯୁକ୍ତଙ୍କୁ ସିବିଆଇ ୫ ଦିନିଆ ରିମାଣ୍ଡ ନେବା ପାଇଁ ଅନୁମତି ଦେଲେ କୋର୍ଟ। ସିବିଆଇ ରିମାଣ୍ଡ ଆବେଦନର ଶୁଣାଣି କରି ଆଜି ରାତି ପ୍ରାୟ ସାଢ଼େ ୧୦ଟାରେ ଏହି ଅନୁମତି ଦେଇଛନ୍ତି ସ୍ୱତନ୍ତ୍ର ସିବିଆଇ କୋର୍ଟ। ବାହାନଗା ବଜାର ଷ୍ଟେସନ୍‌ରେ ଘଟିଥିଲା ଭୟଙ୍କର ଟ୍ରେନ୍ ଦୁର୍ଘଟଣା। ଏହି ଦୁର୍ଘଟଣାରେ ଯାଇଥିଲା ୨୯୩ ଜଣ ଯାତ୍ରୀଙ୍କ ଜୀବନ। ଏହି ମାମଲାରେ ସିବିଆଇ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ତିନି ଅଭିଯୁକ୍ତ ହେଲେ ସିନିଅର ସେକ୍ସନ ଇଂଜିନିୟର ଅରୁଣ କୁମାର ମହାନ୍ତ, ସେକ୍ସନ ଇଂଜିନିୟର ମହମ୍ମଦ ଅମିର ଖାଁ ଓ ଟେକ୍ନିସିଆନ ପପୁ କୁମାର। ସିବିଆଇ ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଧାରା ୩୦୪ ଓ ୨୦୧ ଲାଗାଇଥିଲା। ଜାଣିଶୁଣି ମୃତ୍ୟୁ ମୁହଁକୁ ଠେଲିଦେବା ଓ ଅପରାଧ ଘଟାଇ ପ୍ରମାଣ ନଷ୍ଟ ପରି ଅଭିଯୋଗ ଲଗାଇଛି ସିବିଆଇ। ଗତ ଜୁନ୍ ୨ ତାରିଖରେ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଘଟିଥିଲା ଦୁର୍ଘଟଣା। ଶାଳିମାର-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ୍ ମାଲଗାଡ଼ି ଉପରେ ଚଢ଼ି ଯାଇଥିଲା। ଠିକ୍ ସେହି ସମୟରେ ଆସୁଥିବା ବାଙ୍ଗାଲୁରୁ-ହାୱଡ଼ା ଯେଶବନ୍ତପୁର ଏକ୍ସପ୍ରେସ୍‌ର ଉପରେ ପଡ଼ିଥିଲା କରମଣ୍ଡଳ ଏକ୍ସପ୍ରେସ୍। ଏହି ଭୟଙ୍କର ଦୁର୍ଘଟଣାରେ ୨୯୩ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ୨୮୮ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାକି ୫ ଜଣଙ୍କ କଟକ ବଡ଼ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ।

## କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ କଲା ଏସଟିଏଫ୍

ଭୁବନେଶ୍ୱର, ୦୮/୦୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଅଂଚଳରୁ ଶନିବାର କ୍ରାଇମବ୍ରାଂଚ ଏସ୍‌ଟିଏଫ୍ ଜଣେ ବ୍ରାଉନସୁଗର ଡିଲରଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୧୦୦ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଯାହାର ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି। ଗିରଫ ବ୍ରାଉନସୁଗର ଡିଲରଙ୍କ ନାଁ ସୁରେଶ ମହାପାତ୍ର। ତାଙ୍କ ଘର ଖୋର୍ଦ୍ଧା ଅଂଚଳରେ। ଆଜି ସେ ଖୋର୍ଦ୍ଧାର ବାଘମାରୀକୁ ବ୍ରାଉନସୁଗର ବିକ୍ରି କରିବା ନେଇ ଡିଲ୍ କରିବାକୁ ଆସିଥିବା ବେଳେ ଏସ୍‌ଟିଏଫ ହାତରେ ଧରାପଡ଼ିଥିଲେ। ଗିରଫ ସୁରେଶ ମହାପାତ୍ରଙ୍କର ମୁର୍ଶିଦାବାଦ ଲିଙ୍କ୍ ରହିଛି। ସେଠାରୁ ସେ ବ୍ରାଉନସୁଗର ଆଣନ୍ତି। ସେ କିଛି ଲୋକଙ୍କୁ ରଖିଛନ୍ତି। ସେମାନଙ୍କ ଜରିଆରେ ବିଭିନ୍ନ ଜିଲ୍ଲାକୁ ବ୍ରାଉନସୁଗର ପଠାନ୍ତି। ଏହା ବାବଦକୁ ସେ ସେହି ଲୋକଙ୍କୁ କମିଶନ ଦିଅନ୍ତି। ଗିରଫ ରମେଶ ମହାପାତ୍ରଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ ଯୋଜନା ରଖିଛି ଏସ୍‌ଟିଏଫ।



## ବିଜେଡିର ମୁଣ୍ଡବ୍ୟଥା ବଢ଼ାଇଲେ ଦୁଇ ବିଧାୟକ ବ୍ରଜ ଓ ଚନ୍ଦ୍ରସାରଥୀ



ଭୁବନେଶ୍ୱର, ୦୮/୦୭ (ନି.ପ୍ର): ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଦଳୀୟ ବିଧାୟକମାନଙ୍କ କାର୍ଯ୍ୟ ଓ ଆଚରଣ ବିଜେଡି ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ସମ୍ପୃକ୍ତି ଥିବା ଦୁଇଟି ଅଡିଓ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲିଛି । ଯାହାକି ବିରୋଧୀଙ୍କୁ ସମାଲୋଚନାର ଖୋରାକ ଯୋଗାଇଛି । ଫାଇଭ-ଟି ସଚିବଙ୍କ ଅନୁଗୁଳ ଜିଲ୍ଲା ଗସ୍ତବେଳେ ରାଧା ପାଇଁ ଦୋଳି ସଜା ଓ ପୁଷ୍ପ ବର୍ଷା ସହ ଅଧିକ ସଂଖ୍ୟକ ଲୋକ ସଭାରେ ଉପସ୍ଥିତ ହେବେ ସେ ନେଇ ତାଳଚେର ବିଧାୟକ ଶ୍ରୀ ପ୍ରଧାନଙ୍କ ଏକ ଅଡିଓକୁ ନେଇ ବିଜେପି କଡ଼ା ସମାଲୋଚନା କରିଥିବାବେଳେ କଟକ ସଦର ବିଧାୟକ ଶ୍ରୀ ବେହେରାଙ୍କ ଆନୁଗତ୍ୟ ପାଳନ ନିମନ୍ତେ ମହିଳାମାନେ ଶପଥ ପାଠ କରିବାର ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ବିଜେଡି ସହ ଜଡ଼ିତ ମହିଳାମାନେ ବିଧାୟକଙ୍କୁ ଖୁସି କରିବାକୁ ଶପଥ ନେଉଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ, ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ ତାଳଚେର ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିବାବେଳେ ତା'ପୂର୍ବରୁ ତାଳଚେର ବିଧାୟକ ଶ୍ରୀ ପ୍ରଧାନ ଏକ ପ୍ରସ୍ତୁତି ବୈଠକ କରି ଦଳୀୟ କର୍ମୀମାନଙ୍କୁ ଏହି କାର୍ଯ୍ୟକ୍ରମ ସଫଳ କରିବାକୁ ପରାମର୍ଶ ଦେଉଛନ୍ତି । ଭାଇରାଲ ହେଉଥିବା ଏ ସଂକ୍ରାନ୍ତ ଭିଡିଓରେ ଶ୍ରୀ ପ୍ରଧାନ କହୁଛନ୍ତି ଯେ, ରାଧା ପାଇଁ ଦୋଳି ସଜାଇଲେ ଓ ପୁଷ୍ପ ବର୍ଷା ହେଲେ ସିନା ସେ ଖୁସି ହୋଇ ଆମ ଅଂଚଳକୁ ଅଧିକ ପାଣ୍ଠି ଦେବେ । ଫାଇଭ-ଟି ସଚିବଙ୍କ ସଭାରେ ଯେଉଁଳି ଅଧିକ ସଂଖ୍ୟକ ଲୋକେ ▶▶ପୃଷ୍ଠା ୭

## ଏସି ଟ୍ରେନ୍ ଭଡ଼ାରେ ରିହାତି ଯୋଜନା ଘୋଷଣା କଲା ରେଳ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୦୮/୦୭ : ଟ୍ରେନରେ ବସିବା ପାଇଁ ରହିଥିବା ସୁବିଧାର ସର୍ବୋତ୍ତମ ଉପଯୋଗକୁ ଦୃଷ୍ଟିରେ ରଖି, ସବୁ ଏସି ସିଟ୍ ଥିବା ଟ୍ରେନରେ ରିହାତି ଭଡ଼ା ଯୋଜନା କାର୍ଯ୍ୟକାରୀ କରିବା ଲାଗି ଜୋନ୍ ସ୍ତରୀୟ ରେଳବାଇକୁ କ୍ଷମତା ଦେବା ନିମନ୍ତେ ରେଳ ମନ୍ତ୍ରଣାଳୟ ନିଷ୍ପତି ନେଇଛି । ଅନୁଭୂତି ଓ ଭିଷ୍ଟାଡୋମ୍ କୋଚ୍ ସମେତ ଏସି ଯାତ୍ରା ସୁବିଧା ଥିବା ସବୁ ଟ୍ରେନର ଏସି ଚେୟାର କାର୍ ଏବଂ ଏଗ୍ଜିକ୍ୟୁଟିଭ୍ ଶ୍ରେଣୀରେ ରିହାତି ଯୋଜନା ଲାଗୁ ହେବ। ମୂଳ ଭଡ଼ା ଉପରେ ସର୍ବାଧିକ ୨୫% ପର୍ଯ୍ୟନ୍ତ ରିହାତି ସୁବିଧା ମିଳିବ। ଟିକେଟ ସଂରକ୍ଷଣ ଶୁଳ୍କ, ସୁପରଫାଷ୍ଟ ସର୍ଚ୍ଚାର୍ଜ, ଜିଏସଟି ଆଦି ଅନ୍ୟାନ୍ୟ ପ୍ରଯୁଜ୍ୟ ଶୁଳ୍କ ପୃଥକ ଭାବେ ଲାଗୁ ହେବ। ଟ୍ରେନରେ ଯାତ୍ରୀଙ୍କ ସଂଖ୍ୟାକୁ ଆଧାର କରି ଯେକୌଣସି କିମ୍ବା ସବୁ ଶ୍ରେଣୀରେ ରିହାତି ପ୍ରଦାନ କରାଯିବ। ବିଗତ ୩୦ ଦିନ ମଧ୍ୟରେ ୫୦%ରୁ କମ୍ (ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କିମ୍ବା କିଛି ନିର୍ଦ୍ଦିଷ୍ଟ ପର୍ଯ୍ୟାୟ/ଭାଗରେ) ଯାତ୍ରୀ ଥିବା ଶ୍ରେଣୀର ଟ୍ରେନଗୁଡ଼ିକ ଉପରେ ବିଚାର କରାଯିବ। ▶▶ପୃଷ୍ଠା ୭

## ୫ଟି ସଚିବଙ୍କୁ ଅପରାଜିତାଙ୍କ ଟାର୍ଗେଟ୍

ଭୁବନେଶ୍ୱର, ୦୮/୦୭ (ନି.ପ୍ର): ପୁଣି ଥରେ ୫ ଟି ସଚିବଙ୍କ ବିଭିନ୍ନ ଜିଲ୍ଲା ଗସ୍ତକୁ ଟାର୍ଗେଟ୍ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଶନିବାର ଖୋର୍ଦ୍ଧା ମଳିପଡ଼ାରେ ଜୋନ୍ ସ୍ତରରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ୫ଟି ସଚିବ ସବୁଆଡ଼େ ଗସ୍ତ କରୁଛନ୍ତି, ଦେହ ଖରାପ ଅଛି ତ ଗାଦି ଛାଡ଼। ସେ କହିଛନ୍ତି ଯେ, ଆମେ ଚାହୁଁଛୁ ସେ ଆହୁରି ବୁଲନ୍ତୁ। ବୁଲିଲେ ଲୋକଙ୍କ ଆକ୍ରୋଶ ଆହୁରି ବଢ଼ିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଯେଉଁଠି ଥିବେ ସେ ଦୁଃଖ କରୁଥିବେ। ସ୍ୱର୍ଗତ ବିଜୁବାବୁ ସ୍ୱାଭିମାନୀ ଲୋକ ଥିଲେ। ତାଙ୍କ ସାଥିରେ ଥିବା ଯେଉଁମାନେ ମିଶି ଏ ଦଳ ତିଆରି କରିଥିଲେ ସେମାନେ ସମସ୍ତେ ଦୁଃଖିତ, ଯାହାଙ୍କୁ ଜନତା ବାଛିଛନ୍ତି ସେମାନେ ସମସ୍ତେ ଗାୟବ, ସଚିବ ଓ ସରକାରୀ କର୍ମଚାରୀ ବୁଲି ବୁଲି ଘୋଷଣା କରୁଛନ୍ତି। ସେ ଆହୁରି କହିଛନ୍ତି, ଏପରି ହେବା ଦ୍ୱାରା ସାମ୍ବିଧାନିକ ପଦର ଓ ସମ୍ବିଧାନର ଅମର୍ଯ୍ୟାଦା ହେଉଛି। ରାଜ୍ୟର ମୁଖ୍ୟ ଶାସନ ସଚିବ ଗସ୍ତରେ ଗଲେ କିଛି ହୁଅନ୍ତା ନାହିଁ। ନିର୍ବାଚିତ ପ୍ରତିନିଧି କେତେ ଲଜ୍ଜିତ ହେଉଛନ୍ତି। ପୁରୁଖା ନେତା ବାହାରକୁ ଆସି ସଚିବ ସ୍ତରର ସରକାରୀ କର୍ମଚାରୀଙ୍କ ନିନ୍ଦା କରୁନାହାନ୍ତି। ସେମାନେ ସମସ୍ତେ ଦୁଃଖ ପ୍ରକାଶ କରୁଛନ୍ତି। ▶▶ପୃଷ୍ଠା ୭

## କୃଷକମାନଙ୍କ ସଙ୍ଗରେ ମିଶି ଧାନ ତଳା ରୋଇଲେ ରାହୁଲ୍ ଗାନ୍ଧୀ



ସୋନେପତ୍, ୦୮/୦୭ (ନି.ପ୍ର): ଆଜି ସକାଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ହରିୟାଣାର ସୋନେପତ୍ ଅନ୍ତର୍ଗତ ମଦିନା ଗାଁରେ କୃଷକମାନଙ୍କ ସହିତ ମିଶି ଧାନ ତଳା ରୋଇଥିବା କଥା 'ଇଣ୍ଡିଆ ଟୁଡେ' ରିପୋର୍ଟ କରିଛି। ପ୍ରାପ୍ତ ସୂଚନା ଅନୁସାରେ, କାର ଯୋଗେ ହିମାଚଳ ପ୍ରଦେଶ ଯିବା ବାଟରେ ରାହୁଲ୍ ଗାନ୍ଧୀ ଗୋଟାଏ ଧାନବିଲରେ ଧାନତଳା ରୁଆ ହେଉଥିବା ଦେଖି ଅଟକି ଗଲେ। ତା'ପରେ ସେ କାରରୁ ଓହ୍ଲାଇ ପ୍ୟାଣ୍ଟକୁ ଆଣ୍ଠୁ ଉପରଯାଏ ମୋଡ଼ି ଧାନବିଲକୁ ପଶିଲେ। ଗୋଟାଏ ଟ୍ରାକ୍ଟରରେ କିଛି ସମୟ ପାଇଁ ଗୋଟାଏ ବିଲ ହଳ କରିବା ପରେ ସେଠାରେ ଥିବା କୃଷକମାନଙ୍କ ସହିତ ମିଶି ଧାନ ତଳା ରୋଇଲେ। ଉପସ୍ଥିତ କୃଷକ ଓ କୃଷି ଶ୍ରମିକମାନଙ୍କ ସହିତ ବି କଥାବାର୍ତ୍ତା କଲେ। ଉଲ୍ଲେଖଯୋଗ୍ୟ, ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ପ୍ରତି ସମର୍ଥନ ସୃଷ୍ଟି କରିବା ଆଶାରେ ରାହୁଲ୍ ଗାନ୍ଧୀ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କ ସହିତ ମିଳାମିଶା କରୁଛନ୍ତି। ଅଳ୍ପଦିନ ତଳେ ସେ ଦିଲ୍ଲୀର କାରୋଲ୍ ବାଗ୍ ଅଞ୍ଚଳରେ ଜଣେ ବାଇକ୍ ମେକାନିକ୍‌ଙ୍କ ଦୋକାନକୁ ଯାଇଥିଲେ।

## ହ୍ରାସ ପାଇଛି ସ୍କୁଲ ଶିକ୍ଷାର ମାନ: ୧୦ରୁ ୨୪କୁ ଖସିଲା ଓଡ଼ିଶା

ଭୁବନେଶ୍ୱର, ୦୮/୦୭ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ସ୍କୁଲ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପର୍ଫର୍ମାନ୍ସ



ଗ୍ରେଡିଂ ଇଣ୍ଡେକ୍ସରେ ଓଡ଼ିଶାର ପ୍ରଦର୍ଶନ ହ୍ରାସ ପାଇଛି। ୨୦୨୦-୨୧ ଶିକ୍ଷାବର୍ଷରେ ଓଡ଼ିଶା ୧୦ମ ସ୍ଥାନରେ ଥିବା ବେଳେ ଏଥର ୧୪ଟି ସ୍ଥାନ ତଳକୁ ଖସି ୨୪ତମ ସ୍ଥାନରେ ରହିଛି। ଶିକ୍ଷାର ଗୁଣବତ୍ତା, ବିଦ୍ୟାଳୟକୁ ପ୍ରବେଶ ସୁବିଧା, ଭିତ୍ତିଭୂମି, ଶିକ୍ଷକ ଶିକ୍ଷା ଓ ତାଲିମ ନେଇ ସାରା ଦେଶରେ କରାଯାଇଥିବା ସର୍ଭେରେ ଓଡ଼ିଶା ପଛରେ ରହିଛି। ବର୍ଷକ ମଧ୍ୟରେ ଶିକ୍ଷାରେ ଓଡ଼ିଶାର ପ୍ରଦର୍ଶନ ହ୍ରାସକୁ ନେଇ ଶିକ୍ଷାବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟର ଜଗତସିଂହପୁର, କଟକ, ଭଦ୍ରକ, ଗଂଜାମ, ପୁରୀ ଓ ଖୋର୍ଦ୍ଧାର ଗ୍ରେଡ୍ ଅତି ଉତ୍ତମ ରହିଛି। ୨୨ଟି ଜିଲ୍ଲାର ଗ୍ରେଡ୍ ଉତ୍ତମ ରହିଛି। ରାୟଗଡ଼ା ଓ କୋରାପୁଟର ଗ୍ରେଡ୍ ରାଜ୍ୟରେ ସବୁଠାରୁ ତଳେ ରହିଛି। ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ଏହା ରାଜ୍ୟ ସରକାରଙ୍କ ପାଇଁ ଆଇନା। ଏମାନେ ଶାସନ ନୁହେଁ, କ୍ଷମତା ଲୋଭରେ ରହୁଛନ୍ତି। ୫ଟି ଟ୍ରାନ୍ସଫରମେସନ୍ କେବଳ ଜଣେ ବ୍ୟକ୍ତିଗତ ସହାୟକଙ୍କୁ ନେତା କରିବା ପାଇଁ କରାଯାଇଛି। ସ୍କୁଲରେ ଭିତ୍ତିଭୂମି ଠିକ୍ ନାହିଁ। ଶିକ୍ଷକ ନାହାନ୍ତି। ପାଇଖାନା ନାହିଁ। କେବଳ ସବୁଜ ରଙ୍ଗ ଦେଇ ୫ଟି ବ୍ୟବସ୍ଥା ଆଣି ସଚିବଙ୍କୁ ନେତା କରିବାର ବ୍ୟବସ୍ଥା ଚାଲିଛି। ଅନ୍ୟପକ୍ଷରେ ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ରାଜ୍ୟରେ ଶିକ୍ଷାର ମାନ ଜମା କମି ନାହିଁ। ସ୍କୁଲ ଶିକ୍ଷା ଲାଗି କେନ୍ଦ୍ର ସରକାର ଏବଂ ତାଙ୍କର ଅନୁଶୀଳନ ସଂସ୍ଥା ପ୍ରଶଂସା କରିଛନ୍ତି। ଫାଇଭ ଟି' ଅଧୀନରେ ରାଜ୍ୟରେ ସ୍କୁଲରେ ଡିଜିଟାଲ ପ୍ରୟୋଗ ଏବଂ ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ ନିଆଯାଉଛି।

## କ୍ୟୁଆର କୋଡ୍ ଚଂଚକତା କରି ୧୪ କୋଟି ଠକେଇ: ନୋଏଡାରୁ ଜଣେ ଗିରଫ

ଭୁବନେଶ୍ୱର, ୦୮/୦୭ (ନି.ପ୍ର): କ୍ୟୁଆର କୋଡ୍ ଚଂଚକତା କରି ୧୪ କୋଟି ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧିକ ଶାଖା ବା ଇଓଡବ୍ଲୁ। ଏହି ଠକେଇ ମାମଲାରେ ଇଓଡବ୍ଲୁ ନୋଏଡ଼ାରୁ କରନ ସିଂଙ୍କୁ ଗିରଫ କରିଛି। ଗିରଫ ପରେ ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ପରେ କରନକୁ ୩ ଦିନିଆ ରିମାଣ୍ଡରେ ଆଣିଛି ଇଓଡବ୍ଲୁ। ଭୁବନେଶ୍ୱରର ଏକ କଂପାନୀ ଏପ୍ରିଲରେ ଠକେଇ ଅଭିଯୋଗ କରିଥିଲା। ସେହି ଆଧାରରେ କରନକୁ ଗିରଫ କରାଯାଇଛି।

## ସମୟର ଚକ୍ରର ୧୨ତମ ବାର୍ଷିକଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ

### ପ୍ରତିଭା ବିକାଶ କ୍ଷେତ୍ରରେ ସମୟର ଚକ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ





ବାଲେଶ୍ୱର , ୦୮/୦୭ (ନି.ପ୍ର): ସମୟ ସହିତ ତାଳଦେଇ ସତ ସମ୍ବାଦ ପରିବେଷଣ ଓ ନବପ୍ରତିଭାଧର ମାନଙ୍କୁ ଉତ୍ସାହିତ କରିବା ବଣମଲ୍ଲୀ ବଣରେ ଫୁଟି ମଉଳିନଯାଉ ସେଥିପ୍ରତି 'ସମୟର ଚକ୍ର' ତାର ବାସ୍ନାକୁ ମହକିବାରେ ସହାୟକ ହୋଇଛି। ଅନୁଷ୍ଠାନ ବିକାଶ ସାହିତ୍ୟର ବିକାଶ ପ୍ରତିଭାର ବିକାଶ ଓ ଉତ୍ସାହିତ କରି ଆଗକୁ ନେବାପାଇଁ 'ସମୟର ଚକ୍ର'ର ଅର୍ନ୍ତନିହିତ ବିଭାବ ପ୍ରତିଭା ବିକାଶ କ୍ଷେତ୍ରରେ ତାର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଲିଭାଇବା ସହିତ ବିକଶିତ କରାଇଆସୁଅଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବାଲେଶ୍ୱର ସହରର କେନ୍ଦ୍ର ସ୍ଥଳୀରେ ବ୍ରିଟକଲ୍ୟାଣ ମଣ୍ଡପ ଠାରେ ଦିବସବ୍ୟାପି ୧୨ତମ ବାର୍ଷିକଉତ୍ସବ, କବିତାପାଠୋତ୍ସବ, ଓ ସମ୍ବର୍ଦ୍ଧନା ସମାରୋହରେ ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ ସଂଯୋଜନାରେ ସମାଜସେବୀ କବି ଅଭୟ ଦାସଙ୍କ ପୌରହିତରେ ଉଦଘାଟକ କବି ବ୍ରଜେନ୍ଦ୍ରନାଥ ଗିରୀ, ମୁଖ୍ୟ ଅତିଥି ସମାଜସେବୀ ବିକ୍ରମ ପଣ୍ଡା, ମୁଖ୍ୟ ବକ୍ତା ଡ.ଭାଗବତପ୍ରସାଦ ଦାସ, ବରେଣ୍ୟ ଅତିଥି ଉଦଳା ଏନ.ଏସି ନଗରପାଳ ପ୍ରମିଳା ପଣ୍ଡା, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ▶▶ପୃଷ୍ଠା ୭

# କାର୍ମେଲ ସ୍କୁଲରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ, ୦୮/୦୭ (ନି.ପ୍ର): ଆଜି ୨୦୨୨-୨୩ ଶିକ୍ଷାବର୍ଷର ଆଇସିଏସ୍ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶର କୃତି ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ଅଭିନନ୍ଦନ ଉତ୍ସବ କାର୍ମେଲ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭଦ୍ରକ ପୌରପାଳିକାର ଅଧ୍ୟକ୍ଷା ଗୁଲମକ୍କୀ ହବିବ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏବଂ ୨୦୨୨-୨୩ ଶିକ୍ଷାବର୍ଷ ଦଶମ ଶ୍ରେଣୀର ମୋଟ ୮୯ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଶତକଡା ୯୦ ରୁ ଅଧିକ ରଖିଥିବା ୩୧ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ମେଧାବୃତ୍ତି, ଟ୍ରଫି ଓ ମାନପତ୍ର ବଂଟନ କରାଯାଇଥିଲା। ପୌରାଧ୍ୟକ୍ଷା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷା ସିଷ୍ଟର ସେମା ପିଲାମାନଙ୍କର ଉତ୍ତୋରତ୍ତର କାମନା ପୂର୍ବକ ଏକ ପ୍ରେରଣା ଦାୟକ ଅଭିଭାଷଣ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପରିଚାଳକ ସିଷ୍ଟର ଅର୍ପିତାଙ୍କ ସମେତ ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। କୃତି ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିଜ୍ଞତାକୁ ପିଲାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର କ୍ୟାପଟେନ୍ ତଦାସା ମଲ୍ଲିକ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ଅର୍ପଣ ପରେ ଜାତୀୟ ସଂଗୀତ ଗାନ କରି ସଭା ଉଦ୍‌ଯାପନ କରାଯାଇଥିଲା।

# ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଦାବି ନେଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲା କ୍ରିୟାନୁଷ୍ଠାନ କମିଟି




ନୀଳଗିରି , ୦୮/୦୭ (ନି.ପ୍ର): ଇତିହାସର ପ୍ରଥମ ପୃଷ୍ଠାରେ ସ୍ୱାଧୀନ ଭାରତକୁ ଦେଶୀୟ ଗଡଜାତ ମିଶ୍ରଣର ପଥପ୍ରଦର୍ଶକ ସାଜିଥିବା ନୀଳଗିରି ମାଟି ଚିର ବନ୍ଦନୀୟ ହୋଇରହିବ। ୧୯୨୧ ମସିହାରେ ନୀଳଗିରି ପ୍ରଜାମଣ୍ଡଳ ଗଠନ କରି ରାଜତନ୍ତ୍ର ଓ ବ୍ରିଟିଶ୍ ଶାସନ ବିରୋଧରେ ଆନ୍ଦୋଳନ କରି ଶେଷରେ ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ସ୍ୱାଧୀନ ଭାରତରେ ମିଶ୍ରଣ ହୋଇଥିଲା। ନୀଳଗିରି ପ୍ରଥମ ଗଡଜାତ ଯିଏ କି ଅନ୍ୟ ଦେଶୀୟ ଗଡଜାତ ରାଜ୍ୟକୁ ସ୍ୱାଧୀନ ଭାରତରେ ମିଶ୍ରଣ ପାଇଁ ଦିଗଦର୍ଶନ ଦେଇଥିଲା। ସେତେବେଳେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ରାୟମୂଳେ ନୀଳଗିରି ସମେତ ସମସ୍ତ ଗଡଜାତ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦେବା ପାଇଁ ମଧ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ମାତ୍ର ସ୍ୱାଧୀନତାର ଦୀର୍ଘ ୭୫ବର୍ଷ ପରେ ମଧ୍ୟ ଏବେବି ଅବହେଳିତ ହୋଇ ରହିଛି। ପ୍ରାକୃତିକ ସମ୍ପଦ ଭରା ନୀଳଗିରିରେ ଜଙ୍ଗଲଜାତ କାଠ, ପଥର, ଭିନ୍ନଭିନ୍ନ ଖଣିଜ ସମ୍ପଦ ଓଡ଼ିଶା ସମେତ ସମଗ୍ର ଭାରତବର୍ଷକୁ ଲକ୍ଷ ଲକ୍ଷ କୋଟି ଟଙ୍କା ରାଜସ୍ୱ ଦେଉଥିଲେ ମଧ୍ୟ ଏବେବି ସେଭଳି ଆଖିଦୃଶିଆ ଉନ୍ନତି କିମ୍ବା ବିକାଶ ହୋଇ ପାରିନାହିଁ। ସମସ୍ତ ଭିତ୍ତିଭୂମି ଥାଇ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉ କିମ୍ବା ପ୍ରଶାସନିକ ଅବହେଳା ହେଉ ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଏପର୍ଯ୍ୟନ୍ତ ମିଳିପାରିନାହିଁ। ତେଣୁ ନୀଳଗିରିବାସୀଙ୍କ ଇଚ୍ଛାକୁ ପୂରଣ ପାଇଁ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ଶୁକ୍ରବାର ପୂର୍ବାହ୍ନ ୧୦ଘଟିକା ସମୟରେ ଏକ ସ୍ମାରକ ପତ୍ର ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନସଚିବ, ରାଜସ୍ୱ ସଚିବ, ବାଲେଶ୍ୱର ଜିଲ୍ଲାପାଳଙ୍କୁ ନୀଳଗିରି ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ପ୍ରତିନିଧି ମଣ୍ଡଳୀଙ୍କ ଦ୍ୱାରା ଦାବୀପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ନିରଞ୍ଜନ ବାରିକ, ପୂର୍ଣ୍ଣଚନ୍ଦ୍ର ସିଂ, ସୁରେଶ ଦାସ, ନିରଞ୍ଜନ ଲେଙ୍କା, ଆଇନଜୀବୀ ଦେବେନ୍ଦ୍ର ପଣ୍ଡା, ଗୌରହରି ବେହେରା, ଯତୀନ୍ଦ୍ର ନାୟକ, ଦେବାନନ୍ଦ ଦାସ, ଗଦାଧର ପରିଡ଼ା ପ୍ରମୁଖ ଶତାଧିକ ସଦସ୍ୟ ଉପସ୍ଥିତ ରହି ଦାବୀ ପତ୍ର ପ୍ରଦାନ କରିଥିଲେ।

# ନୀଳଗିରି କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ଉଦ୍‌ଯାପିତ




ନୀଳଗିରି , ୦୮/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ଅବସରରେ ବାଲେଶ୍ୱର ଜିଲ୍ଲା ନୀଳଗିରି କୈଳାଶ ଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଦିନ ବନମହୋତ୍ସବ ପାଳନ ହୋଇଯାଇଛି । ସମାଜସେବୀ ରାଜେନ୍ଦ୍ର କୁମାର ଜେନା ଏହାକୁ ଆୟୋଜନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ରେଞ୍ଜର ଆଏଶା ଏ ନିଶା ଯୋଗ ଦେଇ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣ କରିବା ପାଇଁ ପରାମର୍ଶ ଦେଇଥିବା ବେଳେ ସମାଜ ସେବୀ ରାଜେନ୍ଦ୍ର କୁମାର ଜେନା ପିଲା ମାନଙ୍କୁ ଗୋଟେ ଗୋଟେ ବୃକ୍ଷ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ। ତେବେ ରାଜେନ୍ଦ୍ର କୁମାର ଜେନା ଙ୍କ ପ୍ରୟାସ ରେ ବୃକ୍ଷ ରୋପଣ ଉପରେ ବିଦ୍ୟାଳୟ ରେ ହୋଇଥିବା ଡିବେଟ ପ୍ରତିଯୋଗୀତା ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ ନୀଳଗିରି ରେଞ୍ଜର ଆଏଶା ନିଶା। ଏହି ବନ ମହୋତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ରେଞ୍ଜର, ଶିକ୍ଷକ, ଛାତ୍ର ଛାତ୍ରୀ ଏବଂ ସମାଜସେବୀ ରାଜେନ୍ଦ୍ର କୁମାର ଜେନା ବୃକ୍ଷ ରୋପଣ କରିଥିଲେ। ତେବେ ସମାଜସେବି ରାଜେନ୍ଦ୍ର କୁମାର ଜେନା ଙ୍କ ଏହି ପ୍ରୟାସ କୁ ନୀଳଗିରି ରେଞ୍ଜର,ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ମାନେ ବେଶ ପ୍ରଶଂସା କରିଥିଲେ।

# ୧୧ କେଭି ବିଦ୍ୟୁତ୍ କାମ କରୁଥିବା ବେଳେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

ଫୁଲବାଣୀ, ୦୮/୦୭ (ନି.ପ୍ର): ବିଦ୍ୟୁତ୍ ଆଘାତରେ ଜଣେ ବିଦ୍ୟୁତ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଜିତେନ୍ଦ୍ର ଦାସ (ରବି) । ଗୁରୁବାର ବିଳମ୍ବିତ ରାତିରେ ବର୍ଷା ଯୋଗୁଁ ଫୁଲବାଣୀ ପୌର ପରିଷଦ ଅଂଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ଥିବାବେଳେ ଏହାର ମରାମତି କାମ କରିବା ପାଇଁ ଫୁଲବାଣୀ ନାରାୟଣୀ ରୋଡ଼ ପାଖରେ ଥିବା ୧୧ କେଭି ଖୁଣ୍ଟରେ ବିଦ୍ୟୁତ୍ କାର୍ଯ୍ୟ କରୁଥିବା ବେଳେ ହଠାତ୍ ଆକସ୍ମିକ ଭାବେ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ଜିତେନ୍ଦ୍ର ଦାସ ନାମକ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଫୁଲବାଣୀ ଟାଉନ୍ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କିନ୍ତୁ, ବିଦ୍ୟୁତ୍ ବିଭାଗର କୌଣସି ଉପରିସ୍ଥ ଅଧିକାରୀ ଦେଖା ନ ଦେବାରୁ ମୃତ ପରିବାର ଓ ସ୍ଥାନୀୟ ଲୋକଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ମୃତକଙ୍କ ପରିବାରର ଜଣକୁ ଚାକିରୀ, ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପ୍ରଭୃତି ଦାବିରେ ଗାନ୍ଧୀ ଛକ ଠାରେ ରାସ୍ତାରୋକ୍ କରିଥିଲେ ସ୍ଥାନୀୟ ଉତ୍ୟକ୍ତ ଲୋକେ। ଦୀର୍ଘ ୪ ଘଂଟା ପରେ ପୋଲିସ ବୁଝା ଶୁଝା ପରେ ରାସ୍ତା ରୋକ୍ ହଟିଥିଲା। ମୃତ ବିଦ୍ୟୁତ୍ କର୍ମଚାରୀ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ତାଙ୍କର ଏକ ୫ ବର୍ଷ ଓ ଏକ ୨ ବର୍ଷର ଝିଅ ଅଛନ୍ତି। ଅତ୍ୟନ୍ତ ମେଳାପି ଓ କର୍ମନିଷ୍ଠ ହୋଇଥିବାରୁ ସହରରେ ଏହି ଘଟଣାକୁ ନେଇ ଉତେଜନା ଲାଗି ରହିଛି। ଗତ ରାତିରେ ମେଡିକାଲ ପରିସର ଓ ବିଦ୍ୟୁତ୍ ଅଫିସରେ ମଧ୍ୟ ସ୍ଥାନୀୟ ଲୋକ ବିରୋଧ ପ୍ରଦର୍ଶନ କରିଥିଲେ। ବିଭାଗର ଭୁଲ ପାଇଁ ଏକ ଅମୂଲ୍ୟ ଜୀବନ ଚାଲିଗଲା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଲୋକେ। ଜିଲ୍ଲା ମେଡିକାଲରେ ଆଜି ମରଶରୀର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଅଧିକାରୀ ଅଶୋକ ଗିରି କହିଛନ୍ତି। ଘଟଣାକୁ ନେଇ ଟାଟା ପାୱାର ବିରୋଧରେ ସହରରେ ଜନ ଅସନ୍ତୋଷ ଓ ଉତେଜନା ଲାଗିରହିଛି।

## ଗୁରୁଜୀ ମଧୁସୂଦନ ମହାନ୍ତଙ୍କ ଅକାଳ ବିୟୋଗ

ଚମ୍ପୁଆ, ୦୮/୦୭ (ନି.ପ୍ର): ଚମ୍ପୁଆ ଶିଶୁ ମନ୍ଦିରରେ ନୂତନ ଭାବେ ଯୋଗ ଦେଇଥିବା ଗୁରୁଜୀ ମଧୁସୂଦନ ମହାନ୍ତ (୫୬)ଙ୍କ ଉଚ୍ଚ ରକ୍ତଚାପ ଯୋଗୁଁ ଗତକାଲି ସନ୍ଧ୍ୟା ୭ଟା ୫ ରେ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ଦେହାବସାନ ଘଟିଛି । ସେ ଦୀର୍ଘଦିନ ଧରି ବିଭିନ୍ନ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଭାବେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିବା ସହିତ ଗତ ତା ୨୯-୦୬-୨୩ ରିଖ ଚମ୍ପୁଆ ଶିଶୁ ମନ୍ଦିରରେ ଆଚାର୍ଯ୍ୟଭାବେ ଯୋଗ ଦେଇଥିଲେ । ଜଣେ ସରଳ, ମେଳାପୀ, ଛାତ୍ରବତ୍ସଳ ଓ କର୍ତବ୍ୟ ନିଷ୍ଠ ଗୁରୁଜୀ ଭାବେ ସେ ସମସ୍ତଙ୍କର ପ୍ରିୟ ଥିଲେ । ତାଙ୍କର ଅମର ଆତ୍ମାର ଶାନ୍ତି ପାଇଁ ଆଜି ପରିଚାଳନା ସମିତି ଓ ସମସ୍ତ ଗୁରୁଜୀ ଗୁରୁମା ଶୋକସଭା ପାଳନ କରିବା ସହିତ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିଲା । ଉତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ଉପସଭାପତି ସଦାନନ୍ଦ ଦେହୁରୀ, ସମ୍ପାଦକ ଭୋଳାନାଥ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ସହପ୍ରଧାନ ଆଚାର୍ଯ୍ୟ ବ୍ରଜ କିଶୋର ମହାନ୍ତ ଆଦି ତାଙ୍କର ସ୍ମୃତି ଚାରଣ କରିଥିଲେ। ଯୁଗ୍ମ ସମ୍ପାଦକ ଅଜିତ୍ କୁମାର ରାମ, ସଦସ୍ୟା ପ୍ରଭାସିନୀ ନାଏକ ଓ ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ଭୂତ ଖାଇଗଲା ସୋମଗିରି ପୋଷ୍ଟ ଅଫିସର ଟଙ୍କା: ଶହ ଶହ ଆକାଉଂଟରୁ ଟଙ୍କା ଗାଏବ, ଘେରିଲେ ଲୋକ

ହରିଚନ୍ଦନପୁର, ୦୮/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆଦିବାସୀ ବହୁଳ ହରିଚନ୍ଦନପୁର ବ୍ଲକ ବୁଢ଼ାଖମଣ ପଂଚାୟତ ସୋମଗିରି ପୋଷ୍ଟ ଅଫିସରେ ଶହ ଶହ ଆକାଉଂଟରୁ ଲକ୍ଷ ଲକ୍ଷ ଟଙ୍କା ଚଲୁ କରାଯାଇଥିବା ଅଭିଯୋଗ ହୋଇଛି । ଖବର ମୁତାବକ, ସୋମଗିରି ଗ୍ରାମର ପୋଷ୍ଟ ମାଷ୍ଟର ପୂର୍ଣ୍ଣଚନ୍ଦ୍ର ପାତ୍ର ନିଜ ଘରେ ପୋଷ୍ଟ ଅଫିସ କରି କାର୍ଯ୍ୟ ଚଳାଇଥିଲେ । ଦୀର୍ଘ ବର୍ଷ ଧରି ଶହ ଶହ ଗରିବ ଲୋକଙ୍କ ଆକାଉଂଟରୁ ସେ ଲକ୍ଷାଧିକ ଟଙ୍କା ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି । ଗ୍ରାମର ଅକ୍ଷୟ କୁମାର ମହାକୁଡ଼ଙ୍କ ଆକାଉଂଟରେ ୩୦ ହଜାର ରହିବା ବଦଳରେ ମାତ୍ର ୧୪ ଶହ ଟଙ୍କା ଆକାଉଂଟରେ ରହିଛି । ତାଙ୍କୁ ସନ୍ଦେହ ହେବାରୁ ସେ ନିଜ ଆକାଉଂଟକୁ ଜଙ୍ଘିରା ପୋଷ୍ଟ ଅଫିସରେ ଚେକ୍ କରିବା ପରେ ସଠିକ୍ ଖବର ଜାଣିବାକୁ ପାଇଥିଲେ । ଆକାଉଂଟରେ ଟଙ୍କା ନଥିବାରୁ ସେ ଯାଇ ପୋଷ୍ଟ ମାଷ୍ଟର ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ଧମକ ମିଳିଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ବୁଢ଼ାଖମଣ, ଜଙ୍ଘିରା, ହୁଣ୍ଡା, ପଂଚାୟତର ଶହ ଶହ ଲୋକଙ୍କ ଆକାଉଂଟରୁ ଟଙ୍କା ଗାଏବ ହୋଇଛି । ତାଙ୍କ ପାଖରୁ ଖବର ଜାଣିବା ପରେ ବାବୁଲା ମହାନ୍ତଙ୍କ ୨ ଲକ୍ଷ ୪୦ ହଜାରରୁ ୪୨ ହଜାର ଆକାଉଂଟରେ ଅଛି । ସେହିପରି ବିରଂଚି ବାରିକଙ୍କ - ସୁକନ୍ୟା ଯୋଜନାରେ ୪୦ ହଜାରରୁ ୧୫ ହଜାର ଅଛି, ଗିରିଧାରୀ ମହାନ୍ତଙ୍କ - ୧ ଲକ୍ଷ ୫୬ରୁ ୨୪ ହଜାର ଅଛି, ମଞ୍ଜୁଲତା ମହାନ୍ତଙ୍କ - ୫୬ ହଜାରରୁ ୧୨ ହଜାର, ରଶ୍ମିତା ମହାନ୍ତଙ୍କ - ୯୭ ହଜାର ରୁ ୬ ହଜାର, କେକିଳ ମହାନ୍ତଙ୍କ - ୭୦ ହଜାରରୁ ୭ ହଜାର, ତପନ ରାଉତଙ୍କ - ୨୨ହଜାରରୁ ପୁରା ଖାଲି, ଦିନବନ୍ଧୁ ମହାନ୍ତଙ୍କ - ୮୦ ହଜାର ରୁ ୮ ହଜାର ୯୬୦, ମିଲୁ ବାରିକଙ୍କ ୯୮ ହଜାର ୨୨୪ ରୁ ୫୦୦୦ ହଜାର, ସବିତା ମହାକୁଡ଼ଙ୍କ -୧ ଲକ୍ଷ ୧୦ ହଜାରରୁ ୨ ହଜାର, ବିସିକେଶନ ପଲେଇଙ୍କ ୧ ଲକ୍ଷରୁ ୯ ଶହ ଟଙ୍କା ଆକାଉଂଟରେ ରହିଥିବା ସୂଚନା ରହିଛି । ସେହିପରି ଶହ ଶହ ଆଦିବାସୀ ଲୋକଙ୍କ ଆକାଉଂଟ ଖାଲି ଥିବା ଅଭିଯୋଗ ହୋଇଥିବା ବେଳେ ଆଜି ପୋଷ୍ଟ ଅଫିସ କାର୍ଯ୍ୟାଳୟକୁ ଶହ ଶହ ଉପଭୋକ୍ତା ଘେରାଉ କରିଥିଲେ । ଅଧିକାଂଶ ଲୋକଙ୍କ ୨୦୧୮ ମସିହା ଠାରୁ ଆକାଉଂଟ ଖୋଲା ହୋଇଥିବା ସତ୍ତ୍ୱେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ପାସବହି ମିଳିନଥିବା କାରଣରୁ ସେମାନଙ୍କ ଆକାଉଂଟର ଅବସ୍ଥା କ'ଣ ରହିଥିବ ତାହା ସନ୍ଦେହଘେରରେ । ଏହାର ସଠିକ ତଦନ୍ତ କରାଗଲେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ଯଥାଶୀଘ୍ର ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଇବାକୁ ପାଇଁ ଏ ଅଂଚଳର ବୃଦ୍ଧିଜୀବି ମହଲରେ ଦାବି ହୋଇଛି ।

# ମାହେଶ୍ୱରୀ ସଂଗଠନ ମହିଳା ଶାଖା ତରଫରୁ ସପ୍ତାହ ବ୍ୟାପି ବନମହୋତ୍ସବ

ବଲାଙ୍ଗୀର, ୦୮/୦୭ (ନି.ପ୍ର): ବଲାଙ୍ଗିର ମାହେଶ୍ୱରୀ ସଂଗଠନ ମହିଳା ଶାଖା ତରଫରୁ ସପ୍ତାହ ବ୍ୟାପି ବନମହୋତ୍ସବ ୨୦୨୩ କୁ ନିଆର ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ପାଳନ କରାଯାଇଥିଲା। ନାଚଗୀତ ମାଧ୍ୟମରେ ଛୋଟ ଛୋଟ ପିଲାଙ୍କୁ ଆକୃଷ୍ଟ କରି ତଥା ଚାରାରୋପଣ କରି ପରିବେଶ ସୁରକ୍ଷା ଦିଗରେ ସଚେତନ କରାଯାଇଥିଲା। ଆଜି ଶେଷ ଦିନରେ ସହରର ଗାନ୍ଧି ପାଠାଗାର ଭାଗିରଥି ଛକ ପାଖରୁ ଅନୁଷ୍ଠାନ ତରଫରୁ ଏକ ବିଶାଳ ସାଇକେଲ ର ?ୟାଲିର ଆୟୋଜନ ହୋଇଥିଲା ଏଥିରେ ଉଭୟ ମହିଳା ଶାଖା ତଥା ପୁରୁଷ ସ୍ୱେଚ୍ଛାସେବୀଙ୍କ ସହ ଅନେକ ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ତଥା ପରିବେଶ ପ୍ରେମୀ ଯୋଗ ଦେଇଥିଲେ। ସଚେତନତା ଓ ସମ୍ଭାବନାର ପର୍ବ ବନୋମହୋତ୍ସବ ଏହି ସ୍ଲୋଗାନ ମାଧ୍ୟମରେ ଲୋକଙ୍କ ନିକଟତର ହେବାର ସୁନ୍ଦର ପ୍ରୟାଶ କରିଥିଲେ। ସାଇକେଲ ବ୍ୟବହାର ମାଧ୍ୟମରେ ଆମେ ପ୍ରଦୂଷଣ କମ କରିବା ସହ ଶାରିରିକ ବ୍ୟାୟମ ମଧ୍ୟ ହେବ, ଏହା ମଧ୍ୟ ଏହି ର୍ୟାଲିର ଏକ ଉଦ୍ଦେଶ୍ୟ ଥିଲା।

# ବଲାଣି ଖଣି ସମ୍ମୁଖରେ ନାଏବ ସରପଂଚଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ପ୍ରସଙ୍ଗରେ ନୂଆ ମୋଡ଼

ବଲାଣି, ୦୮/୦୭ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ବଲାଣି ଖଣି ମୁଖ୍ୟ ଫାଟକ ସମ୍ମୁଖରେ ବିଭିନ୍ନ ଦାବି ନେଇ ବାଲାଗୋଡ଼ା ପଂଚାୟତର ନାଏବ ସରପଂଚ ଲକ୍ଷୀନ୍ଦର କୌରଙ୍କ ନେତୃତ୍ୱରେ ଗତ ସୋମବାର ଠାରୁ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ ନୂତନ ମୋଡ଼ ନେଇଛି। ଶୁକ୍ରବାର ବଲାଣି ସରପଂଚ ମୁଗା ମୁଣ୍ଡା, ବାଲାଗୋଡ଼ା ସରପଂଚଙ୍କ ପ୍ରତିନିଧି ଅମ୍ରିତ ଖୁଣ୍ଟିଆ, ଏ ଆଇ ଟି ୟୁ ସି ଶ୍ରମିକ ସଂଗଠନ ବଲାଣି ଶାଖାରର ସାଧାରଣ ସମ୍ପାଦକ ଅରବିନ୍ଦ ସାହି, ଏଚ ଏମ ଏସ୍ ଶ୍ରମିକ ସଂଗଠନ ବଲାଣି ଶାଖାର ସାଧାରଣ ସମ୍ପାଦକ ହେମନ୍ତ ଖଟୁଆ ଶତାଧିକ ସଂଖ୍ୟାରେ ନିଜ ନିଜ ସମର୍ଥକଙ୍କ ସହ ଆନ୍ଦୋଳନ ସ୍ଥଳରେ ପହଂଚିବା ପରେ ନାଏବ ସରପଂଚ ଗୋଷ୍ଠୀ ଆନ୍ଦୋଳନ ସ୍ଥଳରୁ ଛତ୍ରଭଙ୍ଗ ଦେଇଥିବା ଦେଖାଦେଇଛି। ଦୁଇ ପଂଚାୟତର ସରପଂଚ ଓ ଶ୍ରମିକ ସଂଗଠନର ନେତାମାନଙ୍କ ସମର୍ଥକ ମାନେ ଆନ୍ଦୋଳନ ସ୍ଥଳକୁ ଜଗି ରହିଥିବା ବେଳେ ଉଭୟ ପଂଚାୟତର ସରପଂଚ ଓ ଉଭୟ ଶ୍ରମିକ ସଂଗଠନ ର ନେତା ବଲାଣି ଖଣି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଓ ବାହାରକୁ ଆସି ନାଏବ ସରପଂଚଙ୍କ ଦ୍ୱାରା ହେଉଥିବା ଆନ୍ଦୋଳନ ଅସଙ୍ଗତ ଓ ଅସାମ୍ବାଧନିକ ବୋଲି ଗଣ ମାଧ୍ୟମକୁ କହିଥିଲେ। ଅନ୍ୟପକ୍ଷରେ ନାଏବ ସରପଂଚଙ୍କ ନେତୃତ୍ୱରେ ହେଉଥିବା ଆନ୍ଦୋଳନ ବିନା ଫଇସଲାରେ ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ତେବେ ଏ ନେଇ ନାଏବ ସରପଂଚଙ୍କ ନେତୃତ୍ୱରେ ହେଉଥିବା ଆନ୍ଦୋଳନରେ ଉପସ୍ଥିତ ଥିବା ନେତୃବୃନ୍ଦଙ୍କ ପକ୍ଷରୁ କୌଣସି ସଦସ୍ୟ ଆନୁଷ୍ଠାନିକ ଭାବରେ କୌଣସି ବୟାନ ଦେଇନଥିବାବେଳେ ଆନ୍ଦୋଳନକାରୀ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ବଲାଣି ଖଣି କର୍ତ୍ତୃପକ୍ଷଙ୍କୁ ଦେଇ ଆନ୍ଦୋଳନରୁ ପ୍ରତ୍ୟାହୃତ ହୋଇଛନ୍ତି ବୋଲି ସୂଚନା ରହିଛି । ପ୍ରକାଶ ଥାଉକି ବଲାଣି ଖଣିରେ ବିଭିନ୍ନ ପଦରେ ସ୍ଥାୟୀ ନିଯୁକ୍ତିରେ ବାହାର ରାଜ୍ୟର ଯୁବକଙ୍କୁ ନିଯୁକ୍ତି ପ୍ରଦାନ ବିରୋଧ ସହିତ ଠିକା ନିଯୁକ୍ତିରେ ବିଭିନ୍ନ ଶ୍ରମିକ ସଂଗଠନ ଓ ଦୁଇ ପଂଚାୟତର ସରପଂଚଙ୍କ ସୁପାରିଶ କ୍ରମେ ନିଯୁକ୍ତି ପ୍ରଦାନରେ ଅର୍ଥ କାରବାର ହେଉଥିବା ଅଭିଯୋଗ ସହ ଗୁରୁଦ୍ୱାରା ଠାରୁ କୂଟନ ଛକ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ଓ ବଲାଣି ଖଣିର ନିଜସ୍ୱ ବିଦ୍ୟାଳୟ ଡି ଏ ଭି ବଲାଣି ସ୍କୁଲରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଘୋର ଅଭାବକୁ ଦୂର କରିବାକୁ ଯଥାଶୀଘ୍ର ଖାଲି ପଡିଥିବା ସ୍ଥାନରେ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଦାବିରେ ନାଏବ ସରପଂଚ ଲକ୍ଷୀନ୍ଦର କୌରଙ୍କ ନେତୃତ୍ୱରେ ସ୍ଥାନୀୟ ଶତାଧିକ ମହିଳା ଓ ପୁରୁଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଲାଣି ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ ରେ ବସିଥିଲେ। ତେବେ ଶୁକ୍ରବାର ମଧ୍ୟାହ୍ନ ରେ ସରପଂଚ ଗୋଷ୍ଠୀ ଓ ଶ୍ରମିକ ସଂଗଠନର ସମର୍ଥକ ମାନେ ଘଟଣା ସ୍ଥଳରେ ପହଂଚିବା ପରେ ଆନ୍ଦୋଳନକାରୀ ଘଟଣାସ୍ଥଳରୁ ଦୁରେଇ ଯାଇଥିଲେ। ଅନ୍ୟ ପକ୍ଷରେ ଉଭୟ ସରପଂଚ ଠିକା କର୍ମଚାରୀ ନିଯୁକ୍ତିରେ ଅର୍ଥ କାରବାର ଅଭିଯୋଗକୁ ସିଧା ସଳଖ ଖଣ୍ଡନ କରିଥିବା ବେଳେ ଠିକା ନିଯୁକ୍ତିରେ ସରପଂଚଙ୍କ ସୁପାରିଶ ନ୍ୟାୟ ସଙ୍ଗତ ବୋଲି ବଲାଣି ଓ ବାଲାଗୋଡ଼ା ସରପଂଚ କହିଛନ୍ତି।

# ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



ଭଦ୍ରକ, ୦୮/୦୭ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷରୁ କେଶପୁର ହରିବୋଲ କ୍ଷେତ୍ରରେ ଅନୁଷ୍ଠିତ ମହାପ୍ରଭୂଙ୍କ ବାହୁଡ଼ା ଯାତ୍ରା ସମେତ ବିଭିନ୍ନ ଧାର୍ମିକ ସ୍ଥାନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମିତିର ଆବାହକ ସେବକ ଶରତ କୁମାର ସାହୁଙ୍କ ନେତୃତ୍ୱରେ ରଥଯାତ୍ରା ପରି ବାହୁଡ଼ା ଯାତ୍ରାରେ ସମିତିର ପ୍ରମୁଖ ପବଚକ ବିଶ୍ୱମୈତ୍ରୀ ନାୟକ, ସୁଶ୍ରୀ ତପସ୍ୱିନୀ ପାଢ଼ୀ, ଲଳିତ ମୋହନ ମିଶ୍ର, ସଦାନନ୍ଦ ପାଣିଗ୍ରାହୀ, ପୁଷ୍ପଲତା ପଣ୍ଡା, ହରିହର ଦାସ, ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି, ତଥ୍ୟ, ତତ୍ତ୍ୱ, ଦର୍ଶନ ଓ ମହାପ୍ରଭୂଙ୍କ ମାନବୀୟ ଲୀଳାରେ ସାମାଜିକ ସଚେତନତାକୁ ନେଇ ସେମାନଙ୍କ ଧାରା ବିବରଣୀ ପ୍ରଦାନ କରିଥିଲେ। ସମିତିର ସହ ଅନୁବନ୍ଧିତ ହୋଇଥିବା ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟରୁ ସୁରେନ୍ଦ୍ର କୁମାର ନାୟକଙ୍କ ତ୍ତ୍ୱବଧାନରେ ଭଦ୍ରକ ଜିଲ୍ଲାର ଶ୍ରୀ ପଞ୍ଚସଖା ସଂକୀର୍ତ୍ତନ ମଣ୍ଡଳୀ, ଶ୍ରୀ ଗୋପାଳଜୀଉ, ଜୟ ମା'ଦୁର୍ଗା, ମା' ଖରାଖାଇ, ରସିକ ଜୀଉ, ମୁକ୍ତେଶ୍ୱର ଓ ବାଲେଶ୍ୱର ଜିଲ୍ଲା ପକ୍ଷରୁ ଶ୍ରୀକ୍ଷେତ୍ରବାସିନୀ, ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳୀ, ନିଳମଣୀ ସଂକିତ୍ତନ ମଣ୍ଡଳୀ ଯୋଗଦାନ କରି ବାହୁଡ଼ା ଯାତ୍ରା ଶେଷ ପର୍ଯ୍ୟନ୍ତ ସଂକୀର୍ତ୍ତନ ସେବା ପ୍ରଦାନ କରିଥିଲେ। ଏହା ପରିବେଶକୁ ଅଧିକ ଭାବମୟ କରି ଗଢ଼ି ତୋଳିଥିଲା। ବାହୁଡ଼ା ଯାତ୍ରା ଅବସରରେ ସୋର ନିକଟବର୍ତ୍ତୀ ଏକ ପ୍ରବଚନ ମଞ୍ଚରେ ସୁଶ୍ରୀ ତପସ୍ୱିନୀ ପାଢ଼ୀ, ବ୍ରଜ କିଶୋର ପାଢ଼ୀ, ଶରତ କୁମାର ସାହୁ, ହିମାଂଶୁ ଭୂଷଣ ସେନାପତି, ପ୍ରହଲାଦ ଜେନା ପ୍ରମୁଖ ଯୋଗଦାନ କରି ମହାପ୍ରଭୂଙ୍କ ମାନବୀୟ ମାହାତ୍ମ୍ୟ ଓ ତା'ର ଆଧ୍ୟାତ୍ମିକ ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୯ ଜୁଲାଇ ୨୦୨୩
email :
rabibarachayan2015@gmail.com

ରବିବାର ଚୟନ
ପୃଷ୍ଠା ୩
......ସୁଚୟନ ସୁଚୟନ ସୁଚୟନ......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ ଉପନ୍ୟାସ

# ବୈଦେହୀ



ଡ.ଭାଗବତ

ଭାଗ-୧୦
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

କିଛିସମୟ ଏମିତି ସମ୍ମୋହିତ ହୋଇ ରହିଯିବା ପରେ ମୁଁ ଅନୁଭବ କଲି ତାଙ୍କ ଚକ୍ଷୁଦୁଇଟି ମୋ ନେତ୍ର ପଟରୁ ହଟିଯାଉଛି । ବ୍ୟସ୍ତ ହୋଇଉଠିଲି ମୁଁ । ତଳକୁ ଦୃଷ୍ଟି ପଡ଼ିଲା । ଦେଖିଲି ତାଙ୍କ ପଛରେ ଥିବା ଗୌରବର୍ଣ୍ଣର ଯୁବକ ଜଣକ ତାଙ୍କୁ ଶରମୂନରେ ଆଘାତ କରି କ'ଣ କହୁଛନ୍ତି । ତାଙ୍କ ଆଗରେ ଥିବା ମହର୍ଷି କିଛି ଦୂର ଆଗେଇ ଗଲେଣି । ଗୌରବର୍ଣ୍ଣ ଯୁବକର ଶରମୂନର ତାଡ଼ନାରେ ସେ ଧୀରେଧୀରେ ଆଗକୁ ପାଦ ପକାଇଥିଲେ । ମୋ ନେତ୍ରରୁ ତାଙ୍କ ନେତ୍ରଛବି ଅନ୍ତର୍ହିତ ହେବାକ୍ଷଣି ମୁଁ ରାମନାମ ଧରି ତଳେ ବସିପଡ଼ିଥିଲି ।

ହସିହସି ମୋ ନିକଟକୁ ଧାଇଁଆସି ଶ୍ରୁତକୀର୍ତ୍ତି ଆଉ ମାଣ୍ଡବୀ କହିଥିଲେ, ତୋର କ'ଣ ହେଲା କିଲୋ ଅପା । ପଥର ମୂର୍ତ୍ତିଟାଏ ପରି ତୁ ତାଙ୍କୁ ଅନାଇ ରହିଥିଲୁ । ସେ ବି ତୋତେ ଅନାଇ ରହିଥିଲେ । ସେ ତୋତେ ଏମିତି ଦେଖିଲେ ଯେ କିଛିସମୟ ପାଦ ତାଙ୍କର ଅଟକିଗଲା ରାଜଦାଣ୍ଡରେ । ତାଙ୍କ ସାନଭାଇ ତାଙ୍କୁ ଶରମୂନରେ ଆଘାତ ଦେବାରୁ ସେ ପାଦ ଉଠାଇଲେ । ତୋ' ଭଳି ଉର୍ମିଳା ମଧ୍ୟ ସେ ଗୌରବର୍ଣ୍ଣର ଯୁବକ ଉପରକୁ ଫୁଲ ଫିଙ୍ଗିଦେଇ ଅନାଇ ରହିଥିଲା । ତୁମ ଦୁଇଜଣଙ୍କର କ'ଣ ହେଲାକି ଅପା । ତୁ ତ ତାଙ୍କୁ ଦେଖି ଖୁଣ୍ଟଭଳି ଛିଡ଼ା ହୋଇ ରହିଲୁ । ସତରେ କ'ଣ ସେ ଶ୍ୟାମଳବର୍ଣ୍ଣର ସୁନ୍ଦର, ସୁଠାମ, ଲହୁଣୀର କାନ୍ତି ଭଳି କୋମଳ, ନୀଳ ତମାଳ ଭଳି ସୁନ୍ଦର, ରାମ ପୁଷ୍ପ ଉପରେ ତୋ ମନ ଭଅଁର ଯାଇ ଲାଖିଯାଇଛି ?

ମାଣ୍ଡବୀ, ଶ୍ରୁତକୀର୍ତ୍ତି, ତୁମେମାନେ ମୋତେ କିଛି ପଚାରନାହିଁ । ମୋତେ ଭିତର ପୁରକୁ ନେଇ ଚାଲ । ଯଦି ପାରୁଛ ମୋତେ ସେ ସ୍ୱୟମ୍ବର ସ୍ଥଳକୁ ନେଇଚାଲ ।

ତୁ ପାଗଳ ହେଲୁକି ଅପା ? ସେଠାରେ ଆମକୁ ଦେଖିଲେ ଲୋକେ କ'ଣ ଭାବିବେ ? ପିତା କ'ଣ କହିବେ ? ତୁ କ'ଣ ଅଲାଜୁକୀ ହୋଇଗଲୁକି ଅପା ?

ହଁ ମାଣ୍ଡବୀ । ମୁଁ ଅଲାଜୁକୀ ହୋଇଗଲି । କାହିଁକି ସେ ସୁପୁରୁଷକୁ ମୁଁ ନୟନରେ ଦେଖିଲି ? କାହିଁକି ସେ ତାଙ୍କ ଚକ୍ଷୁକୁ ମୋ ଚକ୍ଷୁ ସହିତ ମିଶାଇ ଦେଲେ । ଶ୍ରୁତକୀର୍ତ୍ତି, ଉର୍ମିଳା ତୁମେମାନେ ଯାଇ ପିତାଙ୍କୁ କହି ଏ ସ୍ୱୟମ୍ବର ଉତ୍ସବକୁ ସ୍ଥଗିତ ରଖ ।

ଅପା ! ପାଟିକରି ଉଠିଥିଲା ମାଣ୍ଡବୀ । ତୁ ଏ କ'ଣ କହୁଛୁ । ମୁଁ ତୋ ମନକୁ ପଢ଼ି ସାରିଲିଣି । ନୟନାଭିରାମ ରାମଙ୍କୁ ଦେଖି ତୁ ତାଙ୍କ ନିକଟରେ ତୋର ମନ ପ୍ରାଣକୁ ବିକି ଦେଇ ସାରିଲୁଣି । ଉର୍ମିଳା ମଧ୍ୟ ତାଙ୍କ ଭାଇ ଲକ୍ଷ୍ମଣ ନିକଟରେ ବନ୍ଧା ପଡ଼ିଗଲାଣି । ଏହା ମୁଁ ଜାଣିପାରୁଛି ଅପା । ଏକଥା ମଧ୍ୟ ଜାଣିପାରୁଛି ସେହି ମର୍ଯ୍ୟାଦା ପୁରୁଷ ଉତ୍ତମ ରାମଚନ୍ଦ୍ର ହିଁ ପିତାଙ୍କ ସ୍ଥାପିତ ଶିବଧନୁକୁ ଭାଂଗି ତୋତେ ପ୍ରାପ୍ତ ହେବେ ।

ମାଣ୍ଡବୀ ! ମୋ କଣ୍ଠ ଆର୍ଦ୍ର ହୋଇ ଆସୁଥାଏ ।

ହଁ ଅପା । ତୁ ପରା ଶୁଣିଲୁ ତାଙ୍କ ପାଦ ବାଜି ପଥରଟିଏ ଦିବ୍ୟ ନାରୀର ରୂପ ପାଇ ପାରିଛି । ଯାହାଙ୍କ ପାଦରେ ଏତେ ଶକ୍ତି ଏତେ ପ୍ରୀତି ପୂର୍ଣ୍ଣ ହୋଇ ରହିଛି, ତାଙ୍କ ହସ୍ତରେ କି ଶକ୍ତି, କି ତେଜ, କି ଭାବ ନଥିବ ଅପା । ସେ ତୋ ଆଖି ସହିତ ଆଖି ମିଳାଇ ତୋର ରୂପସୁଧା ପାନକରି ନିଜକୁ ସାର୍ଥକ କରାଇ ନେଇଛନ୍ତି । ସେ ନିଶ୍ଚୟ ଶିବଧନୁ ଭାଂଗି ତୋ ଗଳାରେ ପିନ୍ଧାଇ ଦେବେ ବରଣମାଳା । ତୁ ଚିନ୍ତାକରନା ଅପା । ତୁ ତ ସବୁଦିନେ ହରଗୌରୀଙ୍କୁ ପୂଜାକରି ଆସିଛୁ । ତାଙ୍କୁ ମନପ୍ରାଣ ଦେଇ ଡାକ । ସେହି ହରଙ୍କର ଧନୁ ତ ସ୍ୱୟମ୍ବରରେ ଶୋଭା ପାଉଛି । ସେ ନିଶ୍ଚୟ ଶିବଧନୁ ଭାଂଗିବେ ।

ମାଣ୍ଡବୀ କଥା ଶୁଣି ମୁଁ କାନ୍ଦିକାନ୍ଦି କହିଥିଲି ମାଣ୍ଡବୀ, ଶ୍ରୁତକୀର୍ତ୍ତି ମୁଁ ସେହି ହରଗୌରୀଙ୍କ ନାମ ନେଇ ଶପଥ କରି କହୁଛି, ରାମଚନ୍ଦ୍ରଙ୍କ ବ୍ୟତିରେକେ ଆଉ କେହି ଯଦି ଶିବଧନୁ ଭାଂଗିବାକୁ ସମର୍ଥ ହୁଅନ୍ତି, ତାହେଲେ ମୁଁ ତାଙ୍କ ଗଳାରେ ବରଣମାଳା ଦେବା ପୂର୍ବରୁ ଆତ୍ମା ମୋର ଏ ପିଣ୍ଡ ଛାଡ଼ି ଚାଲି ଯାଇଥିବ ।

ଅପା

ହଁ ମାଣ୍ଡବୀ । ଏହା ମୋର ସତ୍ୟ, ସତ୍ୟ, ତ୍ରିବାର ସତ୍ୟ ।

ମୋ କଥା ଶୁଣି ଉର୍ମିଳା କହିଥିଲା, କାହିଁକି ଏତେବଡ଼ ଶପଥ ନେଲୁ ଅପା । ସତରେ ଯଦି ରାମଚନ୍ଦ୍ର ଶିବଧନୁ ଭାଂଗି ନପାରନ୍ତି....

ତାହେଲେ ମୁଁ ଚନ୍ଦ୍ର, ସୂର୍ଯ୍ୟ, ଦଶଦିଗପାଳଙ୍କୁ ସାକ୍ଷୀରଖି ସତ୍ୟ କରି କହୁଛି ଉର୍ମିଳା, ଏ ପାପ ପିଣ୍ଡକୁ ମୁଁ ବିସର୍ଜନ ଦେବି । କାୟମନୋବାକ୍ୟରେ ମୁଁ ତାଙ୍କୁ ବର ଲକ୍ଷ୍ମଣଙ୍କୁ ଦେବର ପଦରେ ବରଣ କରି ସାରିଛି । ଏହା ସୀତାର ବଚନ । ଏ ବଚନ କେବେ ଅନ୍ୟଥା ହେବନାହିଁ ।

ମୋ ଶପଥ ଶୁଣି ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତିଙ୍କୁ ଡାକି କହିଥିଲା, ଅପାକୁ ଅନ୍ତଃପୁର ମଧ୍ୟକୁ ନେଇଚାଲ । ଏକଥା ଆମେ ତିନିଭଉଣୀ ଜାଣିଲୁ । ସାବଧାନ, ଏକଥା ଯେମିତି ଅନ୍ୟ କେହି ନ ଜାଣନ୍ତି । ଶ୍ରୁତକୀର୍ତ୍ତି, ମାଣ୍ଡବୀ ମୋତେ ଆଣି ମୋ ଶୟନ କକ୍ଷରେ ପହଞ୍ଚାଇ ଦେଇ ଯାଇଥିଲେ । ସେମାନେ ମଧ୍ୟ ସେଦିନ ରାତିରେ ମୋତେ ଜଗି ରହିଥିଲେ । ରାତିଯାକ ମୁଁ ଉଜାଗରରେ କଟାଇଥିଲି ସୁଧାମୟୀ । ରାମଙ୍କର ସେହି କମନୀୟ, ନମନୀୟ ଛବି ମୋ ନୟନ ଯୁଗଳରେ ସଦା ନାଚି ଉଠୁଥିଲା । ରାତିଯାକ ମୁଁ ଶିବ ପାର୍ବତୀଙ୍କୁ ପ୍ରାର୍ଥନା କରିବାକୁ ଲାଗିଲି, ହେ ଦେବଦେବ ମହାଦେବ, ହେ ମହାଯୋଗୀ ମହେଶ୍ୱର, ହେ କୈଳାସପତି ଶଙ୍କର, ହେ ମା' ଉମା, ଭବାନୀ, ପାର୍ବତୀ ଏ ଅଭାଗିନୀକୁ ଦୟାକର ହରଗୌରୀ । ଏ ଜୀବନରେ ସୀତା ତୁମକୁ କିଛି ମାଗିନାହିଁ । ଆଜି ଏହି ଗୋଟିଏ ବର ପ୍ରାର୍ଥନା କରୁଛି, ଦଶରଥ ନନ୍ଦନ ରାମଚନ୍ଦ୍ର ଯେମିତି ଏ ସ୍ୱୟମ୍ବର ସଭାରେ ଧନୁଭଗ୍ନ କରି ମୋତେ ଜିଣି ନିଅନ୍ତୁ । ମୋର ଏହି ଗୋଟିକ ପ୍ରାର୍ଥନା ପୂର୍ଣ୍ଣ କରନ୍ତୁ ମହେଶ୍ୱର, ପୂର୍ଣ୍ଣ କରନ୍ତୁ ମାଆ ପାର୍ବତୀ ।

ଏମିତି ଶିବ ପାର୍ବତୀଙ୍କୁ ଭଜିଭଜି, ନୟନାଭିରାମ ଅଭିରାମ ରାମଚନ୍ଦ୍ରଙ୍କ ଛବିକୁ ହୃଦୟ କନ୍ଦରେ ଆଙ୍କି, ପ୍ରଭାତ ହେବା ପୂର୍ବରୁ ସ୍ନାନକରି ସେହି ସ୍ନାନ ଲୁଗା ପିନ୍ଧି ମୁଁ ଧାଇଁ ଯାଇଥିଲି ଶିବପାର୍ବତୀଙ୍କ ମନ୍ଦିରକୁ, ଶେଷଥର ପାଇଁ ମୋ ମନର ଆକୁଳ ଆବେଦନ ତାଙ୍କୁ ସମର୍ପଣ କରିଦେବା ପାଇଁ । ମନ୍ଦିର ଦ୍ୱାରଦେଶରେ ପହଞ୍ଚିବାବେଳକୁ ପୂଜକ ମହୋଦୟ ମନ୍ଦିର ଦ୍ୱାର ଖୋଲୁଥା'ନ୍ତି । ମୋତେ ଦେଖି ସେ ଆଚମ୍ବିତ ହୋଇ ପ୍ରଶ୍ନ କରିଥିଲେ, "ମା' ସୀତେ ! ପ୍ରଭାତ ନହେଉଣୁ ତୁମେ ସ୍ନାନକରି ଆଜି ଏକାକୀ କେମିତି ମନ୍ଦିରକୁ ଆସିଛ । ତୁମକୁ ତ ଏମିତି କେବେ ମନ୍ଦିରକୁ ଆସିବାର ମୁଁ ଦେଖିନାହିଁ ?" ପୂଜକଙ୍କୁ କିଛି ନକହି ମୁଁ ହରପାର୍ବତୀଙ୍କ ପାଦତଳେ ଲୋଟି ପଡ଼ିଥିଲି । ମୋ ମନର ଭାବନାକୁ ଚକ୍ଷୁର ଲୁହରେ ତାଙ୍କୁ ବାଢ଼ିଦେଇ ପ୍ରାର୍ଥନା କରିଥିଲି, "ହେ ପ୍ରଭୁ ମହେଶ୍ୱର, ହେ ମାଆ ଭବାନୀ ଆଜି ମୋ ପାଇଁ ସ୍ୱୟମ୍ବର ଉତ୍ସବ ପାଳିତ ହେଉଛି । ଏ ସ୍ୱୟମ୍ବର ସଭାକୁ ଅନେକ ରାଜା ମହାରାଜା ମାନେ ଆସିଛନ୍ତି । ପିତା ମୋର ପାତିଛନ୍ତି ଆପଣଙ୍କ ଦିଆ ଧନୁ । ସେ ଧନୁକୁ ଯିଏ ଭଗ୍ନ କରିବ ସେ ହେବେ ମୋର ପତି । ମୁଁ କିନ୍ତୁ କାଲି ଅଯୋଧ୍ୟାର ରାଜପୁତ ରାମଚନ୍ଦ୍ରଙ୍କୁ ମନେମନେ ପତି ପଦରେ ବରଣ କରିସାରିଛି । (କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର

# ଗଂଗାଧରଙ୍କ ଜନ୍ମଗୃହ ଜାତୀୟକରଣ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



(ପୂର୍ବ ପ୍ରକାଶିତ ଉତ୍ତାରୁ) ଏଇ ଗୋଟିଏ ବାକ୍ୟ ହିଁ ଥିଲା ଯଥେଷ୍ଟ ଯେ ପୂର୍ବରୁ ସରକାରୀ ସ୍ତରର ଯେଉଁ ଅଧିକାରୀମାନେ ଆସିଥିଲେ ସେମାନେ ଗୃହ ଜାତୀୟକରଣ ସମ୍ପର୍କରେ ସକାରାତ୍ମକ ଚିତ୍ର ଦେବାରେ ହୋଇଥିଲେ କୁଣ୍ଠିତ ଆଉ ଏହା ମଧ୍ୟ ପ୍ରତ୍ୟକ୍ଷ ଭାବରେ ପ୍ରମାଣିତ ହୋଇଗଲା ଯେ ନିତ୍ୟାନନ୍ଦ ମହାପାତ୍ର କବି-ଗୃହ ଦେଖି ହୋଇଛନ୍ତି ସମ୍ପୂର୍ଣ୍ଣ ଆହ୍ଲାଦିତ ।

ଯେପରି ଆଦର ସତ୍କାର ସହକାରେ ନିତ୍ୟାନନ୍ଦ ମହାପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା ବରପାଲିରେ ଠିକ୍ ସେହିପରି ବିଦାୟ କାଳୀନ ବେଳାରେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ କବିପୁତ୍ରଙ୍କ ସମେତ ସମସ୍ତେ ।

ନିତ୍ୟାନନ୍ଦ ମହାପାତ୍ର ପ୍ରତ୍ୟାବର୍ତ୍ତନ କରିଥିଲେ ରାଜଧାନୀ ଭୁବନେଶ୍ୱରକୁ । ସେପଟେ ବରପାଲିରେ ଅତ୍ୟନ୍ତ ଉତ୍କଣ୍ଠିତ ହୋଇ ରହିଲେ ସମସ୍ତେ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ସମ୍ପର୍କରେ ଜାଣିବା ପାଇଁ ।

## ଉପଶୀର୍ଷକ: ଗଙ୍ଗାଧରଙ୍କ ଜନ୍ମଗୃହ ଜାତୀୟକରଣ ଘୋଷଣା

ସଂସ୍କୃତ ବିଭାଗର ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ନିଶ୍ଚିତ ଭାବରେ ଘଟିଥିଲା କେତୋଟି ଉଲ୍ଲେଖନୀୟ ଘଟଣା । ସେସବୁର ପ୍ରମାଣ ଉପସ୍ଥାପନ କରିବା ଅନାବଶ୍ୟକ । ସରକାରଙ୍କ ଦ୍ୱାରା ମନୋନୀତ ବିଶିଷ୍ଟ ଅଧିକାରୀ ବା ସାହିତ୍ୟିକ କିପରି ପଦଚ୍ୟୁତ ହୋଇଥିଲେ ତାହା କେବଳ ନିତ୍ୟାନନ୍ଦ ମହାପାତ୍ରଙ୍କ ବଳିଷ୍ଠ ପଦକ୍ଷେପ । ଯିଏ ବା ଯେଉଁମାନେ କବିଗୃହ ଜାତୀୟକରଣ ସମ୍ପର୍କରେ ଭ୍ରାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ମନ୍ତ୍ରୀମହୋଦୟଙ୍କୁ ସେମାନଙ୍କ ସକାଶେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଖବର ଆସି ପହଞ୍ଚିଥିଲା କବି-କୁଟୀରରେ ।

## ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ରଙ୍କ କବି ଗୃହ ପରିଦର୍ଶନ

୧୯୬୯ ମସିହାରେ କବି ଗଙ୍ଗାଧରଙ୍କ ଗୃହ ଜାତୀୟକରଣ କରିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କଲେ ଓଡ଼ିଶା ସରକାର । ଏହା ଘୋଷିତ ହେବା ପରେ ଗଙ୍ଗାଧର ଅନୁରାଗୀ ଶ୍ରଦ୍ଧାଶୀଳ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା । କବି ପରିବାର ନିକଟକୁ ଆସିଥିଲା ସରକାରଙ୍କ ତରଫରୁ ଆନୁଷ୍ଠାନିକ ପତ୍ର ଯେ ଓଡ଼ିଶା ସରକାର ଗଙ୍ଗାଧରଙ୍କ ଜନ୍ମପୀଠକୁ ଜାତୀୟ ସମ୍ପତ୍ତି ଭାବରେ ଘୋଷଣା କରିବାକୁ ପ୍ରସ୍ତୁତ । ନିୟମ ଅନୁଯାୟୀ ଓଡ଼ିଶା ସରକାର ଓ କବି ପରିବାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା, ଯାହାର ଅବିକଳ ରୂପାୟନ ଏ ପୁସ୍ତକର ପରିଶିଷ୍ଟରେ ସନ୍ନିବିଷ୍ଟ । କବି ପରିବାରକୁ ଏଥିପାଇଁ ସରକାରଙ୍କ ତରଫରୁ ଉପଯୁକ୍ତ ବାସସ୍ଥାନ ନିର୍ମାଣ ସକାଶେ ଜମି ଓ ଅର୍ଥପ୍ରଦାନ ସମ୍ପର୍କିତ ସୂଚନା ସେଠାରେ ଉଲ୍ଲିଖିତ ହୋଇଥିଲା ।

କବିପୁତ୍ର ଓ କବି ପରିବାରଙ୍କ ଆନ୍ତରିକ ସମ୍ମତି ସରକାରଙ୍କ ନିକଟକୁ ପ୍ରେରିତ ହୋଇଥିଲା । ଅଦ୍ଭୁତ କଥା ହେଉଛି ପୂର୍ବରୁ ଯେଉଁ ଅଧିକାରୀ ମାନଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ସେମାନେ ସରକାରଙ୍କୁ ଏପରି ମଧ୍ୟ ଭ୍ରାନ୍ତଧାରଣା ଦେଇଥିଲେ ଯେ କବି ପରିବାର ନିଜ ଗୃହ ଛାଡ଼ିବା ପାଇଁ ସମ୍ମତ ନୁହଁନ୍ତି । ଏହି ବିଭ୍ରାନ୍ତିସୂଚକ ପ୍ରସଙ୍ଗରେ ସମାପ୍ତିରେଖା ଟାଣି ଦେଇଥିଲା କବିପୁତ୍ରଙ୍କ ଦ୍ୱାରା ପ୍ରେରିତ ପତ୍ର । ଏହା ପରେ ସରକାରଙ୍କ ପକ୍ଷରୁ ଆସିଥିଲା ନିର୍ଦ୍ଦେଶ ଉପଯୁକ୍ତ ସ୍ଥାନ କବି ପରିବାରଙ୍କ ନିମିତ୍ତ ନିର୍ବାଚନ କରିବାକୁ । ଏ ବିଷୟରେ ସୁଗଭୀର ଚିନ୍ତନ ମନ୍ଥନ ଓ ଆଳାପ ଆଲୋଚନା ଅନେକ ଦିନ ଧରି ଚାଲିଥିଲା କବି ପରିବାର ଓ ବରପାଲିର ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରେ । କବପୁତ୍ର ଭଗବାନ ମେହେରଙ୍କୁ ଏକାଧିକ ହିତୈଷୀ ପ୍ରସ୍ତାବ ଦେଇଥିଲେ ଯେ ବରପାଲି ସୀମାନ୍ତରେ ଗୃହନିର୍ମାଣ ସକାଶେ ଚାରିପାଞ୍ଚ ଏକର ଜମି ପାଇଁ ଇଚ୍ଛା ପ୍ରକଟ କରିବାକୁ । ଭଗବାନ ମେହେର ଗଢ଼ା ହୋଇଥିଲେ ଭିନ୍ନ ଉପାଦାନରେ । ସେ ବହୁସ୍ଥାନକୁ ଅନୁଧ୍ୟାନ କରିବା ପରେ ଏପରି ଏକ ସ୍ଥାନ ଚୟନ କଲେ ଯାହା ବରପାଲି ସରକାରୀ ଚିକିତ୍ସାଳୟ ସମ୍ମୁଖସ୍ଥ ଏକ ପରିତ୍ୟକ୍ତ ପରିସର । କାହିଁକି ଏପରି ସ୍ଥାନ ସେ ଚୟନ କଲେ ତା'ର ପଶ୍ଚାତରେ ରହିଛି ଯେଉଁ କାରଣ ତାହା ଉଲ୍ଲେଖ କରିବା ନିତାନ୍ତ ପ୍ରୟୋଜନ । ଏହି ସ୍ଥାନ ନିକଟରେ ସ୍ଥାପିତ ହୋଇଛି ଗଙ୍ଗାଧର ମେହେରଙ୍କ ଆବକ୍ଷ ମାର୍ବଲ ପ୍ରତିମୂର୍ତ୍ତି ଓ ତାକୁ ଲାଗି ରହିଛି ନୂତନ ଭାବରେ ନିର୍ମିତ 'ଗଙ୍ଗାଧର ସ୍ମୃତିଭବନ' । ଏଠାରେ ରହିଲେ ଭଗବାନ ମେହେର ପିତୃଦେବଙ୍କ ସ୍ନେହବଳୟ ମଧ୍ୟରେ ରହିଛନ୍ତି ବୋଲି ଅନୁଭବ କରିବେ, ଏହି ପ୍ରତ୍ୟୟ ନେଇ ସେ ନିଷ୍ପତ୍ତି ଗ୍ରହଣ କରିଥିଲେ ଯେ ଯେତିକି ସ୍ଥାନ ସରକାର ତରଫରୁ ଦିଆଯାଉନା କାହିଁକି ତାହାକୁ ସେ ତୃପ୍ତିଚିତ୍ତରେ ଗ୍ରହଣ କରିନେବେ । କିନ୍ତୁ ଭଗବାନ ମେହେରଙ୍କ ଚାରିଟି ପୁତ୍ର ସନ୍ତାନଙ୍କ ନିମିତ୍ତ କିପରି ଗୃହ ତିଆରି କରାଯାଇ ପାରିବ ସେହି ଚିନ୍ତା ଭଦ୍ରବ୍ୟକ୍ତିମାନଙ୍କ ପ୍ରକଟ କରୁଥିଲା । ଯାହା ବି ହେଉନା କାହିଁକି ଏହା ଥିଲା ଜଣେ କବିଙ୍କ ଜନ୍ମଗୃହକୁ ଜାତୀୟକରଣ କରିବାର ପ୍ରଥମ ଉଦାହରଣ । ଏଥିପାଇଁ ଯେଉଁମାନଙ୍କର ରହିଥିଲା ଉଲ୍ଲେଖନୀୟ ଅବଦାନ ସେମାନଙ୍କୁ କୃତଜ୍ଞଚିତ୍ତରେ ସ୍ମରଣ କରିଛନ୍ତି କବିପୁତ୍ର ।

କବି ଗଙ୍ଗାଧରଙ୍କ ଶତବାର୍ଷିକ ଜୟନ୍ତୀ ଉତ୍ସବ ୧୯୬୨ ମସିହାରେ ଯେତେବେଳେ ବରପାଲିଠୁ ଆରମ୍ଭ କରି ସମଗ୍ର ଓଡ଼ିଶାରେ ପାଳନ କରାଗଲା ତହିଁ ପରଠାରୁ ଏହି ଗୃହଜାତୀୟ କରଣ ସମ୍ପର୍କିତ କାର୍ଯ୍ୟ ହୋଇଥିଲା ତ୍ୱରାନ୍ୱିତ । ଗଙ୍ଗାଧରଙ୍କ ବିଶିଷ୍ଟ ସ୍ମୃତିପୂଜକ ଭାଗୀରଥି ପୂଜାରୀ ଏ ବିଷୟରେ 'ଗଙ୍ଗାଧର ସ୍ମୃତି' ନାମକ ପୁସ୍ତିକାରେ ଲେଖିଛନ୍ତି । 'ଜନସାଧାରଣଙ୍କ ସହଯୋଗ ଲାଭ ପୂର୍ବକ ଶତବାର୍ଷିକୀ କମିଟି ତରଫରୁ ବହୁ ଆବେଦନ ନିବେଦନ ପରେ ଏବଂ ସଭ୍ୟମାନଙ୍କର ନିଷ୍ଠାପର ଉଦ୍ୟମ ଫଳରେ ପରିଶେଷରେ ୧୯୬୯ ମସିହା ମାର୍ଚ୍ଚ ମାସରେ କବିଙ୍କ ଗୃହ ଜାତୀୟକରଣ ହେଲା । ଜାତୀୟକରଣ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ, ଆଇନ ମନ୍ତ୍ରୀ ଶ୍ରୀ ବନମାଳୀ ବାବୁ, ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ, ସାଂସ୍କୃତିକ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମୁରାରୀ ପ୍ରସାଦ ମିଶ୍ର ପ୍ରମୁଖ ଯେଉଁ ସଦିଚ୍ଛା ଓ ଆନ୍ତରିକତା ପ୍ରଦର୍ଶନ କରିଥିଲେ ତାହା ସର୍ବଥା ପ୍ରଶଂସନୀୟ ଓ ସେଥିପାଇଁ ଜୟନ୍ତୀ କମିଟି ଉପରୋକ୍ତ ସମସ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ । (ପୃ:୨୬)

ଭାଗୀରଥି ପୂଜାରୀଙ୍କ ଏହି ଉପସ୍ଥାପନା ଓ କୃତଜ୍ଞତା ଜ୍ଞାପନ ବାସ୍ତବିକ ଥିଲା ଅତ୍ୟନ୍ତ ଆବଶ୍ୟକ ଓ ପ୍ରେରଣାପଦ । (ସମାପ୍ତ)

❤ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ଆମ ସମୟର କବିତା.....

## ॥ ତୃତୀୟ ନୟନ ॥

ହରିଶ୍ଚନ୍ଦ୍ର ବେହେରା



ବଡ଼ି ସକାଳୁ
ଗୋଟେ ବଡ଼ କ୍ରେନ ରେ ଉଠାଯାଉଥିଲା
ଫୁଲ ଚାଙ୍ଗୁଡ଼ିଟିଏ
ମନେ ମନେ ଭାବିଲି
ଲୁହଠୁ କ'ଣ ବେଶି ଓଜନ ଏହି ଚାଙ୍ଗୁଡ଼ି
ଅବଶ୍ୟ ଚାଙ୍ଗୁଡିଏ ସଜ ତୋଳା
ଫୁଲ ଥିଲା ସେଥିରେ

ଫୁଲ ମାନେତ କେବେ କାନ୍ଦନ୍ତି ନାହିଁ
ମା' ଠୁ ବିଦାୟ ନେଲାବେଳେ
ବରଂ ଖିଲି ଖିଲି ହସନ୍ତି
ଠାକୁର ମଥାରେ ଚଢ଼ିବା ବେଳେ
ଦୁଃଖ ହୁଏତ ଥିବ ଆସନ୍ତା କାଲି ମଉଳି ଯିବାକୁ
ଡଷ୍ଟବିନ୍ ରେ ଫୋପଡା ହେବାକୁ

ପଚାରିଲି କେହିଜଣେ ଆଗ ଧାଡ଼ିର କବିଙ୍କୁ
କହିଲେ, ଆରେ ବୋକା
ଫୁଲ ତଳେ ଶବଟିଏ ଶୋଇଛି
ଯାହାର ବଂଚିବାର କୌଣସି ମାନେ ନ ଥିଲା
ଏଇ ପ୍ରଯୁକ୍ତି ଯୁଗରେ
ସେ ଆତ୍ମହତ୍ୟା କରିଛି ନତୁବା
କେହି ଗୁଳି କରି ମାରିଦେଇଛି
ତମେ ତମ ତୃତୀୟ ନୟନ ଖୋଲ
ଦେଖି ପାରିବ

ଜନ୍ମ ବେଳେତ ଦେଇ ନାହାନ୍ତି
ମୋର ଜନ୍ମଦାତ୍ରୀ
ଏବେ କେଉଁଠୁ ପାଇବି ସେ ଆଖି

ଛଅ ଋତୁ ବାହାରେ କୁଆଡେ ଆଉ
ଗୋଟେ ଋତୁ ଅଛି
ସପ୍ତମ ଋତୁ
ଆଖିକୁ ଦିଶେନି ଥାଏ ଅନୁଭବରେ
ସେଇଠି ଜୀବନ ଆଉ ମୃତ୍ୟୁର
ଗୋଡ଼ିଆ ଗୋଡ଼ି ଖେଳ
କେତେବେଳେ ବାଘ ମଞ୍ଜାରି

ବାଉଁଶ ଅଗରେ ମାଛରଙ୍କା ବସି
କାହିଁକି ଅମେଣ୍ଟା ଚିତ୍କାର କରେ
ଛାତି ଧକ୍ ଧକ୍ ହୁଏ

ଏଇ କେଇଦିନ ହେବ କେହି ଜଣେ ଆସେ
ମୋ ଶୋଇବା ଘରର କବାଟର
ଝିଞ୍ଜିରି ଝଣ ଝଣ କରେ
ସବୁକାମ ସରିଛି ନା ପଚାରେ
ଏଥର ଆସ ଯିବା ସାଥିରେ
ନାଇଁ ସରିନି ଆଉ କେବେ ଆସ କହି
ବାଆଁରେଇ ଯାଏଁ

ସବୁ ସୁନ୍ଦର ସକାଳ ଦିନେ ସରିଯିବ
ଯିବାକୁ ତ ହେବ ଦିନେ
ଆଉ କ'ଣ ପାଇବାର ଅଛି
ସଂସାର ଠୁଁ ଦୁଃଖ ଛଡ଼ା

ଫସଲ ତ କଟା ସରିଛି
ଆଉ କେଉଁ ଲୋଡ଼ା ପାଳଭୂତର ।

❤ କଲ୍ୟାଣ ନଗର, ବାଲେଶ୍ୱର -୧
(ମୋ) ୯୪୩୭୮୧୩୭୦୮

## ॥ ଅବସାଦଞ୍ଚ ॥

ଦେବଯାନୀ ରାୟ



କେତେଥର ଆଉ ତାଳି ପକେଇ ପିନ୍ଧୁଥିବି
ସମ୍ପର୍କର ବସ୍ତ୍ରକୁ
ତମେ କୋଉ ବୁଝୁଛ ଯେ, ତାର ମହତ୍ତ୍ୱ
ନିରୁତ୍ସାହିତର ନଖମାରି କ୍ଷତାକ୍ତ କରି ଚାଲିଛ
ସେହି ଦରଫୁଟା
ଗୋଲାପୀ ପାଖୁଡ଼ାମାନଙ୍କୁ
ବାରମାସର ତେର ପର୍ବ ପରି
ଅନେକ ଥର ସଜାଇଛି
ପୂଜା ଆସ୍ଥାନରେ ସମୟକୁ
ହେଲେ ହତୋତ୍ସାହିତ ହୋଇପଡ଼ିଲିଣି
ଦେଖି ଦେଖି ତୁମର ସେ ନାସ୍ତିକବାଦକୁ ।

ଏବେ ତ ସକାଳ ଅପସରି ଯାଇ
ସଞ୍ଜ ଆସିଲାଣି ନଇଁ
ଆଉ କେତେବୋଟ ବା ବାକି ଅଛି
ଅନ୍ଧାର ପାଖେଇ ଯିବାକୁ
ବେଳେ ବେଳେ ପ୍ରଶ୍ନ ଆସେ ମନରେ
ଉର୍ଦ୍ଧ୍ୱ ଉଡାଣରେ କାହିଁ ତୀବ୍ର ହୁଏ ପ୍ରଶ୍ୱାସ
ନିଳୀମା ଏପରି କି ଚିଜ ଯେ
ତା ପାଇଁ ନୀଳରଙ୍ଗ ଆକାଶ ।

କିଏ ଭରିଥିଲା ପ୍ରକୃତିରେ ସବୁଜିମା
ଜହ୍ନରେ ଜୋଛନା
ଜଳରେ ତରଙ୍ଗ ଆଉ
ପବନରେ ମୂର୍ଚ୍ଛନା ?

ମୋ ଇଚ୍ଛା ଅନିଚ୍ଛାର ଅନ୍ତର୍ଦ୍ୱନ୍ଦ୍ୱରେ
ସମର୍ପି ଦେଇଛି ସମସ୍ତ ସ୍ପୃହାକୁ
ଜୀବନର ଜଟିଳ ଅଙ୍କକଷାରେ
ଜିତେ କିଏ ହାରେ କିଏ
ବୁଝାପଡେନା
ଦୁର୍ଭାଗ୍ୟ ଜଡାଇ ଧରିଛି ବୋଧେ
ମୋ ମାଟିପିଣ୍ଡର ଛାତିକୁ ।

କେତେଥର ଭାବିଛି
ନିଜଠୁଁ ଉତ୍ତାରି ଦେବି
ସୂକ୍ଷ୍ମାନୁଭବରେ ପିନ୍ଧିଥିବା
ଅଭିନୟର ଦୁକୁଳ
କିନ୍ତୁ କାହାର ନଜରବନ୍ଦୀରେ ବଳିପଡେ
ମିଛ ସମ୍ପର୍କରେ ସତ ଜୀବନ
ସବୁକୁ ଅଣଦେଖା କରି ବାଟ ଚାଲୁ ଚାଲୁ
ଅବଶ ହୋଇପଡ଼ିଲାଣି ପାଦ
ଗଭୀର ଅନ୍ଧାର ଭିତରେ
ହାତ ଛନ୍ଦା ଛନ୍ଦି ହୋଇ ଚାଲନ୍ତି
ମୋର ଦୁଃଖ ଅବସାଦ ।

ଭାବୁଛି ଆଗକୁ ଚିରଦିନ ପାଇଁ
ମୁକୁଳି ଯିବି ତୁମ ହାତମୁଠାରୁ
ମୋ ନାରୀତ୍ୱର ଅବଧିକୁ ନେଇ
ଜର୍ଜରିତ ଅନ୍ତରାତ୍ମା
ବିଦାୟ ନେଇ ଯିବ ତୁମ ମନ,
ଜୀବନର ଇତିହାସରୁ ।

ସଂସାରର ମାନଚିତ୍ର ଚିତ୍ରିତ ହୋଇଯାଉ
ମୋ ନାଁ ର ଅପବାଦ କାଳିମାରେ
କାହିଁକି ବା କୈଫତ ଦେବି
ଦହଗଞ୍ଜ ହେଉଥିବା ଦୁଃଖର ମୁହୂର୍ତ୍ତମାନଙ୍କୁ
ସେମାନେ କଣ ଅଥର୍ବ ଭରି ଦେବେ
ମୋ ଓଠରେ ?

+ଜଟଣୀ,ଖୋର୍ଦ୍ଧା
୯୪୩୭୪୧୩୩୧୪



■ ଦୃଷ୍ଟିକୋଣ- ୧୧ ■

# ଶୁଭେଚ୍ଛା, ସଦିଚ୍ଛା, ଆଶୀର୍ବାଦ ଅପ୍ରମେୟ ଶକ୍ତିର ଉତ୍ସ

## କାଳୀପଦ ପଣ୍ଡା



ଆମ ପରିବାର ଜୀବନରେ ଏବଂ ସମାଜ ଜୀବନରେ ଅନ୍ୟର ଶୁଭେଚ୍ଛା, ସଦିଚ୍ଛା ବା ଆଶୀର୍ବାଦ ପାଇବା ବ୍ୟକ୍ତିପାଇଁ ଅଫୁରନ୍ତ ଶକ୍ତି ଯୋଗାଇଥାଏ। ପରିବାରରେ ଜ୍ୟେଷ୍ଠମାନଙ୍କର ଆଶୀର୍ବାଦ ବା ଶୁଭକାମନା ପ୍ରେରଣାର ଉତ୍ସ ହୋଇଥାଏ। ତାହା ମହୋଷଧି ଭଳି କାର୍ଯ୍ୟ କରେ। ସର୍ବାଗ୍ରେ ପିତୃ ଓ ମାତୃ ଆଶୀର୍ବାଦ ସନ୍ତାନ ପାଇଁ ସବୁଠୁ ଅଧିକ ଫଳପ୍ରଦ ରୂପେ ପରିଗଣିତ ହୁଏ। ସେଇଭଳି ଘରର ଜେଜେବାପା, ଜେଜେମା', ବଡ଼ଭାଇ ବା ଅନ୍ୟ ଜ୍ୟେଷ୍ଠମାନଙ୍କ ଅନ୍ତରର ସଦିଚ୍ଛା ଈଶ୍ୱରଙ୍କ ଅଶୀର୍ବାଦ ସମ କାର୍ଯ୍ୟ କରିଥାଏ।

ସମାଜ କହିଲେ ଆମ ପାଖପଡ଼ୋଶୀ, ଗ୍ରାମବାସୀ, ଅଞ୍ଚଳର ଜନସାଧାରଣ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ, କୁଟୁମ୍ବ ପ୍ରଭୃତି ଅନେକ କ୍ଷେତ୍ରର ପରିଚିତ ଅପରିଚିତ ଅଗଣନ ବ୍ୟକ୍ତିଙ୍କର ସମାହାରକୁ ବୁଝାଇଥାଏ । ଯଦି କେବେ କୌଣସି କଥାରେ ଜଣେ ବ୍ୟକ୍ତିପାଇଁ ଶୁଭେଚ୍ଛା ବା ଆଶୀର୍ବାଦ ସ୍ୱତଃ ଝରିଆସେ, ତେବେ ତାହା ସେହି ବ୍ୟକ୍ତିପାଇଁ ଅପ୍ରମେୟ ଶକ୍ତିର ଉତ୍ସ ହୋଇ ଉତ୍ସାହ ଭରିଦିଏ। ପ୍ରତ୍ୟେକ ବ୍ୟକ୍ତିସତ୍ତାରେ ଈଶ୍ୱର ବିଦ୍ୟମାନ । ଜୀବାତ୍ମା, ପରମାତ୍ମାଙ୍କ ଅଂଶବିଶେଷ ହୋଇଥିବାରୁ, ଏକାଧିକ ବ୍ୟକ୍ତିଙ୍କର ଶୁଭକାମନା ଯେ, ଈଶ୍ୱରଙ୍କ ଆଶୀର୍ବାଦ ସ୍ୱରୂପ ତାହା ସବୁକାଳରେ ମନୀଷୀଗଣ କହିଆସିଛନ୍ତି। ସେହି ଶୁଭେଚ୍ଛା ବା ସଦିଚ୍ଛାଲାଭ ସେତିକିବେଳେ ସମ୍ଭବ ହୋଇଥାଏ, ଯେତେବେଳେ କି ବ୍ୟକ୍ତି ସୁଶୃଙ୍ଖଳିତ ଜୀବନଚର୍ଯ୍ୟା ଭିତରେ ନିଜର କର୍ମରେ ନିଷ୍ଠା ଓ ସାଧୁତାପୂର୍ବକ ସଫଳତା ଅର୍ଜନ କରି ଅନ୍ୟମାନଙ୍କର ଦୃଷ୍ଟିଆକର୍ଷଣ କରୁଥାଏ । ସେତେବେଳେ ସେ ଅନ୍ୟମାନଙ୍କର ସ୍ନେହ, ଶ୍ରଦ୍ଧା, ମମତା, ପ୍ରୀତି ଓ ଆଶୀର୍ବାଦର ଫଲ୍‌ଗୁଧାରାରେ ପ୍ରବାହିତ ହୁଏ, ଯାହାକୁ ପ୍ରଭୁଙ୍କର ଆଶୀର୍ବାଦ ରୂପେ ଗଣନା କରାଯାଏ।

ବ୍ୟକ୍ତି ହୃଦୟରୁ ଯଦି କେବେ ଅଭିଶାପ, ଯାହା ଅସନ୍ତୋଷର ବହ୍ନି ହୋଇ ଜଳେ, ତେବେ ତାହା ଅନିର୍ବାପିତ ଅଗ୍ନିଶିଖା ସମ ପ୍ରଜ୍ୱଳିତ ହୋଇ ଧ୍ୱସ୍ତବିଧ୍ୱସ୍ତ କରିଦିଏ ଅନେକ କିଛି। ଯାହାର ଉଦାହରଣ ପୁରାଣ ଶାସ୍ତ୍ର ଆଦିରୁ ବହୁ ସଂଖ୍ୟାରେ ଆମେ ଦେଖୁ। ତ୍ରେତୟା ଯୁଗରେ ପିତୃଭକ୍ତ ଶ୍ରବଣ କୁମାରଙ୍କ ଅନ୍ଧ ପିତାମାତାଙ୍କ ଅଭିଶାପରେ ମହାରାଜା ଦଶରଥ ପୁତ୍ରମୁଖ ନଦେଖି ଜୀବନର ଶେଷଭାଗରେ ପୁତ୍ରଶୋକରେ ଜର୍ଜରିତ ହୋଇ ଦେହତ୍ୟାଗ କଲେ। ଏହା ଥିଲା ଅଭିଶାପର ପରିଣତି, ମାତ୍ର ଆଶୀର୍ବାଦ ଓ ସନ୍ତୋଷ ପ୍ରାପ୍ତିରେ କିଭଳି ସୌଭାଗ୍ୟ ଲାଭ ହୋଇପାରେ, ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳେ ପିତୃ ଆଶୀର୍ବାଦରେ ଗୁରୁ ପର୍ଶୁରାମ କିଭଳି କଳ୍ପାନ୍ତଜୀବୀ ହୋଇପାରିଥିଲେ । ସେହିଭଳି ଭାବେ ପତିଙ୍କ ଆଶୀର୍ବାଦ ଓ ପତିଭକ୍ତି ବଳରେ ଅନସୂୟା କିଭଳି ବ୍ରାହ୍ମଣ ରୂପି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ କୁନି ପିଲାରେ ପରିଣତ କରି ସେମାନଙ୍କ ଇଚ୍ଛା ଅନୁଯାୟୀ ସେମାନଙ୍କୁ ସ୍ତନ୍ୟପାନ କରାଇ ପାରିଥିଲେ। ଏହାତ ପୁରାଣ ପ୍ରସିଦ୍ଧ ସହସ୍ର ବର୍ଷର କାହାଣୀ। ଅନ୍ୟ ଏକ ଉଦାହରଣରେ କୁହାଯାଇ ପାରେ କୃଷ୍ଣଙ୍କ ପୁତ୍ର ଶାମ୍ବ ଋଷିମାନଙ୍କ ଅଭିଶାପରେ ଲୌହମୂଷଳ ଜନ୍ମ କଲେ, ଯାହା ପାଇଁ କୃଷ୍ଣଙ୍କ ପ୍ରାଣ ବେଦନାରେ ଭରି ଯିବାରୁ ଦିନେ ଯଦୁବଂଶ ଧ୍ୱଂସ ହୋଇଗଲା। ସାମାନ୍ୟ ଅସନ୍ତୋଷ ଯଦୁବଂଶ ବିନାଶର କାରଣ ହେଲା।

ଗୁରୁ ପର୍ଶୁରାମଙ୍କ ଅଭିଶାପରେ ଦିନେ ମହାବୀର ମହାଦାନୀ କର୍ଣ୍ଣଙ୍କ ଭଳି ମହାଯୋଦ୍ଧାଙ୍କର ଯେଉଁ ପରିଣତି ମହାଭାରତ ଯୁଦ୍ଧ କ୍ଷେତ୍ରରେ ଘଟିଥିଲା ତାହା ସଭିଙ୍କୁ ବିସ୍ମିତ କରାଇଥିଲା। ଅସହାୟତା ମଧ୍ୟରେ ଧନୁର୍ଦ୍ଧାରୀ ଅର୍ଜୁନଙ୍କ ଦ୍ୱାରା ସେ ନିହତ ହେଲେ। ଏ ସମସ୍ତ ଉଦାହରଣ ଭିତରୁ ଆମକୁ ଶିକ୍ଷାଲାଭ କରିବାକୁ ପଡିବ ଯେ, ପରିବାର ପରିଜନ, ଆତ୍ମୀୟସ୍ୱଜନ ଓ ସମାଜ ଭିତରୁ ଆମକୁ ଯଦି ଶୁଭେଚ୍ଛା ବା ଆଶୀର୍ବାଦ ମିଳିପାରୁଛି, ତାହା ହେବ ଆମ ପ୍ରଗତି ପାଇଁ ଈଶ୍ୱରଙ୍କ ଆଶୀର୍ବାଦ। ଜଣକ ଆଖିର ଲୁହ ଅନ୍ୟକୁ ପୋଡିଜଳି ପାଉଁଶ କରିବା ପାଇଁ କେବଳ ଯେ ପୌରାଣିକ ସତ୍ୟ ତାହା ନୁହେଁ, ବରଂ ତାହା ଐତିହାସିକ ସତ୍ୟ । ଯେକୌଣସି ବ୍ୟକ୍ତି ହୃଦୟକୁ ବାଧିଲା ଭଳି କାର୍ଯ୍ୟ ତା ହୃଦୟରୁ ଯେଉଁ ଅଶାନ୍ତିର ବହ୍ନି ଓ ଅଶାନ୍ତିର ମଳୟ ବହେ ତାହା ସମସ୍ତ ଶାନ୍ତି ଓ ସୁଖକୁ ଅଚିରେ ନଷ୍ଟ କରିଦିଏ। ଈର୍ଷା, ଦ୍ୱେଷ, ଶତ୍ରୁତା ଓ ଅସହିଷ୍ଣୁତା ବ୍ୟକ୍ତିରେ ପ୍ରଗତିରେ ବାଧକ। ସଂପ୍ରତି ଆଧୁନିକତା ନାମରେ ଭାରତୀୟ ପରିବାର ଓ ସମାଜ ଜୀବନରେ ଯେଉଁ ଅପସଂସ୍କୃତିର ଧାରା ପ୍ରବାହିତ ହେଉଛି ତହିଁରେ ବ୍ୟକ୍ତି ଅନ୍ୟ ମନର ଶାନ୍ତି ଓ ଆନନ୍ଦକୁ ପରାହତ କରି ନିଜର ଅକଳନ ସମ୍ପତ୍ତିର ବୃଦ୍ଧି ସାଙ୍ଗକୁ ତା'ର ବସ୍ତୁଗତ ଆନନ୍ଦ ଭିତରେ ନିଜ ପାଇଁ ଆଶୀର୍ବାଦ ପ୍ରତିବଦଳରେ ଅଧିକରୁ ଅଧିକ ଅଭିଶାପକୁ ସାଉଁଟି ଆଣୁଛି। ଆମର ଆପ୍ତବାକ୍ୟ ''ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'' ଆଜି ନିରର୍ଥକ ହୋଇପଡୁଛି। ସ୍ୱାମୀ ସ୍ତ୍ରୀ, ବାପ ପୁଅ, ମା'ପୁଅ, ଭାଇ ଭଉଣୀ, କକା ପୁତୁରା ପ୍ରଭୃତି ଆମର ପାରମ୍ପାରିକ ପାରସ୍ପରିକ ଦାୟିତ୍ୱ ସମ୍ପନ୍ନ ସମ୍ପର୍କ ଗୁଡିକ ସାମାନ୍ୟ ସମ୍ପତ୍ତି ବା ସେହିଭଳି ସ୍ୱାର୍ଥଜନିତ ଲାଳସା ପାଇଁ ଭାଙ୍ଗି ଚୁରମାର୍ ହୋଇଯାଉଛି । ପ୍ରତି ମୁହୂର୍ତ୍ତରେ ଛଳନା ଓ ପ୍ରତାରଣାରୂପି ତରବାରୀରେ ଜଣେ ଅନ୍ୟଜଣେକୁ ହତ୍ୟା କରିଚାଲିଛି । ଆମ ପବିତ୍ର ସମ୍ପର୍କ ଗୁଡିକ ଧୂଳିସାତ୍ ହେବାକୁ ବସିଛି । ଭାରତବର୍ଷ ଯେ ଏକ ପରମ୍ପରାଗତ ସଂସ୍କୃତିସମ୍ପନ୍ନ ଶୁଦ୍ଧ ବିଚାରଧାରା ଭିତରେ ବିଶ୍ୱର ଶ୍ରେଷ୍ଠତମ ଜୀବନନିର୍ବାହର ସ୍ୱତନ୍ତ୍ର ଭୂଖଣ୍ଡ ତାହା ଆଜି ବିପଦଗାମୀ ।

ଆମକୁ ମନେ ରଖିବାକୁ ପଡିବ, ଆମେ ଯଦି ପରିବାରପରିଜନ ସମେତ ସମାଜଜୀବନରୁ ଶୁଭେଚ୍ଛା ବା ସଦିଚ୍ଛା ଲାଭକରି ନପାରିବୁ ତେବେ ଆମର ପଦପଦବି କିମ୍ବା କ୍ଷମତା ଅର୍ଥହୀନ । ନିଜର କୂଟକପଟ ବଳରେ ଯେତେ କ୍ଷମତା ହାସଲ କଲେବି ଦିନେ କିନ୍ତୁ ତାହାର ପରିଣତି ଯେ ଶୁଭଙ୍କର ନୁହେଁ, ତାହା ଯୁଗେଯୁଗେ ପ୍ରମାଣିତ ହୋଇଛି । ବଞ୍ଚିବା ପାଇଁ ଅର୍ଥ ଆବଶ୍ୟକ ମାତ୍ର ଅର୍ଥ ପାଇଁ ବଞ୍ଚିବା ପ୍ରକୃତପକ୍ଷେ ଅର୍ଥହୀନ ହୋଇଯାଏ । ସତ୍ୟର କଣ୍ଠରୋଧ ଅଧିକ ସମୟ ହୁଏ ନାହିଁ । ତାହା ଦିନେ ସର୍ବସମ୍ମୁଖରେ ପ୍ରମାଣିତ ହୁଏ । ମନୁଷ୍ୟ ଜୀବନର ଦିବ୍ୟତ୍ୱଲାଭ ହୁଏ ଶାନ୍ତି, ସନ୍ତୋଷ, ଆନନ୍ଦ ମଧ୍ୟରୁ । ତାହାମିଳେ ପାରସ୍ପରିକ ସ୍ନେହ, ପ୍ରେମ, ଭକ୍ତି, ଶ୍ରଦ୍ଧା ଓ ଭଲପାଇବା ମଧ୍ୟରୁ । ସେ ଘର ମଧ୍ୟରୁ ହେଉ କି ସମାଜ ମଧ୍ୟରୁ ହେଉ ।

ଗୃହର ଜୀବନ୍ତ ଦେବତା ପିତାମାତା ସନ୍ତୁଷ୍ଟ ହେଲେ ସର୍ବଦେବତା ସନ୍ତୁଷ୍ଟ ହେଲେ ବୋଲି ଧରାଯାଏ । ଆମଦେଶ ଭାରତରେ ଶାନ୍ତି ଓ ସୁଖ ପାଇବାର ପ୍ରଥମ ସୂତ୍ର ହେଉଛି ପିତୃମାତୃ ଆଶୀର୍ବାଦ, ଯାହା ପିତୃମାତୃ ଭକ୍ତିରୁ ହିଁ ନିଃସୃତ । ସେଥିପାଇଁ କୁହାଯାଇଛି ''ପିତା ସ୍ୱର୍ଗ ପିତା ଧର୍ମ, ପିତା ହିଁ ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା ।'' ପିତାମାତା ଯାହା ଉପରେ ସନ୍ତୁଷ୍ଟ ତାହା ଉପରେ ସର୍ବଦେବତା ସନ୍ତୁଷ୍ଟ ବୋଲି ଧରାଯାଏ ।

ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗିଯିବା ଫଳରେ ଆଜି ସ୍ଥବିରାଶ୍ରମର ନିର୍ମାଣ ବଢିଚାଲିଛି । ଆଜିର ସମାଜରେ ଦୂରବସ୍ଥା ଓ ପରିବାରରେ ଅଶାନ୍ତିର ମୂଳକାରଣ ପିତୃପୁରୁଷଙ୍କ ଅଭିଶାପ । ଦିନେ କଂସ ଆଦେଶରେ ଦିନକର ରାଜା ଉଗ୍ରସେନ କାରାଗାରର ପ୍ରହରି ନିଯୁକ୍ତ, ପିତା ବିମ୍ବିସାରଙ୍କ ପୁତ୍ର ଦ୍ୱାରା କାରାଗାରରେ ଉତ୍ପୀଡନର ହୃଦୟ ବିଦାରକ ମୃତ୍ୟୁରେ ସେହି ବଂଶମାନ ପିତୃ ଅସନ୍ତୋଷରେ ଧ୍ୱଂସ ପାଇ ଯାଇଥିବାର ପୁରାଣ ଓ ଇତିହାସରୁ ଆମ୍ଭେ ଜାଣୁ । ପୁତ୍ରକୁ 'ନନ୍ଦନ' କୁହାଯାଇଥାଏ, ଅର୍ଥାତ୍ ପିତାମାତାଙ୍କୁ ଆନନ୍ଦ ପ୍ରଦାନକାରୀ ହୋଇଥିବାରୁ ସେ ନନ୍ଦନ । ସେହିଭଳି 'ପୁତ୍' ନାମକ ନର୍କରୁ ପିତାଙ୍କୁ ରକ୍ଷାକରୁଥିବାରୁ ସନ୍ତାନଙ୍କୁ ପୁତ୍ର ପଦବାଚ୍ୟ କରାଯାଏ । ଅଧୁନା ପୈତୃକ ସମ୍ପତ୍ତିର ଭାଗ ନାମରେ ଜିଇବା ଅବସ୍ଥାରେ ପିତାଙ୍କ ପ୍ରତି ଯେଉଁ ଚରମ ଅବହେଳା ଏବଂ ମୃତ୍ୟୁ ପରେ ମଧ୍ୟ ଶବଦାହ ଠାରୁ ସଂସ୍କାରକର୍ମ ପର୍ଯ୍ୟନ୍ତ ସବୁଥିରେ ପୁଅମାନଙ୍କର ଯେଉଁ ନକାରତ୍ମକ ଦୃଷ୍ଟି ତାହା ଆଜି ପିତୃଅର୍ଚ୍ଚନାର କୁପରିଣତିକୁ ସୂଚାଉ ଅଛି । ସେମାନେ ଭୁଲିଯାଉଛନ୍ତି ଯେ, କେଉଁ ମୁହୂର୍ତ୍ତରେ ବି କିଛି ବି ଅଘଟଣ ଭିତରେ ଜୀବନଦୀପ ନିର୍ବାପିତ ହୋଇଯିବ । ଆଉ ସେତେବେଳେ ବାପମାଙ୍କ ପାଇଁ ଯେଭଳି ଛଅଖଣ୍ଡି କାଠ ଲୋଡା ହୋଇଥିଲା ସେହିଭଳି ନିଜପାଇଁ ମଧ୍ୟ ସେହି ଛଅଖଣ୍ଡି କାଠ ହିଁ ହେବ ଶେଷସାଥୀ। ଯେଉଁମାନେ

ଆଦର୍ଶ ସ୍ଥାନୀୟ ହୋଇ ଯୁଗେଯୁଗେ ଆମକୁ ଆଚ୍ଛାଦିତ କରିଛନ୍ତି, ସେମାନେ ପିତାମାତାଙ୍କ ଆଜ୍ଞାଧୀନ ସନ୍ତାନ ହୋଇ ସେମାନଙ୍କ ସେବାଶୁଶ୍ରୂଷା ମଧ୍ୟରେ ନିରନ୍ତର ଆଶୀର୍ବାଦର ଅଧିକାରୀ ହୋଇଛନ୍ତି ଏବଂ ଜଗତଜନ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଆସିଛି । କାହା ମନରେ ବ୍ୟଥା, ବେଦନା, ଅଶାନ୍ତି ଦେଇ ନିଜର ସମୃଦ୍ଧି କଲେ ପାପ ପର୍ଯ୍ୟାୟରେ । ଅନ୍ୟ ମୁହଁରେ ହସ ଫୁଟାଇ ପାରିଲେ, ତା ଭିତରେ ଆନନ୍ଦ ଆସିବା ଭଳି କାର୍ଯ୍ୟ କିଛି କଲେ ଯେଉଁ ସନ୍ତୋଷ ମିଳେ ତାହା ହିଁ ହୁଏ ଈଶ୍ୱରଙ୍କ କରୁଣା, ସଦିଚ୍ଛା, ସନ୍ତୋଷ, ଶୁଭେଚ୍ଛା ବ୍ୟକ୍ତି ପାଇଁ ଅପ୍ରମେୟ ଶକ୍ତିର ଉତ୍ସ ।

❤ ସୂନାରୂଇ, ବି.କଟିସାହି, ସିଂଲା, ବାଲିଆପାଳ,
ବାଲେଶ୍ୱର-୭୫୬୦୨୩
(ବୋ).:୯୪୩୭୦୮୯୨୪୧

ଗୋଟେ ଅନୁଭବୀ ଗପ

# ବୁଢିଆଣି ଜାଲ





## ଶ୍ରୀନିବାସ ସେଠୀ

କାଲିଫର୍ଣ୍ଣିଆରୁ କିଛି ଦିନ ଛୁଟି ନେଇ ଘରକୁ ଆସିଥିବା ପୀୟୂଷ ବିରକ୍ତ ହୋଇ ରାଜୁକୁ ପଚାରିଲା,

'ରାଜୁ ! ତୋତେ ବାପାଙ୍କ କଥା ବୁଝାବୁଝି କରିବାକୁ ଜିମା ଦେଇ ଯାଇଥିଲି, ତୁ ଏଇମିତି ଖିଆଲ ରଖିଛୁ ବାପାଙ୍କର ଦେଖ୍ ! କେମିତି ବୁଢିଆଣି ଜାଲ ଝୁଲିଛି ବାପାଙ୍କ ଶୋଇବା ଘରେ।'

- 'ଛୁଆ ବାବୁ ! ମୁଁ ଦେଖିଛି । ମୁଁ ଅନେକ ଥର ଯାଇଛି ସଫା କରିଦେବାକୁ । ବଡ ବାବୁ ନିଜେ ବାରଣ କରନ୍ତି । କୁହନ୍ତି କିଛି କରନା । ଥାଉ ସେ ଜାଲ ଆଉ ବୁଢିଆଣି । ସେମାନେ ଗୋଟିଏ କୋଣରେ ଜାକିଜୁକି ରହିଛନ୍ତି । ଆଗକୁ ଜାଲ ବଢାନ୍ତି ନାହିଁ । ମୋର ତ କିଛି ଅସୁବିଧା ହେଉନି ।

ପୀୟୂଷ ବାପାଙ୍କ ଆଡକୁ ଅନେଇଲା ବିକଳ ହୋଇ ।

- 'ବାପା ଏ ସବୁ ତ ଠିକ୍ ନୁହେଁ । ଘର ସଫା ନ ରଖିଲେ ଦେହପା ଖରାପ ହେବ ।'

ବାପା କିଛି ପ୍ରତିକ୍ରିୟା ନ ଦେଖାଇ ତାକୁ କହିଲେ,

-'ତୁ ତ କେବେ ଦେଖିନଥିବୁ ବୁଢିଆଣି କେମିତି ଜାଲ ବୁଣେ ? ମୁଁ କିନ୍ତୁ ଦେଖିଛି ବହୁଥର । କି ଅଦ୍ଭୁତ ତା ଜାଲ ବୁଣିବା ! ମୁଁ ଏକୁଟିଆ ଯେବେ ଥାଏ ଧ୍ୟାନ ସହକାରେ ଦେଖେ ବୁଢିଆଣିକୁ । କେତେ ଦ୍ରୁତ ଓହଳି ପଡୁଥାଏ କେରି କେରି ହୋଇ ଜାଲ ତାଙ୍କ ପାଟିରୁ । ଦେଖେ ପୁଣି ତା'ର ଛୋଟ ଛୋଟ ପିଲା ହେବାର । ଜନ୍ମ ହେଲା କ୍ଷଣି ଜାଲ ଭିତରେ ଦଉଡୁ ଥାନ୍ତି । ମୋତେ ବଡ ଖୁସି ଲାଗେ ଏଇମିତି ତା ପରିପୂର୍ଣ୍ଣ ସଂସାରଟିଏ ଦେଖି ।'

ପୀୟୁଷ ବୁଝିପାରେ । ମନେ ପଡୁଥିଲା, ପୀୟୂଷ ସେତେବେଳେ ଇଂଜିନିୟରିଂ ଶେଷ ବର୍ଷରେ କ୍ୟାମ୍ପସରେ ସିଲେକ୍ଟ ହେଲା ଗୁଗୁଲ କମ୍ପାନୀରେ । ଆକର୍ଷଣୀୟ ପ୍ୟାକେଜ୍ । କାଲିଫର୍ଣ୍ଣିଆରେ ପୋଷ୍ଟିଂ । କିନ୍ତୁ ବୋଉ ହିଁ ଆଗ ମନା କଲେ,

- 'କାହିଁକି ଯିବୁ ଏତେ ଦୂର ? ଆମ ଦେଶରେ କ'ଣ ଚାକିରି ନାହିଁ ? ଟିକିଏ ଅପେକ୍ଷା କଲେ ଏଠାରେ ବହୁତ ଭଲ ଚାକିରି ମିଳିଯିବ । ଆମର ବେଶି ପଇସା କ'ଣ ହେବରେ ! ତୋ ବାପାଙ୍କ ପେନସନ ଆମ ପାଇଁ ଯଥେଷ୍ଟ । ଏଇଠି ରହିଲେ, ଆମ ଆଖି ସାମନାରେ ରହିବୁ । ପାଖରେ ନ ରହିଲେ ବି ଆମେ ସବୁ ବେଳେ ତୋ ପାଖକୁ ବୁଲିଯିବୁ । ଏତେ ଦୂରରେ ରହିଲେ ଆମେ ଚାହିଁଲେ କ'ଣ ବାରବାର ଯାଇପାରିବୁ ନା ତୁ ଆସି ପାରିବୁ ? ତୁ ଚାଲିଗଲେ ତ ଆମେ ପୁରାପୁରି ଏକୁଟିଆ ହୋଇଯିବୁ ।'

ବୋଉ କଥା ଶୁଣି ପୀୟୂଷ ଚୁପ୍ ହୋଇ ଯାଇଥିଲା ସିନା କିନ୍ତୁ ତାର ସେଇ ସୁନ୍ଦର ଆଖି ଯୋଡାକ ଲୁହରେ ଟଳମଳ ହେଉଥିଲା । ବାପା ବୁଝିପାରି କହିଲେ , 'ତାକୁ ଯିବାକୁ ଦିଅ ମିନତୀ । ତାର ସେଇଟା ଖୁସି । ପିଲାଟିର ମନ ଭାଙ୍ଗି ଦିଅନା ।'

ମନ ଭାଙ୍ଗି ଯିବାର କଥା ଶୁଣି ମିନତୀ ବି ଆଉ କିଛି ନ କହି ଚୁପ୍‌ଚାପ୍ ରାଜି ହୋଇଗଲେ । ପୀୟୂଷ ଚାଲି ଯାଇଥିଲା କାଲିଫର୍ଣ୍ଣିଆ । ସେ ଗଲାପରେ ମିନତୀ ଖାଲି ଖାଲି ହୋଇଗଲେ । ବାରମ୍ବାର କହିଲେ, 'ଆଉ କ'ଣ କାମ ମୋ'ର ? ଘରେ ଦିନ ସାରା ସବୁ କାମ କରିବି କହୁଥିଲେ ?' ମୋର ତ କିଛି କାମ ନାହିଁ । ଖାଲି ଖାଲି କ'ଣ ଏଇମିତି ବସିବି ସାରାଟା ଦିନ, ସାରା ରାତି ? ମାଆ ମାନେ ଏଇମିତି । ଯେତେ କାମ କଲେ ବି ଯଦି ସନ୍ତାନ ପାଇଁ କିଛି କାମ ନେଇ ବ୍ୟସ୍ତ ହୋଇ ନ ପାରିଲେ , ତେବେ ସେମାନେ କାମ କରୁଛନ୍ତି ବୋଲି ଭାବନ୍ତି ନାହିଁ । ନିରଞ୍ଜନ ବାବୁ ବଡ ଅସୁବିଧାରେ ପଡ଼ିଲେ । କିଛି ବୁଝି ପାରିଲେନି ହଠାତ୍ ଏ ସବୁ କ'ଣ ହେଉଛି ମିନତୀର । ବୁଝି ପାରିଲା ବେଳକୁ ବିଳମ୍ବ ହୋଇ ସାରିଥିଲା । ମିନତୀ ଦେବୀ ସବୁଦିନ ପାଇଁ ତାଙ୍କୁ ଛାଡି, ସଂସାର ଛାଡି ଚାଲିଯାଇଥିଲେ । ମିନତୀ ଗଲା ପରେ ନିରଞ୍ଜନ ବାବୁ ପୁରାପୁରି ଏକୁଟିଆ ହୋଇ ଯାଇଥିଲେ ।

ମଣିଷ କେବେ ସମ୍ପୂର୍ଣ୍ଣ ଏକୁଟିଆ ହୋଇ ରହେ ନାହିଁ । ସେ ଆଖ ପାଖ ପକ୍ଷୀ, ଗଛ, ଗୁଣ୍ଡୁଚିମୂଷା ଓ କିଛି ନହେଲେ ଘରର ଝିଟିପିଟି ଓ ବୁଢିଆଣିକୁ ମଧ ନିଜର କରିନିଏ ।

ପୀୟୂଷ ବାପାଙ୍କୁ ସାଙ୍ଗରେ ନେଇ ଯିବାକୁ ଯିଦି କଲାବେଳକୁ ବି ବାପା ରାଜି ହେଉ ନାହାନ୍ତି। କହୁଛନ୍ତି 'ବହୁତ ଦୂର । ହେଉ ଯିବି, ସବୁ ଦିନ ରହିପାରିବି ନାହିଁ, ବୁଲି ପଳାଇ ଆସିବି। ଏ ଦେଶ, ଏ ଘର, ଏ ଘର ଭିତରେ ତୋ ବୋଉର ସ୍ମୃତି ଛାଡ଼ି ବାହାରେ ବେଶି ଦିନ ରହିପାରିବି ନାହିଁ ପୀୟୁ !'

ସେଇଥିପାଇଁ ରାଜୁକୁ ପୀୟୂଷ ଠିକ୍ କରି ରଖିଥିଲା । ରନ୍ଧା, ବଢ଼ା, ବଜାର, ହାଟ, ଘର କାମ ସୁ କରୁଥିଲା । ନିରଞ୍ଜନ ବାବୁଙ୍କ ଯତ୍ନ ମଧ ନେଉଥିଲା । ରାଜୁ ସେଇ ଘରେ ଜଣେ ସଦସ୍ୟ ଭଳି ଦିନ ରାତି ରହୁଥିଲା ।

ଉପର ବେଳା ବହୁତ ଗୁଡାଏ ପକ୍ଷୀ ପଶି ଆସିଲେ ଖୋଲା ଦରଜା ଦେଇ । ପୀୟୂଷ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ପକ୍ଷୀଙ୍କ ଆଡେ । ବାପ୍‌ରେ କେତେ ପକ୍ଷୀ ! ଏ ଘର ତ ଲାଗୁଛି ଯେମିତି ଘର ଭିତରେ ଆଉ ଗୋଟିଏ ଆକାଶ ।

ବାପା ହସି ହସି କହିଲେ ପୀୟୂଷକୁ ,

- 'କେବେ ଦେଖିଛୁ, ପକ୍ଷୀ କେମିତି ହାତ ପାଖକୁ ଆସି ଯାଆନ୍ତି ଦେଖ୍ !' କହି ହାତ ବଢ଼ାଇ ଦେଲେ ପକ୍ଷୀଙ୍କ ଆଡ଼କୁ । ବହୁତ ଗୁଡ଼ିଏ ପକ୍ଷୀ ଉଡି ଆସି ବସିଗଲେ ତାଙ୍କ ହାତ ଓ କାନ୍ଧ ଉପରେ।

ବାପା ସେମାନଙ୍କୁ ଆଉଁସି ଦେଇ ପୁଣି ତାଙ୍କ ପାଇଁ ରଖିଥିବା ଚାଉଳ ଓ ଦାନା ବୁଣିଦେଲେ ଖାଇବାକୁ ।

ପକ୍ଷୀଙ୍କ କେତେ ନାମ ଦେଇ ରଖିଛନ୍ତି ନିରଞ୍ଜନ ବାବୁ । ଟୁନ୍‌ଟୁନ୍, ଟୁଇଁକି, ଗୁଲୁରି ଏଇମିତି କେତେ କ'ଣ । ସେଇ ନାମରେ ଡାକିଲେ ପକ୍ଷୀମାନେ ଶୁଣୁନ୍ତି ମଧ । କେବେ କେବେ ବାପା ନିଜ ହାତରେ ଧରି ବୁକୁ ପାଖରୁ ପକ୍ଷୀଙ୍କୁ ଉଡାଇ ଦିଅନ୍ତି ଶୂନ୍ୟ ଆକାଶ ଆଡ଼କୁ । ପୁଣି ଚାହିଁ ବସିଥାନ୍ତି ତାଙ୍କ ଫେରିବା ପଥକୁ ।

ବାପା ପୁଣି କହିଲେ , 'ତୋର ମନେ ନଥିବ ପୀୟୁ ! ତୁ ବହୁତ ଛୋଟ ଥିଲୁ । ଖାଇବା ସମୟରେ ବହୁତ ଅଝଟ କରୁ । ତୋତେ କିଛି ଖୁଆଇବା ବଡ କଷ୍ଟ ଥିଲା । ତୋ ବୋଉ ତୋତେ କାଖରେ ବସାଇ ଖାଇବା ଗିନା ଧରି ପକ୍ଷୀକୁ ଡାକେ। ପକ୍ଷୀକୁ ଦେଖାଇ ଦେଖାଇ ବଡ ଚତୁରତାରେ ତୋତେ ଖୁଆଇ ଦିଏ କିନ୍ତୁ ଅସୁବିଧା ହୁଏ ସେହିଦିନ, ଯେଉଁଦିନ ତୁ ଅଧା ଖାଇବା ସମୟରେ ପକ୍ଷୀ ହଠାତ୍ ଉଡିଯାଏ । ସେତେବେଳେ ତୁ ନ ଖାଇ କାନ୍ଦୁ ଆଉ ଯିଦି କରୁ, 'ବୋଉ ପକ୍ଷୀକୁ ଡାକ । 'ପକ୍ଷୀକୁ ଡାକିଲେ କି ପକ୍ଷୀ ଆସନ୍ତି ?' କିନ୍ତୁ ମୁଁ ଏବେ ଶିଖି ଯାଇଛି ପକ୍ଷୀଙ୍କୁ ଡାକିବା । ପକ୍ଷୀଙ୍କୁ ମୁଁ ଡାକିଲେ ଆସନ୍ତି ମୋ ପାଖକୁ । କିନ୍ତୁ କାହିଁ ମୋ ପାଖରେ ଛୋଟ ଅଝଟ ପିଲା । ତୁ ତ ବଡ ହୋଇ ଯାଇଛୁ । ନାତି ନାତୁଣୀ ମଧ ଏବେ ଆମେରିକାରେ ।'

ପୀୟୂଷ ବୁଝି ପାରୁଥିଲା, 'ବାପା ମାଆମାନେ ନିଜ ଜୀବନର ମୁଖ୍ୟ ସମୟ ପୁଅ ଝିଅକୁ ବଡ କରାଇବାରେ, ପାଠ ପଢ଼ାଇବାରେ, ଏକ ସ୍ଥାୟୀ ଘର କରିବାରେ କାଟି ଦିଅନ୍ତି । ସୁଖ କ'ଣ ସେତେବେଳେ ଅନୁଭବ କରିବାକୁ ଫୁରୁସତ ନଥାଏ । ପ୍ରକୃତ ସୁଖ ପାଆନ୍ତି, ନାତି ନାତୁଣୀ ମାନଙ୍କୁ ଛାତିରେ ଜାକି ଧରି, ତାଙ୍କ ଓଠର ଦରୋଟି ଭାଷା ଶୁଣି, ତାଙ୍କୁ ପାଖରେ ଶୁଆଇ ଗପ ଶୁଣାଇ, ତାଙ୍କ କୁନି ପାଦକୁ ନିଜ ପାପୁଲି ଭିତରେ ତୋଳି ଧରି ।'

ପିୟୂଷ ଭାବି ଗୋଟିଏ ଦୀର୍ଘ ନିଃଶ୍ୱାସ ଛାଡ଼ିଲା । କ'ଣ କରି ପାରିବି ? ବାପା ଏ ଜାଗାର ମୋହ ଛାଡି ମୋ ପାଖକୁ ସବୁ ଦିନ ପାଇଁ ଯାଇ ପାରିବେନି । ସେଠାରେ ତାଙ୍କୁ ବୋହୂ, ନାତି, ନାତୁଣୀ ସୁଖ ମିଳନ୍ତା । ମୁଁ ବି ଆମେରିକା ଛାଡ଼ି ପିଲାଙ୍କୁ ନେଇ ଏଠାକୁ ଆସି ରହି ପାରିବି ନାହିଁ । ପୀୟୂଷ ବଡ ନିରୁପାୟ ଲାଗୁଥିଲା ।

ରାଜୁ କହିଲା, 'ଏଇ ପକ୍ଷୀଙ୍କ ପାଇଁ ବଡବାବୁ କୁଆଡେ ଯାଇପାରନ୍ତି ନାହିଁ । ପକ୍ଷୀମାନେ ଫେରିଗଲା ପରେ ଖସି ପଡ଼ିଥିବା ତାଙ୍କ ପରକୁ ଗୋଟି ଗୋଟି କରି ହାତ ପାପୁଲିରେ ରଖି ଖୁସି ହୁଅନ୍ତି । ପକ୍ଷୀମାନେ ଘର ଭିତରେ ଯେଉଁ ମଳତ୍ୟାଗ କରି ଅସନା କରିଯାନ୍ତି, ଗୋଟିଏ ଖୁଡୁପିରେ କୁରି କୁରି ନିଜେ ଝାଡୁ ନେଇ ବହୁତ ସମୟ ଧରି ସଫା କରନ୍ତି ।

ମୁଁ କୁହେ , 'ବଡବାବୁ ମୋତେ ଦିଅନ୍ତୁ । ସେ ଅସନା ସବୁ ମୁଁ ସଫା କରିଦେବି ।' ସେ କିନ୍ତୁ ମୋତେ ଓଲଟା ବୁଝେଇ କୁହନ୍ତି ,

- 'ଦୂର ପାଗଳା ! ନିଜ ପିଲାଙ୍କ ମଳ କେବେ ଅସନା ଲାଗେ ?'

ପିୟୂଷ ଶୁଣି କାନ୍ଦି ପକାଇଥିଲା ।

ବହୁତ ବୁଝାଇ ରାଜି କରାଇଥିଲା ସେଦିନ ବାପାଙ୍କୁ ନିଜ ପାଖରେ ଯାଇ ରହିବାପାଇଁ ।

- 'ହଉ, ତୁ ଆର ଥରକୁ ଆ । ଏ ବୁଢିଆଣି ଓ ପକ୍ଷୀଙ୍କ କାମ ଦାମ ବୁଝେଇ ସାରେ କାହାକୁ । ଯିବି ତୋ ସାଙ୍ଗରେ କିଛି ମାସ ପାଇଁ ।'

ପୀୟୂଷ ଖୁସି ହୋଇ ଫେରି ଯାଇଥିଲା ଆମେରିକା ।

କିଛି ଦିନ ପରେ ଗୋଟେ ରାତିରେ ପୀୟୂଷ ପାଖକୁ ହଠାତ୍ ରାଜୁର ଫୋନ୍ ଆସିଲା।

- 'ଛୁଆ ବାବୁ ! ଆପଣ ଶୀଘ୍ର ଛୁଟି ନେଇ ଆସି ଯାଆନ୍ତୁ । ଜାଣନ୍ତି, ସେ ଘରଟାରେ ବୁଢିଆଣି ଜାଲ ବହୁତ ଶୀଘ୍ର ବଢ଼ି ବଢ଼ି ଚାଲିଛି । ପ୍ରତି ଘଣ୍ଟାକୁ । ଗୋଟିଏ କୋଣ ଥିଲା ଏବେ ଧୀରେ ଧୀରେ ତିନି କୋଣକୁ ଘେରି ଗଲେଣି । ଆଉ କେବଳ ବାକି ଅଛି ବଡବାବୁଙ୍କ ଶୋଇବା ସ୍ଥାନ ।

- 'କିନ୍ତୁ ତୁ ଏଇମିତି ବ୍ୟସ୍ତ ହେବାର କ'ଣ ଅଛି ? ବାପାଙ୍କୁ ବୁଝାଇ ସବୁ ବୁଢିଆଣି ଜାଲ ସଫା କରିଦେଉନୁ ?'

- 'ହଁ ସଫା କରିଦେବି ଯେ କିନ୍ତୁ ସେ ବୁଢିଆଣୀ ଚୁପ୍ ଚାପ୍ ଗୋଟିଏ କୋଣରେ ଥିଲେ, ଏତେ ଦିନପରେ କାହିଁକି ହଠାତ୍ ପୁରା ଘରଟିକୁ ଅକ୍ତିଆର କରିନେବାକୁ ଚାହୁଁଛନ୍ତି ?'

ପୀୟୂଷ ରାଜୁର କଥା ଶୁଣି ବହୁତ ହସିଲା - 'ଧେତ୍ ! ତୁ ଏବେ ବି ପିଲାଟିଏ ଭଳି କଥା କହୁଛୁ ।'

ରାଜୁ ପୁଣି କହିଲା , 'ଆଉ ଗୋଟିଏ କଥା । ସବୁଦିନ ରାତିରେ ପକ୍ଷୀମାନେ ଶୋଇ ପଡନ୍ତି ବାହାର ଗଛରେ କି ଘରର ଝରକା ବାହାରେ କି ପାରାପେଟ୍‌ରେ । କାଲି ରାତିରେ କିଛି ପକ୍ଷୀ ବହୁତ ଶବ୍ଦ କରି ଉଡି ଆସିଥିଲେ ଘର ଭିତରକୁ । ବଡବାବୁ ରାତିରେ ନ ଶୋଇ ପକ୍ଷୀଙ୍କୁ ଖୁଦ ଓ ଦାନା ଦେଇ କହିଲେ ,

- 'ରାଜୁରେ ! ପକ୍ଷୀମାନଙ୍କୁ ଆଜି ବହୁତ ଭୋକ ଅବେଳରେ । ଦିନରେ କିଛି ଖାଇ ନାହାନ୍ତି ନା କଣ ? ଯଦି ଖାଆନ୍ତି ନାହିଁ କାହିଁକି ତେବେ ଅକାରଣେ ଆକାଶକୁ ଉଡି ଯାଆନ୍ତି ।'

ତାପରେ କଣ ଭାବି କହିଲେ, 'ହଁ , ଆଜିକାଲି ଆକାଶର ଅବସ୍ଥା ତ ଭଲ ନାହିଁ ।'

- 'ତୁ , ନିଜେ ଖୁଦ ଦାନା ନେଇ ପକ୍ଷୀଙ୍କୁ ଦେଲୁନି । ବାପା ରାତି ଅନିଦ୍ରା ରହିଲେ କାହିଁକି ?'

- 'ମୁଁ କ'ଣ ତାଙ୍କୁ ଉଠେଇଛି । ମୁଁ ତ ଶୋଇ ଯାଇଥିଲି, ପକ୍ଷୀ ଶବ୍ଦ ଶୁଣି ସେ ହିଁ ଆଗ ଉଠି ପଡିଲେ । କିନ୍ତୁ ଏ ପକ୍ଷୀଙ୍କୁ ହଠାତ୍ ଅବେଳାରେ ଭୋକ ଲାଗିଲା ଯେ । ରାତି ପାହିଥିଲେ ଦିନରେ ତ ଖାଇ ପାରିଥାନ୍ତେ ସବୁଦିନ ପରି । ତୁମେ ଆସି ବଡବାବୁଙ୍କୁ ନେଇ ଯାଅ ତୁମ ପାଖକୁ କିଛି ଦିନ ପାଇଁ ।'

- 'ହଉ, ହେଲା, ତୁ ବ୍ୟସ୍ତ ହଅନି । ମୁଁ ମଧ ଭାବୁଥିଲି ଯିବି ବୋଲି । ତୁ ସକାଳେ ବାପାଙ୍କ ଘରେ ବୁଢିଆଣୀ ଜାଲ ସଫା କରିଦେବୁ ମୁଁ ପହଞ୍ଚି ଯାଉଛି ଦିନ ଦଶଟା ସୁଦ୍ଧା । ପୀୟୂଷ ଦିନ ଦଶଟା ବେଳେ ଆସିଲା । ରାଜୁ ଦୁଆର ମୁହଁରେ ଅପେକ୍ଷା କରି ବସିଥିଲା । ଦେଖିଲା କ୍ଷଣି କହି ପକାଇଲା,

- 'ଛୁଆ ବାବୁ ! ଦେଖନା । ବଡବାବୁ ଉଠିଲେ କୁଆଡେ ବୁଢିଆଣୀ ଜାଲ ସଫା କରିବାକୁ ଦେବେନି ବୋଲି ଭାବି ମୁଁ ଭୋର ଭୋର ସବୁ ବୁଢିଆଣି ଜାଲ ସଫା କରି ଦେଇଥିଲି । ସେତେବେଳେ ସେ ନିଦରେ ଶୋଇଥିଲେ । ଜାଣି ପାରିନଥିଲେ। ସକାଳେ ବଡବାବୁ ଉଠି ନାଲି ଚାହା ମାଗିଲେ । ହସି ହସି କାଲି ରାତିର ଚଢ଼େଇ ମାନଙ୍କର କଥା କହିଲେ । ମୁଁ ନାଲି ଚାହା ବନାଇ ନେଇ ଯିବା ବେଳକୁ ଆଉ ଡାକିଲେ ଶୁଣୁ ନାହାନ୍ତି ସେବେଠୁ । ସେଇମିତି ନାଲି ଚାହା ଭରା କପ୍ ବସିଛି।'

ରାଜୁର କଥା ଶୁଣି ପିୟୂଷର ହାତରୁ ବ୍ୟାଗଟା ଖସି ପଡ଼ିଲା । ସେ ଦୌଡି ଗଲା ବାପାଙ୍କ ପାଖକୁ ।

ଦରଜାକୁ ବନ୍ଦ କରି ରଖିଥିଲା କିଛି ନୂଆ ବୁଣା ବୁଢିଆଣୀ ଜାଲ ।

ରାଜୁ କିନ୍ତୁ ଜାଣି ସାରିଥିଲା, ତା'ର ଆଉ କାମ ନାହିଁ ଏ ଘରେ । ପକ୍ଷୀମାନେ ରାତିରେ ତାଙ୍କ ଶେଷ ଖାଇବା ସାରି ଫେରି ଯାଇଛନ୍ତି । ସେମାନେ ଆଉ ଆସିବେନି । ବଡ ବାବୁଙ୍କ ଘରଟାକୁ ମଧ ବୁଢିଆଣି ଅକ୍ତିଆର କରି ନେଇଛନ୍ତି ।

❤ ରେଲ୍ ମିନାର, ଜୋଜେସ୍ କୋର୍ଟ ରୋଡ , ଆଲିପୁର , କଲିକତା

ଇଣ୍ଡୋନେସିଆ ଲୋକକଥା

# ଶବୋତ୍ସବ

## ସୁଧାଂଶୁ ଶେଖର ଦ୍ୱିବେଦୀ

କେତେ କେତେ ପ୍ରକାର ବିଚିତ୍ରତାରେ ପରିପୂର୍ଣ୍ଣ ଆମ ଦୁନିଆର ରୂପ ରେଖ ।ତା ମଧ୍ୟରୁ ପାଳିତ ହେଉଥିବା ବିଭିନ୍ନ ଧରଣର ଉତ୍ସବ ମଧ୍ୟ ବଡ଼ ବିଚିତ୍ର ଅଟେ ।ଏଭଳି ଏକ ଉତ୍ସବ ଦକ୍ଷିଣ ଇଣ୍ଡୋନେସିଆର ସୁଲେବାସୀ ପ୍ରାନ୍ତରେ ତୋରାଜା ସମ୍ପ୍ରଦାୟରେ ପାଳିତ ହେଉଥିବା ଉତ୍ସବକୁ ମା'ନେନେ ଫେଷ୍ଟିଭାଲ କୁହାଯାଏ। ମା'ନେନେ ଫେଷ୍ଟିଭାଲର ସମ୍ପର୍କ ଜୀବନ ନୁହେଁ ମୃତ ଲୋକଙ୍କ ସହିତ ଶଂଶ୍ଲିଷ୍ଟ ।ଏହି ଉତ୍ସବ ଶବୋତ୍ସ୍ୱ ନାମରେ ମଧ୍ୟ ଖ୍ୟାତ ।ସେମାନଙ୍କ ପରମ୍ପରା ଅନୁସାରେ ଏହି ଉତ୍ସବ ଦିନ ଲୋକମାନେ ନିଜ ନିଜର ପ୍ରିୟଜନଙ୍କ ଶବକୁ କବରରୁ ବାହାର କରି ସଫା ପରି ଷ୍କାର କରିବା ସହିତ ସ୍ନାନ କରାନ୍ତି ।ପରେ ଉକ୍ତ ଶବକୁ ନୂଆ ବସ୍ତ୍ର ପିନ୍ଧାନ୍ତି ।ତାହା ଏଭଳି ବସ୍ତ୍ର ହୋଇଥାଏ ଯାହା ଉକ୍ତ ଶବ ତା' ଜୀବନ କାଳ ମଧ୍ୟରେ ପିନ୍ଧିବାକୁ ଇଚ୍ଛା କରିଥାଏ ।ତାପରେ ସେହି ଶବକୁ ଭଲଭାବେ ସଜବାଜ କରି ଫୁଲମାଳ ପିନ୍ଧାଇ ପୂରା ଗାଁରେ ଭ୍ରମଣ କରାନ୍ତି ।ଶେଷରେ ଉକ୍ତ ନୂଆ ବସ୍ତ୍ର ସମେତ ଶବକୁ କବରରେ ପୋତି ଦିଅନ୍ତି ।

ଏଭଳି ଉତ୍ସବ ପ୍ରତି ତିନିବର୍ଷ ଅନ୍ତରରେ ପାଳନ କରାଯାଏ। ସେଦିନ ପୂରା ଗାଁ ବିଭିନ୍ନ ପ୍ରକାର ରଙ୍ଗୀନ ଆଲୋକମାଳା ଏବଂ ତୋରଣରେ ସଜା ହୋଇଥାଏ ।ମୃତକର ସମସ୍ତ ବନ୍ଧୁପରିଜନ ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତି ।ସେଠାକାର ନିୟମାନୁଯାୟୀ କୌଣସି ବ୍ୟକ୍ତି ନିଜ ଜୀବନସାଥୀର ମୃତ୍ୟୁ ପରେ ଦ୍ୱିତୀୟ ବିବାହ ସେଇ ବେଳେ କରି ପାରିବ ଯେବେ ସେ ତା' ଜୀବନସାଥୀ ପାଇଁ ଅତିକମରେ ଥରେ ମା'ନେନେ ଉତ୍ସବ ପାଳନ କରିଥିବ ।

ଏହି ଉତ୍ସବକୁ ପାଳନ କରିବା ପଛରେ ଏକ ଲୋକକଥା ପ୍ରଚଳିତ ।ସମ୍ଭବତଃ ୧୦୦ ବର୍ଷ ପୂର୍ବେ ବାରୁପ୍ପୁ ନାମକ ଗାଁର ଜଣେ ଯୁବକ ପୋଙ୍ଗ ରୁମସେକ ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ଯାଇଥାଏ ।ଶିକାର ଖୋଜୁ ଖୋଜୁ ଗୋଟେ ଗଛତଳେ କ୍ଷତବିକ୍ଷତ ଶବ ପଡି ଥିବା ଦେଖିଲା ।ଶବଟି ସଂପୂର୍ଣ୍ଣ ରୂପେ ପଚିଶଢ଼ି ଯାଇଥାଏ ।ଯାହା କେବଳ ପିଞ୍ଜରାର ଢାଞ୍ଚା ଥାଏ ।ପୋଙ୍ଗ ରୁମସେକ ତୁରନ୍ତ ନିଜ ପିନ୍ଧାବସ୍ତ୍ର ଖୋଲି ଉକ୍ତ ଶବର ପିଞ୍ଜରାକୁ ପିନ୍ଧାଇଦେଲା ।ପରେ ଶ୍ରଦ୍ଧାଞ୍ଜଳି ଦେଇ ଶବକୁ କବରରେ ପୋତିଦେଲା ।ସେଦିନଠାରୁ ତା' ମନ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ ଜାଗୃତ ହେଲା ।ଜୀବନରେ ସେ କେବେ ଶିକାର କରି ନିରୀହ ଜୀବଙ୍କର ପ୍ରାଣ ନାଶ କରିବନି ବୋଲି ସଂକଳ୍ପ କଲା ।କ୍ରମଶଃ ତାକୁ ଧନ-ସମ୍ପତ୍ତି- ବୈଭବର ଉନ୍ନତି ସବୁକୁଛି ପ୍ରାପ୍ତ ହେଲା ।ଏସବୁର ଶ୍ରେୟ ସେହି ଅଜଣା ଶବ କାରଣ ରୁ ହୋଇପାରିଛି ବୋଲି ତା' ମନରେ ଦୃଢ଼ ବିଶ୍ୱାସ ରହିଥାଏ ।ଉକ୍ତ ଘଟଣା ପରେ ନିଜ ପୂର୍ବଜମାନଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଦେବାପାଇଁ କବର ମଧ୍ୟରୁ ପୂର୍ବଜଙ୍କ ଶବ ବାହାର କରି ନୀତି ନିୟମ ଅନୁସାରେ ନୂଆ ବସ୍ତ୍ର ପିନ୍ଧାଇ ସାରା ଗାଁରେ ଭ୍ରମଣ କରାଇଲା ।ତା'ପରଠାରୁ ସେ ଅଞ୍ଚଳରେ ଶବୋତ୍ସ୍ୱର ପରମ୍ପରା ଆରମ୍ଭ ହୋଇଥିଲା ।

ଏହି ଉତ୍ସବକୁ ପାଳନ କରିବା ପଛରେ ମୂଳ ଭାବନା ହେଉଛି ନିଜ ପୂର୍ବଜଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରା ହୋଇଥାଏ ।ଉକ୍ତ ସମ୍ପ୍ରଦାୟର ଲୋକମାନେ ଏହାବି ବିଶ୍ୱାସ କରିଥାନ୍ତି ମୃତ୍ୟୁ ଅନ୍ତେ ସେମାନଙ୍କ ଆତ୍ମା ନିଜ ପରିଜନଙ୍କ ଆଖପାଖରେ ଘୁରିବୁଲେ ।ଯଦି ସେହି ଆତ୍ମାର ଇଚ୍ଛା ଅପୂର୍ଣ୍ଣ ରହିଥାଏ ଅତୃପ୍ତ ହୋଇ ପରିଜନଙ୍କୁ ବିଚଳିତ କରାଏ ।ସେଥିପାଇଁ ପ୍ରତ୍ୟକ ତିନି ବର୍ଷରେ ଥରେ ଉକ୍ତ ଉତ୍ସବ ପାଳନ କରିବାକୁ ପଡିଥାଏ ।ଏହା କଲେ ସେମାନଙ୍କ ପୂର୍ବଜ ପ୍ରସନ୍ନ ହୁଅନ୍ତି ଏବଂ ପରିବାର ଲୋକଙ୍କୁ ସୁଖୀ ସମୃଦ୍ଧ ଜୀବନ ଜିଇବାକୁ ଆଶୀର୍ବାଦ ଦେଇଥାନ୍ତି ।

❤ ବିସି-୭୪ ,ସଲଟ ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨



କଥାରେ କଥାରେ....
(ସୃଜନ ଆଳାପର ନିଆରା ସ୍ତମ୍ଭ)

# କବିଟିଏ ସମାଜକୁ ଅମୃତ ଦେଇ ନପାରିଲେ ନଦେଉ କିନ୍ତୁ ବିଷ ଦେବାର ପ୍ରୟାସ ନକରୁ : ଅରୁଣ କୁମାର ସାହୁ

**ସରଳ ଛଳଛଳ ବିହ୍ୱଳପଣ ଓ ଅଙ୍ଗୀକାରବଦ୍ଧତାକୁ ଆପଣେଇ ନେଇଥିବା କବି ହେଲେ ଅରୁଣ କୁମାର ସାହୁ । ନିଜ ଦୃଷ୍ଟିରେ ଜଗତକୁ ନିରୀକ୍ଷଣ କରିବାର ଅଭୀପ୍ସା ହିଁ ତାଙ୍କୁ ନେଇ ଆସିଛି ସାହିତ୍ୟ ଜଗତକୁ, ଯୋଉଠି ସେ ଆକାଶ ସହ ମାଟିର, ଫୁଲ ସହ ପ୍ରଜାପତିର ଏବଂ ମନ ସହ ଆଉ ଗୋଟେ ମନକୁ ଯୋଡି କବିତାର ଇନ୍ଦ୍ରଧନୁ ତିଆରି କରିବା ସ୍ୱପ୍ନରେ ନିମଗ୍ନ କିନ୍ତୁ ତାହା ଗୋଟେ ସୀମାର ସୀମାରେଖା ଭିତରେ । ସମାଜମନସ୍କ, ସାମାଜିକ ପ୍ରତିବଦ୍ଧତା ତାଙ୍କ କବିତାର ପ୍ରଥମ ପ୍ରାଥମିକତା । ତାଙ୍କ ସହ ଏଥରର ଆଳାପ ।**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

**■ କବିତା କାହିଁକି ? କେବେଠାରୁ କବିତା ସହିତ ଆପଣଙ୍କର ସଂପର୍କ ? କାହାର ପ୍ରେରଣା ଆପଣଙ୍କୁ କବି ହେବାରେ ସାହାଯ୍ୟ କରିଛି ?**

■■ ଲେଖାଲେଖି କରୁଥିବା ପ୍ରାୟ ପ୍ରତ୍ୟେକଙ୍କ ଜୀବନରେ ପ୍ରଥମେ କବିତା ଆସେ। କେତେଜଣଙ୍କ ପାଖରେ ରହିଯାଏ ସବୁଦିନ ପାଇଁ ଏବଂ କେତେକ ପରବର୍ତ୍ତୀ ସମୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ନାଟକ ଆଡକୁ ଢ଼ଳି ଯାଆନ୍ତି। ମୋ ଜୀବନରେ କିନ୍ତୁ ଏହାର ବ୍ୟତିକ୍ରମ ଥିଲା। ଆମ ଅଞ୍ଚଳରେ ନାଟକର ଖୁବ୍ ଆଦର। ଗାଆଁ ଗାଆଁରେ ସ୍କୁଲ କଲେଜରେ, ପର୍ବପର୍ବାଣୀ ଓ ମେଳାରେ ଡ୍ରାମା ଅଥବା ଅପେରା ମାଧ୍ୟମରେ ନାଟକ ମଞ୍ଚସ୍ଥ ହୁଏ। ଆମ୍ଭମାନଙ୍କର ରଚିରେ ନାଟକ ପ୍ରବେଶ କରିଯାଇଥାଏ। ଅନ୍ୟ ପକ୍ଷରେ ମୋର ବାପା ସେତେବେଳେ ଆମ ଅଞ୍ଚଳ ତଥା ସ୍କୁଲରେ ସବୁଠାରୁ ବଡ଼ ଡ୍ରାମା ନିର୍ଦ୍ଦେଶକ। ସେତେବେଳେ ଖରାଦିନ ଛୁଟି ପ୍ରାୟ ତିନିମାସ। ମୋର ସେତେବେଳେ ଷଷ୍ଠ ଶ୍ରେଣୀ। ଆମର ଏକ ନୂଆ ଡ଼ିହ (ବଙ୍ଗାଳୀ ଡ଼ିହ) ଥାଏ। ହଷ୍ଟେଲରୁ ସେତେବେଳକୁ ପଳେଇ ଆସିଥାଉଁ। ଖରାବେଳ ସାରା ଖେଳଖେଳରେ ନାଟକ ଚାଲେ। ନାଟକ ପାର୍ଟିର ମୁଁ ସର୍ବେସର୍ବା। ‘ଦୟା ଅପେରା’ ନାମରେ ଏକ ନାଟକ ପାର୍ଟି ଆମେ ତିଆରି କରିଦେଲୁ। ପରବର୍ତ୍ତୀ ସମୟରେ ମୋ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଏକ ନାଟକ ଆମେ ଗାଆଁ ଦାଣ୍ଡରେ ପେଟ୍ରୋମାକ୍ସ ଲାଇଟ ଜଳେଇ ମଞ୍ଚସ୍ଥ କରିଦେଲୁ। ନାଟକର ନାମ ମୋର ମନେ ନାହିଁ। ଦୁଇ ବର୍ଷ ଚାଲିଥିଲା ଏ ଅପେରା ପାର୍ଟି। ବୋଉ ମୋର ଯାତ୍ରା ବାକ୍ସରେ ନିଆଁ ଲଗେଇଦେବା ପରେ ଯାତ୍ରା ନିଶା ଓ ନାଟକ ଶେଷ ହୋଇଗଲେ। ପରବର୍ତ୍ତୀ ସମୟରେ ଗଳ୍ପ ଲେଖୁଥିଲି। ପ୍ରାୟ ୧୯୯୦ ମସିହା ବେଳକୁ ମୁଁ କବିତା ଲେଖିବା ଆରମ୍ଭ କଲି। ବାସ୍ ତା'ପରେ ସବୁ ଛାଏଁ ଛାଏଁ ହୋଇଗଲା। ଏକଦା ଶ୍ରୀ ରମାକାନ୍ତ ରଥ ମୋତେ କହିଥିଲେ ଯେ ତୁମେ କବିତା ଛଡ଼ା ଆଉ କିଛି ଲେଖିବ ନାହିଁ। ଆଉ କିଛି ଲେଖିଲେ ତୁମର ଶୈଳୀ ବିଗିଡ଼ିଯିବ। ବାସ୍ ମୁଁ ମୋର କବିତା ଓ ଶୈଳୀକୁ ନେଇ ଆଜି ବି ରହିଛି। ଆଗରୁ କହିଛି ମୋ ବାପାଙ୍କର ନାଟକ ସହିତ ଘନିଷ୍ଠତା ବିଷୟରେ। ତାହା ହିଁ ଥିଲା ମୋର ପ୍ରେରଣା ମୋର ଅବଚେତନରେ। ନାଟକ ସାହିତ୍ୟରେ ଆସେ କି ନାହିଁ ସେତେବେଳେ ତା'ର ଜ୍ଞାନ ବି ଆମ ପାଖରେ ଉଦୟ ହୋଇ ନ ଥିଲା। ସେ ସମୟରେ ମୋର ସ୍କୁଲ ଜୀବନରେ ସାହିତ୍ୟର ସମସ୍ତ ବିଭବ ଯାହା କିଛି ସ୍କୁଲ ପାଠାଗାରରେ ଅଛି ସେ ସବୁ ପଢ଼ି ସାରିଦେବା ହିଁ ମୋର ସୌକ ଓ ନିଶା ପାଲଟି ଯାଇଥିଲା। ନିଜେ ଲେଖକ ହେବାର କୌଣସି ଦୁଃସାହସ ମୋ ଭିତରେ କ'ଣ ଆମ ଅଞ୍ଚଳର କାହାରି ଭିତରେ ବି ସେ ସମୟରେ ରେଖାପାତ କରିପାରେ ନାହିଁ। କାରଣ ଆମ୍ଭମାନଙ୍କ ଆଖିରେ ଲେଖକଟିଏ ଖୁବ୍ ଖୁବ୍ ବଡ଼। ସେହି ସ୍ଥାନରେ ଆମେ ପହଞ୍ଚିବାର ଅଭିଳାଷ ପୋଷଣ କରିବା ଯାହା ଦେଶର ପ୍ରଧାନମନ୍ତ୍ରୀ ହେବାର ଆଶା ରଖିବା ତାହା। ତାହା ଏଇଥିପାଇଁ ଯେ ଜଣେ ସୃଜନଶୀଳ ବ୍ୟକ୍ତି ବା ଲେଖକକୁ ଏତିକି ବଡ଼ ବୋଲି ଭାବିବାକୁ ମୋ ଭିତରେ ଥିବା ସହଜାତ ସମ୍ଭ୍ରମ ଓ ସମ୍ମାନ। ନାଲକୋରେ ଚାକିରୀ କଲାପରେ ଲେଖକମାନଙ୍କୁ ପାଖରେ ଦେଖି ମୋର ଭ୍ରମ ଦୂରହୋଇଥିଲା। ମୋ ଭିତରେ ଅବଚେତନ ଅବସ୍ଥାରେ ରହିଥିବା ବାପାଙ୍କର ଅନ୍ତର୍ନିହିତ ପ୍ରେରଣା ଧିରେ ଧିରେ ରୂପ ନେଇଥିଲେ।

**■ କେମିତି ଥିଲା ପ୍ରଥମ ପ୍ରକାଶନର ଅନୁଭବ ?**

■■ ନିଜେ ଜଣେ ଲେଖକ ହେବା ଓ ନିଜର ଲେଖା ମୁଦ୍ରିତ ଅକ୍ଷରରେ ପ୍ରକାଶିତ ହେବାର କଳ୍ପନା କରିବାର କଥା ବି ଆମେ ଭାବି ପାରୁନା। ତା'ପରେ ଆମ ଅଞ୍ଚଳରେ (ଭେଡ଼ା) ଯେଉଁଠାରେ ତିନିଦିନ ପରେ ସ୍କୁଲରେ ବାସୀ ଖବରକାଗଜ ପହଁଚେ ସେ ଅଞ୍ଚଳର ପିଲାଟିଏ କେତେ ସ୍ୱପ୍ନ ବା ଦେଖିପାରିବ। ନାଲକୋରେ ଚାକିରୀ କଲାପରେ ସେ ଅଞ୍ଚଳରେ ବାହାରୁଥିବା ସ୍ମରଣିକା ଇତ୍ୟାଦିରେ ଲେଖା ବାହାରିବା ଆରମ୍ଭ କରିଥିଲା। ମୁଁ ତ ଆଉ ଶିକ୍ଷା ବିଭାଗ ବା ମିଡ଼ିଆ ଜଗତରେ ନଥିଲି ଯେ ମୋ ଲେଖାକୁ ନେଇ ଶିହରିତ ହୋଇଥାଆନ୍ତି ଏକ ଅନାଗତ ବୃତ୍ତିଗତ ଉନ୍ନତିର ଆଶାରେ। ମୋ ସୀମିତ ଲେଖକ ସତ୍ତା ମୋ ଭିତରେ ଶିହରଣ ଆଣିଦିଏ ନାହିଁ କାରଣ ମୁଁ ସେତେବେଳେ ସ୍କୁଲ କଲେଜର ଅବିବେକୀ କିଶୋର ଅବସ୍ଥାରେ ନଥିଲି। ମୋର ଅନ୍ୟ ପରିଚୟ ଏତେ ବଡ଼ ହୋଇଯାଉଥିଲା ଯେ ଧିରେ ଧିରେ ମୋର ଲେଖକୀୟ ସତ୍ତା ମୋ ପାଇଁ ନିହାତି ସାଧାରଣ ଥିଲା। ମାତ୍ର ଆମ ଅଫିସର କ୍ଲବର ମାଗାଜିନରେ "ଅଚନ୍ଦ୍ର" ନାମରେ ମୋର ଏକ ଗଳ୍ପ ସେତେବେଳେ ନାଲକୋନଗରକୁ ହୁଲୁସ୍ଥୁଲ କରିଦେଲା। ଶିକ୍ଷିତା ଅଥଚ ଅସୁନ୍ଦରୀ ନାରୀକୁ ନେଇ ଏ ଗଳ୍ପ ଥିଲା। ଏହି ଗଳ୍ପର ପ୍ରସିଦ୍ଧି ଓ ପ୍ରେରଣା ମୋ ପାଇଁ ଏତେ ଥିଲା ଯେ ଆଉ ମୁଁ ପଛକୁ ଫେରି ଚାହିଁନାହିଁ। ସେଦିନର ସେ ପୁଲକ ଆଜି ବି ମୋର ଲେଖକୀୟ ସତ୍ତାକୁ ସଦା ପୁଲକିତ କରି ରଖିଆସିଛି।

**■ ଆପଣଙ୍କ କବିତା ପାଠକଙ୍କୁ ଛୁଇଁଥାଏ। ଏହାର ଟେକନିକ୍ କ'ଣ ? କବିତାର କିଛି ସୀମା ରହିବା ଉଚିତ କି ?**

■■ କହିଛି ଆରମ୍ଭରୁ ମୋ କବିତାର ଟେକନିକ୍ ବିଷୟରେ ଶ୍ରୀ ରମାକାନ୍ତ ରଥଙ୍କ ଟିପ୍ପଣୀ। ମୋ କବିତା କେମିତି ହେଉଛି ଏହି ପ୍ରଶ୍ନର ସେ ଯାହା ଉତ୍ତର ଦେଇଥିଲେ ତାହାଥିଲା "ତୁମ କବିତାରେ ଏକ ଶୈଳୀ ଅଛି। ତାହା ତୁମେ ଏବେ ଜାଣିପାରିବ ନାହିଁ। ତୁମର ଦୁଇତିନି ଖଣ୍ଡ ବହି ଛାପି ହୋଇଗଲା ପରେ ତୁମେ ତାହା ଜାଣିପାରିବ। ତୁମର କୌଣସି କବିତା ଯଦି କୌଣସି ପତ୍ରିକାରେ ବାହାରିଥାଏ ଓ ତୁମ ନାମ ସେଥିରେ ନଥାଏ ତାହେଲେ ବି ମୁଁ କହିଦେବି ଯେ ଏହା ଅରୁଣର କବିତା।" ପରବର୍ତ୍ତୀ ସମୟରେ ମୁଁ କବିତା ଲେଖିବା ସମୟରେ ମଧ ମୋ ମନ ମଧକୁ ଏ ଆପ୍ତ ବାକ୍ୟ କେବେ ବି ଆସି ନାହିଁ। ଅଥଚ ଲେଖିସାରି ମୋ କବିତା ମୁଁ ନିଜେ ପଢ଼ିବା ପରେ ଦେଖିଛି ମୋ କବିତା ମୋ କବିତା ଶୈଳୀରେ ହିଁ ତିଆରି ହୋଇଯାଇଛି। ପ୍ରେମ କବିତା ହେଉ କି ବିପ୍ଳବର କବିତା ହେଉ ମୋ ଶୈଳୀ ଯେମିତି ମୋ ଅଲକ୍ଷ୍ୟରେ ମୋର ଛାଇ ହୋଇ ଚାଲିଛି। ଆଧୁନିକ କବିତା ଛନ୍ଦୋବଦ୍ଧ ହେଉନଥିବ ଅଥଚ ଛନ୍ଦକୁ ଛୁଇଁ ଯେମିତି ଫେରି ଆସୁଥିବ। ମୋ କବିତା ଏମିତି ଛୁଇଁଥାଏ ଛନ୍ଦାଧୁନିକତାକୁ। ମୋ କବିତାର କଳେବର ଯଦି ବର୍ଷାର ତେବେ ସେ ବିଜୁଳି ସବୁଜିମା କଦମ୍ବ ଓ ଶିହରଣକୁ ଛୁଇଁଛି। ଜଣେ ସଚେତନ ପାଠକ ବର୍ଷା କବିତାରେ ଶିହରିତ ହେଉ ହେଉ ସେଥିରେ ଆମେରିକା ଓ ଅଙ୍ଗୁର ପଶି ଆସୁ ଏକଥା ସେ ଚାହେଁନାହିଁ। ପାଠକର ଏ ମାନସିକତା ସହିତ ମୁଁ ଖୁବ୍ ପରିଚିତ ଏବଂ ଏ ବିଷୟରେ ମୁଁ ସର୍ବଦା ସଚେତନ। ମୋର ବିପ୍ଳବ ଓ କ୍ରାନ୍ତିର କବିତାରେ ଯଦି ‘ରାଗ ଦୀପକ୍'ର ଝଲକ ରହିଛି ତେବେ ପ୍ରେମ କବିତାରେ ଏହା ‘ରାଗ ମେଘମହ୍ଲାର' ର ଶୀତଳତାର ପ୍ରତିଶ୍ରୁତିରେ ପୂର୍ଣ୍ଣ ରହିଥାଏ। ଅନ୍ୟ ପକ୍ଷରେ ନା ମୁଁ ବିଦେଶୀ ଭାଷାର କବିତା ଓ ତା'ର ଅନୁବାଦ ପଢ଼େ, ନା ସେ ବିଷୟରେ ମୋର ରଚି ଥାଏ। ପ୍ରଥମତଃ ସମୟର ପାବନ୍ଧି ଏବଂ ଦ୍ୱିତୀୟରେ ଯେଉଁ କବିତା ମୋ ମାଟି ପାଣି ପବନ ଓ ଜୀବନର କଥା କୁହେ ନାହିଁ ସେ କବିତାରୁ ମୁଁ କି ଆନନ୍ଦ ପାଇବି। କାଳେ ମୋ ଭିତରେ ସେ ବିଦେଶୀ ଶୈଳୀ ମୋ କବିତାରେ ମୋ ଅଲକ୍ଷ୍ୟରେ ଆସିଯିବ - ମୁଁ ସଚେତନ ସଦା ସର୍ବଦା ମୋର ପାଠକୀୟତା ଏବଂ ସୃଜନୀକାକୁ ନେଇ। ଆଉ କୌଣସି ଟେକ୍‌ନିକ୍ ବା କୌଶଳ ମୋ କବିତାରେ ମୁଁ ପ୍ରଯୋଗ କରିନଥାଏ ଅଥଚ ମୋ କବିତାର ଶବ୍ଦ ବିଭିନ୍ନ ବିଷୟରେ ସଚେତନ ରହିଥାଏ।

କବିତା ସଦାସର୍ବଦା ଅସୀମ। ତାକୁ ସୀମାୟିତ କରିବାର ଚେଷ୍ଟା ବୃଥା। ଅଥଚ କବିର ଭାବନାର ଅସୀମତା ଭିତରେ ଏକ ସୀମାରେଖା ରହିଥାଏ। ମରୁଭୂମିର ଅନିର୍ଦ୍ଦିଷ୍ଟ ପଥରେ ସେ ଯାତ୍ରୀ ନୁହେଁ। ସେ ମରୁଭୂମିର ସେତିକି ବାଟଯାଏ ଅତିକ୍ରମ କରିବାର ସାଧନା ରଖିଥାଏ ଯେଉଁଠି ତା'ର ପାଠକକୁ ସେ ଏକ ମରୁଦ୍ୟାନରେ ପହୁଞ୍ଚେଇ ଦେଇପାରେ। ପାଠକ ଯଦି ମୃଗତୃଷ୍ଣାରେ ପହଞ୍ଚି ଡହଳ ବିକଳ ହୋଇଯାଏ ସେଥିପାଇଁ କବିର ବେପରୁଆପଣ ହିଁ ଦାୟୀ।

**■ ଭଲ କବିତାର ସ୍ୱରୂପ କ'ଣ ? କବିତା ପାଇଁ କବିତା ନା କବିତା ପାଇଁ କବି ? କିଏ ଗୁରୁତ୍ୱପୂର୍ଣ୍ଣ ?**

■■ ଏ ପୃଥିବୀରେ ନିତିନିତି କେତେ ଫୁଲ ଫୁଟୁଛି ଓ ପୁଣି ଝରି ପଡୁଛି। ସେଇ ଫୁଲଟା ସେଦିନ ଅମର ହୋଇଗଲା ଯେଉଁ ଫୁଲକୁ ହାତୀ ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଦେଇଥିଲେ। ଅନେକ କବିତା ପ୍ରତି ମୁହୂର୍ତ୍ତରେ ଜନ୍ମ ହେଉଛନ୍ତି। କିନ୍ତୁ କ୍ଷଣଜନ୍ମା ହୋଇ ଝରିପଡୁଛନ୍ତି। ସେଇ କବିତା ବଞ୍ଚୁଛି ଯାହାକୁ ପଢୁପଢୁ ପାଠକର ମନ ପ୍ରାଣ ହୃଦୟ ଓ ଆତ୍ମାରେ ଆନନ୍ଦର ସଞ୍ଚାର ହୋଇଯାଉଛି। ମୋ ଦୃଷ୍ଟିରେ ତାହା ହିଁ ଭଲ କବିତା ଯାହା ପାଠକକୁ ଆନନ୍ଦ ଦେଉଛି।

କବିତାର ଦୁଃଖ ଯେ ସେ ନିଜେ ନିଜେ ଜନ୍ମ ହୋଇ ପାରୁ ନାହିଁ। ତା'କୁ କବିଟିଏ ଲୋଡ଼ା। ଅଥଚ ବିନା କବିତାରେ କବିର ଅସ୍ତିତ୍ୱ ବା କାହିଁ! ସତ୍ୟ କଥା ହେଲା କବି ଭିତରେ କବିତା ସ୍ୱୟଂ ଗର୍ଭସ୍ଥ ହୋଇ କବିଙ୍କୁ ପ୍ରସବର ସୁଯୋଗ ଦେଇଥାଏ।

**■ ଜଣେ କବିର ସାମାଜିକ ଦାୟ କ'ଣ ହେବା ଉଚିତ ?**

■■ କବି ମଧ ସଦାସର୍ବଦା ଜଣେ ଦାଇତ୍ୱବାନ ବ୍ୟକ୍ତିତ୍ୱ। ତାଙ୍କ ନିକଟରୁ ସାମାଜିକ ପ୍ରତିବଦ୍ଧତା ଆଶା କରିବା ସର୍ବଥା ଉଚିତ୍। କବିଙ୍କ ବିଳାସ ବ୍ୟସନର ଉଚିଷ୍ଟ ହୋଇ କବିତା ସମାଜକୁ ନଆସୁ। କବିଙ୍କର ବିକୃତି କବିତା ହୋଇ ପାଠକକୁ ବିକୃତ ନକରୁ। କବି ସମାଜମନସ୍କ ହେବା ସର୍ବଥା କରଣୀୟ। ସକାରାତ୍ମକ ପରିବେଶରେ ଆତଯାତ କବିର ଚିନ୍ତା ଚେତନାରେ ଯେମିତି ଅମୃତମୟ କିଛି ଭେଟିଦେବାର ପ୍ରତିବଦ୍ଧତା ରହିଥାଏ ନକାରାତ୍ମକ ଭାବନା ସର୍ବସ୍ୱ କବି ସମାଜକୁ କେବଳ ବିଷ ହିଁ ଦେଇଥାଏ।

ଆଜିର ଦିନରେ ଆଉ କ'ଣ ଭୋକ ବିଷୟରେ କଣ୍ଠ ଫଟେଇ କବିତା ଗାଇବାର ଆବଶ୍ୟକତା ଅଛି ଯେତେବେଳେ ଚାଉଳ ଡ଼ମରେର ଘରେ ଘରେ ଟଙ୍କିକିଆ ଚାଉଳ ଭର୍ତ୍ତି ରହିଛି ! ଭୋକିଲା ପେଟ ଦେଶ ବିଷୟରେ ଚିନ୍ତା କରି ନପାରେ। ଅଥଚ ପୂରିଲା ପେଟରେ ବେକାରୀ ଜୀବନର ଅନେକ କୃତି ବିକୃତି ଆଜି କବିତା ହୋଇ ଆସିବାର ଆବଶ୍ୟକତା ଅଛି। ଶିକ୍ଷିତ ଝିଅଟି ସହିତ ବେକାର ପୁଅର ବାହାଘର ପରେ ଯେଉଁ ଆତ୍ମଦାହ - ପ୍ରେମରେ ଶିହରଣର ପଳାୟନ। ପଲିଥିନ୍ ଭଳି ପ୍ରେମ ଅଳିଆଗଦାରେ ଏବେ। ଏତେ ସବୁ କଥାକୁ କ'ଣ ଆଡ଼େଇ ଦେଇପାରେ ଜଣେ କବି ? କବିର ଅଙ୍ଗିକାର ଆଲୋକିତ ଘର ଭିତରେ ଅନ୍ଧାର ମନର ଆବିଷ୍କାର କରିବା। ଭାଙ୍ଗିଯାଉଥିବା ମନକୁ କବିତାର ପ୍ରଲେପରେ ଯୋଡ଼ିଦେବା। କବିର ନିଜ କଥା ବି ଆସୁ କିନ୍ତୁ ସୁବାସିତ ଫୁଲ ହୋଇ। କବିଟିଏ ସମାଜକୁ ଅମୃତ ଦେଇ ନପାରିଲେ ନଦେଉ କିନ୍ତୁ ବିଷ ଦେବାର ପ୍ରୟାସ ନକରୁ।

**■ ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?**

■■ ଅନେକ କାର୍ଯ୍ୟରେ ମୁଁ ବ୍ୟକ୍ତିଗତ ଭାବରେ ସଂପୃକ୍ତ ତା'ର ଏକ ସ୍ୱଭାବିକ ପ୍ରକ୍ରିୟା ଭିତରେ। ବୃତ୍ତି ବାହାରେ ବି ଆଉ କିଛି ସାମାଜିକ ଓ ସାରସ୍ୱତ ଦାଇତ୍ୱ ଛାଏଁ ଛାଏଁ ରହିଥାଏ ମୋ ଉପରେ ସଦାସର୍ବଦା। ନାଲକୋ ଅଫିସର ସଂଘର ସଭାପତି ଭାବରେ ହେଉ ବା ଓଡ଼ିଶା ବିଜ୍ଞାନ ମଣ୍ଡଳର ରାଜ୍ୟ ସଂଗଠନ ସଂପାଦକ ଭାବରେ ହେଉ ମୋ ପାଖରେ ଏମିତି କିଛି ଅତିରିକ୍ତ ଗୁରୁ ଦାୟିତ୍ୱ ସବୁ ସମୟରେ ରହିଥାଏ। ଏବେତ ପୁଣି କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଦାୟିତ୍ୱ। ଆମର ଏକ ବଡ଼ ପରିବାର। ଛଅ ଭାଇ ଓ ଦୁଇ ଭଉଣୀ ଓ ସମସ୍ତଙ୍କର ପିଲାଛୁଆ। ପାଖାପାଖି ବତିଶ ତେତିଶ ଜନସଂଖ୍ୟାର ଭାରତ। ପ୍ରତ୍ୟେକଙ୍କ ପ୍ରତି ମୋ ପାଖରେ ସ୍ଥୁଳ ଦାୟିତ୍ୱ ସହିତ ଅନେକ ମାତ୍ରାରେ ସୂକ୍ଷ୍ମ ଦାୟିତ୍ୱ ସବୁ ରହିଥାଏ। କେଉଁଠୁ ଖସିବାର ରାସ୍ତା ନାହିଁ। ପୁଅ ଝିଅ ପତ୍ନୀ ସେମାନଙ୍କ ପ୍ରତି ପୁଣି ତ୍ୱରିତ୍ ଦାୟିତ୍ୱ। ଏପାଖରେ କିନ୍ତୁ କବିତା ପାଇଁ ଦରକାର କିଛି ନିରୋଳା ସମୟ। ମୋର ପରିବାର ମୋ କବିତା କାରଣରୁ ଅବହେଳିତ ନହେଉ ଯେମିତି ମୋର ଦାୟିତ୍ୱ, ସେମିତି ପରିବାର ଜଞ୍ଜାଳରୁ ମୋ କବିତା ଅବହେଳାର ଶିକାର ନହେଉ ମଧ ମୋର ଅନ୍ୟତମ ଦାୟିତ୍ୱ। ମୁଁ ଅନେକ ଭାଗ୍ୟବାନ ଯେ ମୋ ପରିବାରର କୌଣସି ବି ଏକକ ତରଫରୁ ମୋ କବିତାର ଜୀବନ ପ୍ରତି କେବେ ବି କୌଣସି ପ୍ରତିବନ୍ଧକର କାରଣ ଆସି ନାହିଁ।

ମୁଁ ଯାହା ବି ଲେଖେ ଖୁବ୍ କମ୍ ଲେଖେ। ତା'ର କାରଣ ପାରିବାରିକ ଅସହଯୋଗ ନୁହଁ। ତା'ର ଏକମାତ୍ର କାରଣ ମୋର ପ୍ରେରଣା ଓ ମୁଡ୍। ଅନେକ କାର୍ଯ୍ୟର ବ୍ୟସ୍ତତା ଭିତରେ କେବେକେବେ କବିତା ଲେଖିହୋଇଯାଏ ତା'ର ହିସାବ ମୁଁ ରଖେ ନାହିଁ। ପ୍ରତ୍ୟେକ ଦିନ ସାହିତ୍ୟ ଟେବୁଲରେ ନ ବସିବା ହିଁ ମୋର ଅଭ୍ୟାସ। ଅଥଚ କବିତାର ବାଦଲ ମୋର ମନ ଆକାଶରେ ଭାସୁଥାଏ ନିରନ୍ତର। କେତେବେଳେ ମୌସୁମୀ ଛୁଇଁଦେଲେ ବରଷିଯାଏ।

ମୋ କବିତାର ସ୍ଥୁଳ ଜୀବନରେ ସେମାନେ କେହି ସାମିଲ ନଥାନ୍ତି ଅଥଚ ମୋର କବିତାମୟ ଜୀବନର ସୂକ୍ଷ୍ମ ଜୀବନଯାତ୍ରାରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅବଦାନ ସେମାନଙ୍କର। ସେମାନଙ୍କ ସହଯୋଗ ଓ ପ୍ରୋତ୍ସାହନ ପାଖରେ ମୁଁ ସବୁବେଳେ ଋଣୀ।

**■ ଓଡ଼ିଆ ସାହିତ୍ୟରେ ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ?**

■■ ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟତା ବିଷୟରେ ଦେଶରେ ସ୍ୱୀକୃତି ମିଳିବା ପରେ ଏହା ସ୍ୱାଭାବିକ ଯେ ପ୍ରତ୍ୟେକ ଓଡ଼ିଆ ନିଜ ଭାଷାକୁ ନେଇ ଗୌରବାନ୍ୱିତ। ଦ୍ୱିତୀୟରେ ଆମ ପ୍ରାଚୀନ ସାହିତ୍ୟ ଯେ ଖୁବ୍ ଶକ୍ତିଶାଳୀ ଥିଲା ଦୀନକୃଷ୍ଣ ଦାଶ, ଶାରଳା ଦାସଙ୍କ ଠାରୁ ଆରମ୍ଭ କରି ଉପେନ୍ଦ୍ର ଭଞ୍ଜ, ବଳଦେବ ରଥ ଓ ଗଙ୍ଗାଧର ମେହେରଙ୍କ ସାହିତ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ଏ ବିଷୟରେ ଖୁବ୍ ସଚେତନ। ପରବର୍ତ୍ତୀ ସମୟରେ ଫକୀରମୋହନ, ରାଧାନାଥ, ମଧୁସୂଦନଙ୍କ ଠାରୁ ଆରମ୍ଭ କରି ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ, ସଚ୍ଚି ରାଉତରାୟ, ସୁରେନ୍ଦ୍ର ମହାନ୍ତି ଓ ଗୋପୀନାଥ ମହାନ୍ତିଙ୍କ ପର୍ଯ୍ୟନ୍ତ ମଧ ସେମାନଙ୍କ ସମୟରେ ଓଡ଼ିଆ ସାହିତ୍ୟକୁ ଇଞ୍ଚେ ମାତ୍ର ତଳକୁ ଖସିବାକୁ ଦେଇ ନାହାନ୍ତି। ପରବର୍ତ୍ତୀ ପିଢ଼ି କେତେ ନାମ ଆସିଯିବେ ଯେ ମୁଁ କେଉଁଠୁ ଆରମ୍ଭ କରିବି ଓ କେଉଁଠି ଶେଷ କରିବି ଜାଣିପାରୁ ନାହିଁ। ସେମାନେ ମଧ ଓଡ଼ିଆ ସାହିତ୍ୟକୁ ବିଶାଳ ବାଣୀ ବୈଭବ ପ୍ରଦାନ କରିବା ସହିତ ଓଡ଼ିଆ ସାହିତ୍ୟର ଟେକ ରଖିଛନ୍ତି। ମନୋଜ ଦାସ, ଚନ୍ଦ୍ର ଶେଖର ରଥ, ବିନୋଦ ନାୟକ, ମହାପାତ୍ର ନୀଳମଣିଙ୍କ ଭଳି ଅନେକ ସାଧକ ନିଜନିଜର ସ୍ୱାକ୍ଷର ଛାଡ଼ି ବାହୁଡ଼ି ଗଲେଣି। ଅସ୍ତମିତ ବୟସରେ ଏବେ ରମାକାନ୍ତ, ସୀତାକାନ୍ତ, ରାଜେନ୍ଦ୍ର ପଣ୍ଡା, ଶାନ୍ତନୁ ଆଚାର୍ଯ୍ୟ, ବିଭୂତି ଓ ପ୍ରତିଭାମାନେ... । ଖୁବ୍ ଦୀର୍ଘ ଏ ପିଢ଼ି ଖୁବ୍ ଦୀର୍ଘ ଏ ସୂଚୀ।

କଥା ଆସୁଛି ପରବର୍ତ୍ତୀ ପିଢ଼ିକୁ ନେଇ ଯେଉଁମାନେ ଆଜି ବି ଚଳଚଞ୍ଚଳ ହୋଇ ଓଡ଼ିଆ ସାହିତ୍ୟ ଜଗତକୁ ଜୀବନ୍ତ କରି ରଖିଛନ୍ତି ସତକଥା କହିବାକୁ ଗଲେ ସେମାନଙ୍କ ସଂଖ୍ୟା ଖୁବ୍ ଅଧିକ କିନ୍ତୁ **General many but vital few** ଓ ଶାରୀରିକ ଓ ମାନସିକ ଦୃଷ୍ଟିର ଅନେକ ସକ୍ଷମ। ସେମାନଙ୍କ ପାଖରୁ କିଛି ବୃହତ୍ତର ଆଶା ବି ରହିଛି।

ଆଉ ବାକି ରହିଲା ଏବେ ଯେଉଁ ପିଢ଼ି ଆସୁଛନ୍ତି ସେମାନଙ୍କ ଭିତରେ ପ୍ରଚାର ପ୍ରବଣତା ଓ ସ୍ୱୀକୃତୀ ପ୍ରବଣତା ଖୁବ୍ ଅଧିକ ଯାହକି ସାଧନାର ପରିପନ୍ଥୀ। ଜଣେ ସକାରାତ୍ମକ ସୃଜନ ଶିଳ୍ପୀ ଭାବରେ ମୋର ଆଶା ତ ଅନେକ ହେଲେ ଆଶଙ୍କା ବି କମ୍ ନୁହେଁ। ଅନେକ ସାହିତ୍ୟର ସିଂହାସନ ଖୋଜୁଛନ୍ତି ନିଜ ନିଜକୁ ଦୁର୍ଯ୍ୟୋଧନ ରୂପରେ ଅଭିଷିକ୍ତ କରାଇ ଧୃତରାଷ୍ଟ୍ରମାନଙ୍କ ଶରଣ ଶିବିରାର୍ଥୀ ହୋଇ। ଏହାର ଏକ ପ୍ରତିଯୋଗିତା ବି ଚାଲିଛି। ସାହିତ୍ୟର କର୍ଣ୍ଣମାନେ ମଧ ଧୃତରାଷ୍ଟ୍ରୀୟ ଚିନ୍ତାଧାରା ସହିତ ସହବନ୍ଧିତ ହୋଇଯାଉଛନ୍ତି। କିନ୍ତୁ ଆଶାବାଦର କଥା ବି ଅଛି ଅନେକ। ଓଡ଼ିଆ ସାହିତ୍ୟରେ ପ୍ରତ୍ୟେକ ଯୁଗରେ କେହି ନା କେହି ଅର୍ଜୁନଙ୍କର ଆବିର୍ଭାବ ଘଟିଛି। ଆସନ୍ତାକାଲି ବି ଏ ପ୍ରତିଶ୍ରୁତିରେ ପରିପୂର୍ଣ୍ଣ। ■



ସମ୍ବର୍ଦ୍ଧନାର ମଧୁର ମୁହୂର୍ତ୍ତ



କବିଙ୍କ ପୁସ୍ତକ ଉନ୍ମୋଚନ ପର୍ବରେ କବି ରମାକାନ୍ତ ରଥ





‘ବାକିଥିବା ପାଦଚିହ୍ନ’ର ଲୋକାର୍ପଣ ଉତ୍ସବର ସ୍ମୃତିଚିତ୍ର

# ସରକାରଙ୍କ ମଧ୍ୟାହ୍ନ ଭୋଜନ ଯୋଜନା ଓ ତ୍ରିଶଙ୍କୁରେ ଝୁଲିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ

**ଶ୍ୟାମ ସୁନ୍ଦର ସାମଲ**

ରାଜ୍ୟ ସରକାର ପିଲାମାନଙ୍କୁ ବିଦ୍ୟାଳୟ ମୁହାଁ କରିବା ସହ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା କରିଛନ୍ତି। ହେଲେ ପାଉଛନ୍ତି କ'ଣ ଜାଣନ୍ତି ? ଭାତକୁ ପାଣିଆ ଡାଲମା ଆଉ ଭାଗ୍ୟରେ ଥିଲେ କାଁ ଭାଁ ପରିବା। ବିଲାତ କେଜି ଯେଉଁଠାରେ ୧୫୦ଟଙ୍କା, ଡାଲି ୨୦୦ ଛୁଇଁଲାଣି, ଅଦା ୩୦୦ ଟଙ୍କା ସେଠାରେ ସରକାର କିପରି ପୋଷଣଯୁକ୍ତ ଖାଦ୍ୟ ଦେଉଛନ୍ତି ତାହା ଭଗବାନଙ୍କୁ ଜଣା। ବଜାର ଦର ଏବେ ଆକାଶ ଛୁଇଁଲାଣି। ଯାହାଫଳରେ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟାହ୍ନ ଭୋଜନ ହେରଫେର କରୁଛନ୍ତି। ସରକାର ଆହାର ଯୋଜନାରେ ମୁଣ୍ଡ ପିଛା ୨୫ଟଙ୍କା ଖର୍ଚ୍ଚ କରୁଛନ୍ତି ଯେଉଁଥିରେ ପାଣିଆ ଡାଲମା, ସୋୟାବିନ ତରକାରୀ ଓ ଅଣ୍ଡା ମିଳୁଛି। ତେବେ କଏଦୀଙ୍କ ପାଇଁ ସରକାର ୮୦ଟଙ୍କା ବହନ କରୁଛନ୍ତି। ଯେଉଁଥିରେ ବାର ଦେଖି ଛତୁ ଠାରୁ ପନିର, ଚିକେନ ଠାରୁ ମାଛ ବି ରହିଛି। କିନ୍ତୁ ଦେଶର ଭବିଷ୍ୟତ ମାନଙ୍କ ପାଇଁ ସରକାର ଖର୍ଚ୍ଚ କରୁଛନ୍ତି ୫ଟଙ୍କା। ଜଣଙ୍କ ପିଛା ଏହି ୫ଟଙ୍କା ସମୟରେ ବଜାରରେ ଅଣ୍ଡା ଗୋଟିକର ମୂଲ୍ୟ ୭ଟଙ୍କା।

ପିଲାମାନଙ୍କୁ ପାଠପଢ଼ା ମନସ୍କ କରିବା ଓ ବିଦ୍ୟାଳୟରେ ଉପସ୍ଥାନ ବଢ଼ାଇବା ପାଇଁ ରାଜ୍ୟ ସରକାରଙ୍କ ମଧ୍ୟାହ୍ନ ଭୋଜନ ଓ ପ୍ରଧାନମନ୍ତ୍ରୀଙ୍କ ପୋଷଣ କାର୍ଯ୍ୟକ୍ରମ କେନ୍ଦ୍ର ରାଜ୍ୟ ସହଯୋଗରେ ଚାଲିଛି। ତେବେ ଦିନକୁ ଦିନ ଦର ବୃଦ୍ଧି ହେଉଥିଲେ ବି କିନ୍ତୁ ପୂର୍ବବତ୍ ପୁରୁଣା ତାଲିକାରେ ସବୁ ଯୋଗାଣ ହେଉଛି। ମଧ୍ୟାହ୍ନ ଭୋଜନ ଯୋଜନାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ମୁଣ୍ଡ ପିଛା ହିସାବରେ ୧୦୦ ଗ୍ରାମ ଚାଉଳ ସହ ୫.୯୦ ପଇସା ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ମୁଣ୍ଡ ପିଛା ୧୫୦ଗ୍ରାମ ଚାଉଳ ଓ ୮.୮୨ ପଇସା ଆର୍ଥିକ ସହାୟତା ଦେଉଛନ୍ତି। ବର୍ତ୍ତମାନ ଡାଲି ଦର ୧୫୦ ଟଙ୍କା ପାର ହୋଇଥିବାବେଳେ ସୋୟାବଡ଼ି କିଲୋପିଛା ୧୫୦ଟଙ୍କା ପରେ। ଅଣ୍ଡା ଗୋଟା ୭ଟଙ୍କା, ଆଳୁ ୫୦ଟଙ୍କା ଥିବାବେଳେ ପରିବାର ମୂଳ ଅମୂଳ ମୂଳ। ଷ୍ଟେଟ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ ମଧ୍ୟାହ୍ନ ଭୋଜନ ପାଇଁ କରିଥିବା ଚାର୍ଟ ଅନୁଯାୟୀ ପ୍ରାଥମିକ ସ୍କୁଲରେ ପଢୁଥିବା ପିଲାର ଖର୍ଚ୍ଚ ୫ଟଙ୍କା ୫୦ ପଇସା ରହିଛି ଯେଉଁଥିରେ ୨୫ ଗ୍ରାମ ଡାଲି ପାଇଁ ୨ଟଙ୍କା ୫୦ ପଇସା, ୫ଗ୍ରାମ ତେଲ ପାଇଁ ୮୦ ପଇସା, ୬୦ଗ୍ରାମର ପରିବା ଓ ମସଲା ପାଇଁ ୧ଟଙ୍କା ୭୦ ପଇସା, ଜାଳେଣୀ ପାଇଁ ୫୦ ପଇସା ଧାର୍ଯ୍ୟ କରିଛନ୍ତି। ସେହିପରି ସୋୟାବଡ଼ି ତରକାରୀ ନିମିତ୍ତ ୪ଟଙ୍କା ୨୦ ପଇସା ଧାର୍ଯ୍ୟ ହୋଇଥିବାବେଳେ ୧୨ଗ୍ରାମ ସୋୟାବଡ଼ି ବାବଦ ୧ଟଙ୍କା ୨୦ ପଇସା, ୫ ଗ୍ରାମ ତେଲ ପାଇଁ ୮୦ ପଇସା, ୬୦ ଗ୍ରାମ ପରିବା ପାଇଁ ୧ଟଙ୍କା ୭୦ ପଇସା ଓ ଜାଳେଣୀ ବାବଦକୁ ୫୦ ପଇସା ହିସାବ କରିଛନ୍ତି। ଇଏ ହେଉଛି ରୋଷେଇ ଖାଇବାର ତାଲିକା। ସ୍ୱୟଂ ସହାୟିକା ଗୋଷ୍ଠୀମାନେ ମଝିରେ ରହିଲେ ଉପରେ ରହିଲେ ସରକାର ଆଉ ତଳେ ରହିଲେ ଯୋଗାଉଥିବା ଅଙ୍ଗନବାଡ଼ି କେନ୍ଦ୍ର ବା ବିଦ୍ୟାଳୟମାନେ। ଗାଇକୁ ମାଇଲେ ମଲି, ଗାଇ ମାଇଲେ ମଲି ନ୍ୟାୟରେ ବନ୍ଧାଛନ୍ଦା ହୋଇ ନିର୍ଦ୍ଧାରିତ ସମୟରେ ଛତୁଆ ନଯୋଗାଇଲେ ସରକାରଙ୍କ ଯୋଗାଣକାରୀ ତାଲିକାରୁ କଟିଯିବାର ଭୟ ଇଆଡ଼େ ଅଙ୍ଗନବାଡ଼ି କେନ୍ଦ୍ରକୁ ନ ଯୋଗାଇଲେ ସେମାନଙ୍କର ରହିଛି ଆକ୍ରୋଶ।

ଆସନ୍ତୁ ମଧ୍ୟାହ୍ନ ଭୋଜନ, ଗର୍ଭବତୀ ଓ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଯୋଗାଣ ହେଉଥିବା ଛତୁଆ ବିଷୟରେ ଟିକେ ଆଲୋଚନା କରିବା। ଗର୍ଭବତୀ ଓ ପିଲାମାନଙ୍କୁ ଉତ୍ତମ ମାନର ଶୁଖିଲା ପୁଷ୍ଟିକର ଓ ନିରାପଦ ଖାଦ୍ୟ ଭାବରେ ସରକାର ଛତୁଆ ଯୋଗାଣ ବ୍ୟବସ୍ଥା କରିଥିଲେ। ତେବେ ଛତୁଆ ଘଟଣା ମଧ୍ୟ ବର୍ତ୍ତମାନ ଛତୁଆ ଯୋଗାଣକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ମୁଣ୍ଡବିନ୍ଧାର ଓ ଅର୍ଥସ୍ୱାନ୍ତ ତଥା ଅଶାନ୍ତିର କାରଣ ହେଲାଣି। କାରଣ ସରକାରଙ୍କ ବ୍ୟବସ୍ଥିତ ନିୟମିତ ଛତୁଆ ଯୋଗାଣ ହେଉଥିଲେ ମଧ୍ୟ ଦୁଇରୁ ତିନିମାସ ପରେ ଖର୍ଚ୍ଚ ହୋଇଥିବା ଅର୍ଥ ପ୍ରଦାନ କରାଯାଉଥିବାରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଧାର କରଜ କରି ଏପରି ସୁନା ବନ୍ଧାଛନ୍ଦା ପକାଇ ଏଥିରେ ସାମିଲ ହେଉଛନ୍ତି। ଭୟ ରହୁଛି କାରଣ ନିର୍ଦ୍ଧାରିତ ସମୟ ମଧ୍ୟରେ ନ ଯୋଗାଇଲେ କାଳେ ସେମାନେ ଯୋଗାଣକାରୀ ତାଲିକାରୁ କଟି ଯିବେ କି ? ତେବେ ଏହି ଛତୁଆ ଯୋଗାଣକାରୀ ମାନଙ୍କ ଭିତରେ କିଛି କିଛି ଅନଧିକାର ଓ ଅବାଞ୍ଛିତ ବ୍ୟକ୍ତିମାନଙ୍କ ପ୍ରଭାବ ଓ ପଡିଆରା ବଢୁଥିବାରୁ ଏ ନେଇ ଅନେକ ଦୁର୍ନୀତିର ଘଟଣା ପ୍ରକାଶ ପାଉଛି। ଭାତ ହାଣ୍ଡିରୁ ଗୋଟିଏ ପରି ଯାଜପୁର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅଫିସକୁ ଦେଖାଯାଉ। ଏହାର ସିସିଟିଭିକୁ ଯାଞ୍ଚ କଲେ ସବୁ ପ୍ରମାଣ ଜଣାପଡ଼ିଯିବ। ଏଠାରେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ଶୁଭେନ୍ଦୁ ସିଂହ ନାମକ ଜଣେ ଯୁବକ ଯିଏକି ତାଙ୍କ କର୍ମମୟ ପ୍ରାଥମିକ ଜୀବନରେ ଗୋଟିଏ ସ୍ୱୟଂ ସହାୟକ ସଙ୍ଗଠନରେ କାର୍ଯ୍ୟକାରୀ ଛତୁଆ ଗାଡ଼ିରେ ବୁଲି କେନ୍ଦ୍ର ମାନଙ୍କରେ ବଣ୍ଟନ କରୁଥିଲେ। ତେବେ ପରବର୍ତ୍ତୀ ସମୟରେ ସରକାରୀ ଅର୍ଥ ବାଟମାରଣା, ଅର୍ଥ ଆତ୍ମସାତ, ନିଶାଗ୍ରସ୍ତ ହୋଇ ଦୁର୍ବ୍ୟବହାର ଓ ଚୋରୀ କରିବାରୁ ଥାନା ମାମଲାରେ ପଶି ବିଦାୟ ହୋଇଥିଲେ। ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଯାଜପୁରର ତିନି ଚାରଟି ବ୍ଲକରେ ଥିବା ବିଭିନ୍ନ ଏସଏଚଜିକି ଯୋଗାଯୋଗ କରି ମୁଁ ଖୁବ କମ ମୂଲ୍ୟରେ ଛତୁଆ ଯୋଗାଣର ବ୍ୟବସ୍ଥା କରାଇ ତୁମ ପକେଟକୁ ଭଲ ଭାବେ ଗରମ କରାଇ ପାରିବି ବୋଲି ଏହି ବାବୁ ସର୍ତ୍ତ ରଖି ସେମାନଙ୍କ ଠାରୁ କାମ ଆଦାୟ କରୁଛନ୍ତି। ଜିଲ୍ଲାର ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏପରି ଜଣେ ଅନଧୀକୃତ ଓ ଟାଉଟର ଦୁର୍ନୀତିଗ୍ରସ୍ତ ଚରିତ୍ରମାନେ କିପରି ଖୋଲାମେଲାରେ ଆତଯାତ ହୋଇ ସରକାରୀ କାର୍ଯ୍ୟକ୍ରମରେ ହସ୍ତକ୍ଷେପ କରୁଛନ୍ତି ଏ ଦିଗକୁ ଜିଲ୍ଲାପାଳ ମହୋଦୟ ନିରପେକ୍ଷ ଭାବେ ଅନୁସନ୍ଧାନ କରି ତଦନ୍ତ କରିବା ଅତ୍ୟନ୍ତ ଜରୁରୀ। ପରବର୍ତ୍ତୀ ସମୟରେ ବଡ଼ଚଣା ବ୍ଲକ ବ୍ୟତୀତ ପାଖାପାଖି ଧର୍ମଶାଳା, ଟାଙ୍ଗୀ ଓ ଅନ୍ୟାନ୍ୟ ବ୍ଲକରେ କାର୍ଯ୍ୟକରି ଛତୁଆ କିପରି ଅପମିଶ୍ରଣ ହେବ ଓ ସରକାରଙ୍କ ଅର୍ଥଲୁଟ ହୋଇ ଏକ ଦୁର୍ନୀତିଗ୍ରସ୍ତ ର୍ୟାକେଟର କାର୍ପେଟଦାର ମାନଙ୍କ ପକେଟକୁ ଯିବ ସେହି ଯୋଜନା କରି ବେଶ ଭଲ ପଇସା ଆଦାୟ କରୁଛନ୍ତି। ଯାଜପୁର ଜିଲ୍ଲାରେ ଦାୟିତ୍ୱରେ ଥିବା ଜିଲ୍ଲାପାଳ ଜଣେ ଅତ୍ୟନ୍ତ ସୁଦକ୍ଷ, କର୍ତ୍ତବ୍ୟନିଷ୍ଠ ଓ ସରକାରଙ୍କ ଲୋକପ୍ରିୟ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇ ଜନସାଧାରଣଙ୍କୁ ଶ୍ରେଷ୍ଠ ଓ ଉନ୍ନତ ସେବା ପ୍ରଦାନ କରୁଥିବାବେଳେ ଗାତୁଆ ମୂଷା ପରି ଏହିପରି କିଛି ଦୁର୍ନୀତିଗ୍ରସ୍ତ ଚରିତ୍ର ସରକାରଙ୍କ ଯୋଜନାରେ ପାଣି ପୁରାଇ ଦେଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଜିଲ୍ଲାରେ ଏବେ ନୂଆ ସମାଜ ମଙ୍ଗଳ ଅଧିକାରୀ ଯୋଗ ଦେଇଛନ୍ତି। ଏସଏଚଜିମାନେ ଛତୁଆ ବଣ୍ଟନ ପାଇଁ ଅନେକ ହଇରାଣ ହେଉଛନ୍ତି। ପ୍ରତ୍ୟେକ ମାସ ୩୦ରୁ ୩୧ ତାରିଖ ଭିତରେ ଛତୁଆ ବାଣ୍ଟି ୩ ତାରିଖ ସୁଦ୍ଧା ସିଡିପିଓଙ୍କ କାର୍ଯ୍ୟାଳୟରେ ବିଲ ପ୍ରଦାନ କରାଯାଉଛି। କିନ୍ତୁ ଛତୁଆ ପାଇଁ ଦରକାର ପଡୁଥିବା ଚିନି, ସୋଲା, ବାଦାମ, କୁଣ୍ଡା, ଲେବର ପେମେଣ୍ଟ, ବିଜୁଳି ବିଲ, ଆବଶ୍ୟକୀୟ ଖର୍ଚ୍ଚ ଦେବା ପାଇଁ ଏସଏଚଜି ମାନେ ଅନେକ ଅସୁବିଧାକୁ ସାମ୍ନା କରୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ୧୦ ତାରିଖ ସୁଦ୍ଧା ଜିଲ୍ଲା ଅଫିସରେ ବିଲ ପହଞ୍ଚି ୨୦ ତାରିଖ ସୁଦ୍ଧା ବିଲ ପେମେଣ୍ଟ ହୋଇଯିବା କଥା। ରାଜ୍ୟର ସମସ୍ତ ଜିଲ୍ଲାରେ ନିର୍ଦ୍ଧାରିତ ସମୟରେ ବିଲ ପୈଠ ହେଉଥିବାବେଳେ କେବଳ ଯାଜପୁର ଜିଲ୍ଲାରେ ଏପରି ବ୍ୟତିକ୍ରମ କାହିଁକି ଦେଖାଯାଉଛି। ଯାହାଦ୍ୱାରା ସରକାରଙ୍କ ମିଶନ ଶକ୍ତି ଯୋଜନା ଦିଗହରା ହେବା ପାଇଁ ଯାଉଛି। କାରଣ ମହିଳା ମାନଙ୍କ ଉନ୍ନତି କଳ୍ପେ ଓ ସେମାନଙ୍କୁ ଆର୍ଥିକ ଭାବରେ ନିଜ ଗୋଡ଼ରେ ଛିଡ଼ା କରାଇବା ପାଇଁ ସରକାରଙ୍କ ଅନ୍ୟତମ ପ୍ରିୟ ଯୋଜନା ହେଉଛି ଏହି କାର୍ଯ୍ୟକ୍ରମଟି।

ପିଲାମାନଙ୍କର ମଧ୍ୟାହ୍ନ ଭୋଜନ ଯୋଜନା ସମ୍ବନ୍ଧରେ ଜଣେ ପ୍ରଧାନଶିକ୍ଷକ କହିଛନ୍ତି, ସବୁ ଦରଦାମ ଯେଭଳି ବଢୁଛି ମାତ୍ର ୫.୪୨ ପଇସାରେ ପିଲାଙ୍କୁ ରୋଷେଇ କରି ମଧ୍ୟାହ୍ନ ଭୋଜନ ଦେବା ବହୁତ କଷ୍ଟକର। ପୁଷ୍ଟିକର ଖାଦ୍ୟ ତ ଦୂରେ ଥାଉ ଭଲରେ ଭାତ, ଡାଲି ଦେବା ବି ଅସମ୍ଭବ ହୋଇଯାଇଛି। ତଥାପି ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପିଲାଙ୍କୁ ଖାଦ୍ୟ ଦିଆଯାଉଛି। ଯେଉଁ ସ୍କୁଲରେ ୫୦ରୁ ଅଧିକ ପିଲା ରହୁଛନ୍ତି ସେଠାରେ ଖାଦ୍ୟ ଟିକେ ଉନ୍ନତମାନର ହେଉଛି। ଆଉ ଯେଉଁଠି ୫୦ରୁ କମ ପିଲା ରହୁଛନ୍ତି ସେଠାରେ କିଭଳି ରୋଷେଇ ହେଉଥିବ ତାହା ସହଜରେ ଅନୁମେୟ। ବର୍ଦ୍ଧିତ ଦରଦାମ ଅନୁଯାୟୀ ପିଲାଙ୍କ ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ବି ବଢ଼ିବା ଦରକାର। ନଚେତ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ହେବନି। ସରକାର ନିଜ ସରକାରୀ କଳର ପ୍ରଚାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନିର୍ବାଚନ ବୈତରଣୀ ପାର ହେବାପାଇଁ ଆଖିବୁଜା ପଇସା ଗାଁ ଗାଁରେ ଯେଉଁପରି ବଣ୍ଟା ହେଉଛନ୍ତି କେତେ ଯେ ଟାଉଟର କୁବେର ସୃଷ୍ଟି ହେଉଛନ୍ତି ତାହା ବି ଗଣି ହେବନି କିନ୍ତୁ ଆଗାମୀ ଦିନର ଭବିଷ୍ୟତ କୁହାଯାଉଥିବା ଆମ ପିଲାମାନେ ପାଞ୍ଚଟଙ୍କାରେ ଖାଉଛନ୍ତି ସରକାରଙ୍କ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଖାଦ୍ୟ। ଯେଉଁଠି ପାଞ୍ଚ ଟଙ୍କାରେ ଚା କପ ବି ମିଳୁନି ସିଏ ଛୁଇଁଲାଣି ସାତ ଟଙ୍କା। ଯଦିଓ ବରା ଗୋଟା ପାଞ୍ଚଟଙ୍କା ଘୁଗୁନି ନାହିଁ। ସିଗାରେଟ ଆଉ ପାଞ୍ଚଟଙ୍କାରେ ନାହିଁ ବିଡ଼ି ଅବଶ୍ୟ ମିଳୁଛି। ପାଞ୍ଚଟଙ୍କାରେ ପାଞ୍ଚଟା ଚକୋଲେଟ ପାଇପାରିବେ, ପାଣି ପାଉଚ ପରା ପାଞ୍ଚ ଟଙ୍କାରେ ଦିଇଟା। ସରକାର କ'ଣ ଜାଣୁନାହାଁନ୍ତି ! ନିର୍ବାଚନ ବେଳେ ତାଙ୍କ ଦଳୀୟ ପ୍ରଚାରର କୁଜି ନେତା ଠାରୁ ମାମଲତକାର, ବଡ଼ ବଡ଼ିଆଙ୍କ ଠାରୁ ଛୋଟମୋଟିଆ, ଛାତ୍ର ନେତା ଠାରୁ ସ୍ୱୟଂ ସହାୟକ ସେବିକା କେହି ଆଉ ପାଞ୍ଚଟଙ୍କା କଏନକୁ ଛୁଉଁଛନ୍ତି ଯେଉଁଠି ମଦ ବୋତଲ ପରା ଦେଢ଼ଶହ ଟଙ୍କା, ବିରିଆନୀ ବି ସେଇ ମୂଲର। ଚାଖଣା ବି କୋଡିଏ ଟଙ୍କାରୁ କମ ନୁହେଁ। ଗୋଟିଏ ଭୋଟ ପାଇବା ପାଇଁ ଗୋଟିଏ ଗାନ୍ଧୀ ନୋଟ ବି ଯଥେଷ୍ଟ ନୁହେଁ। ସେଠି ଦୁଇ ତିନଟି ସର୍ବନିମ୍ନ ଦରକାର ପଡୁଛି। ଏ ଜାଗାରେ ଆମେ ପିଲାଙ୍କୁ ବଢ଼ାଉଛେ ପାଞ୍ଚଟଙ୍କାରେ ପୁଷ୍ଟିକର ଖାଦ୍ୟ। ଏହିପରି ଭାବେ ଆମ ପିଲା ଖାଇବେ, ବଢ଼ିବେ, ଦେଶ ଗଢ଼ିବେ ଆଉ ଶତ୍ରୁ ବିରୁଦ୍ଧରେ ଲଢ଼ିବେ ?

କଉଡକୋଲ, ବାଲିଚନ୍ଦ୍ରପୁର, ଯାଜପୁର

## ସ୍ମୃତି ଶତଦଳ





# ମାଧୁର୍ଯ୍ୟର ମହାତୀର୍ଥ-୧

**ଡା. ସରୋଜିନୀ ଷଡଙ୍ଗୀ**
♥ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅନେକ ଥର ତୁମ କଥା ଭାବି ଦୁଇ ଆଖି ମୋର ଓଦା ହୋଇଯାଇଛି, ପୁଣି ମନକୁ ମନ ଦୃଷ୍ଟି ହୋଇଯାଇଛି ନୀମିଳିତ, କଣ୍ଠ ବାଷ୍ପାରୁଦ୍ଧ ଓ ଓଠ ହୋଇ ଯାଇଛି ଅବରୁଦ୍ଧ। ତୁମର ପ୍ରତ୍ୟକ୍ଷ ଦର୍ଶନ ପାଇଁ ଆଗରୁ ବ୍ୟାକୁଳ ହୋଇ ଅନେକ ଥର ଆଖି ଲୁହକୁ ବାରଂବାର ପୋଛି ଦେଇନିଜକୁ ପ୍ରକୃତିସ୍ଥ କରିଛି। ସମସ୍ତେ କୁହନ୍ତି ଅନେକ ଭକ୍ତି ଓ ପ୍ରାର୍ଥନା ଭିତରେ ମଧ୍ୟ ଜଗନ୍ନାଥଙ୍କର ଡୋରି ନଲାଗିଲେ ତାଙ୍କୁ କାଳେ ଦର୍ଶନ କରି ହୁଏନାହିଁ। ସତରେ କ'ଣ ମତେ ପାଦରେ ଆଡେଇ ଦେଇଛ ପ୍ରଭୁ !! ଟିକିଏ ଦର୍ଶନ ପାଇଁ ଅଦୃଶ୍ୟ ଚିଟାଉଟିଏ ମଧ୍ୟ ଦେଉନାହଁ। ଏଇଭଳି ଗୋଟିଏ ଅଲେଖା ମାନ ଅଭିମାନର ବିମୁକ୍ତ ଛବିଟିଏ ମୋ ଆଖି ଆଗରେ ବାରଂବାର ଭାସିଯାଏ।

ଆନନ୍ଦର ସ୍ୱାକ୍ଷର ଭିନ୍ନ, ଭାବ ଭିନ୍ନ ଆଉ ପରିଭାଷା ମଧ୍ୟ ଭିନ୍ନ। ତାଙ୍କୁ ଦୁଇ ଆଖିରେ ଦେଖିବାର ଉଲ୍ଲାସ ଓ ଉଚ୍ଛ୍ୱାସ ମଧ୍ୟଭିନ୍ନ। ତେଣୁ ତ' ତାଙ୍କୁ ଲେଖିବାରେ ଆଙ୍କିବାରେ ଏବଂ ଗଢିବାରେ ଯେଉଁ ଆବେଗ ଆତ୍ମପ୍ରକାଶ ପାଇଥାଏ ତାହା ମଧ୍ୟ ଅନନ୍ୟ ହୋଇଥାଏ। ଭାବର ଜଗତରେ ସଂପୂର୍ଣ୍ଣ ବୁଡିଗଲା ବେଳେ ତାଙ୍କୁ ବର୍ଣ୍ଣନା କରିବା ପାଇଁ ଶବ୍ଦ ମିଳେନି, ଭାବ ଆସେନି କି ଭାଷା ମଧ୍ୟ ଅଣ୍ଟେ ନାହିଁ। ଯଦି ସେ ଭାବରେ ଭକ୍ତି ମିଶିଯାଏ ତାହା ହୋଇଯାଏ ଅମୃତ ନୈବେଦ୍ୟ କାରଣ ପ୍ରଭୁ ନୀଳାଂଜନ ହିଁ କେବଳ ଅମୃତ ମୟ ଚାହାଣିରେ ସମସ୍ତଙ୍କୁ ରସାପ୍ଲୁତ କରି ଦେଇ ପାରନ୍ତି।

ନୀଳକନ୍ଦର ନୀଳଗିରି ନୀଳାଚଳ ଧାମରେ ଶ୍ରୀ ଶ୍ରୀ ନୀଳାଂଜନ, କୋଟି କୈବଲ୍ୟନାଥ, କୋଟି ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥ ନିଳାଦ୍ରୀ ମଣ୍ଡପରେ ବିଜେ କରି ସମସ୍ତ ଜଗତବାସୀଙ୍କୁ ନିଜ ବଳିଆର ଭୁଜରେ ଆଉଜାଇ ନିଅଁ ଏବଂ କୃପା ଚକ୍ଷୁରେ ସବୁ ଭକ୍ତମାନଙ୍କୁ ନିଜ ଆଶୀଷର ଧାରାରେ ଭିଜାଇ ଦିଅନ୍ତି। ସେ ସର୍ବଶକ୍ତି ମାନ, ସର୍ବ ଦୃଶ୍ୟମାନ ଏବଂ ସର୍ବ ବିଦ୍ୟମାନ ମଧ୍ୟ। ସେ ପ୍ରତିମା ନୁହନ୍ତି ପ୍ରତୀକ, ସାକାର ପୁଣି ନିରାକାର, କ୍ଷର ଓ ଅକ୍ଷରର ଏକ ଅଦ୍ଭୁତ ଜୀବନ୍ତ ବିଗ୍ରହ ଯିଏ ଯୁଗ ଯୁଗ ଧରି ମାନବୀୟ ଲୀଳାର ପରିପ୍ରକାଶ କରିଥାନ୍ତି। ସେଥିପାଇଁ ତ' ସେ ବର୍ଷକୁ ଦୁଇଥର ସ୍ୱୟଂ ଲୀଳା କରିଥାନ୍ତି। ତାଙ୍କ ଜନ୍ମତିଥିରେ ମଂଚ ସ୍ନାନ କରିବାକୁ ସେ ଶ୍ରୀବସ୍ତ୍ର ଖଣ୍ଡଶାଳରୁ, ଶ୍ରୀମନ୍ଦିରର ରତ୍ନ ବେଦୀରୁ ପହଣ୍ଡି ବିଜେ କରି ସ୍ୱୟଂ ଓହ୍ଲାଇ ଆସନ୍ତି। 'ସ୍ନାନ ଗୁଣ୍ଡିଚା ଏ' ବେନି ସ୍ୱୟଂଲୀଳା ଯା'ର ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର।' ଏ ବର୍ଷ ମଧ୍ୟ କିଛି କାମ ନସାରି ପାଗ ଭିଡି ବାହାରି ଆସିଥିଲେ ସ୍ନାନ ମଣ୍ଡପକୁ।

ଅନେକ ଥର ଘରେ ଥିଲା ବେଳେ ମନ ହୋଇଛି ସବୁ ବନ୍ଧନ କାଟି ରାସ୍ତାକୁ ବାହାରି ଆସି ବସରେ ବସି ପୁରୀ ଚାଲିଯିବି ଏବଂ ଚକା ଆଖିଆଙ୍କୁ ମନ ପୁରାଇ ଦେଖିବି। ପୁଣି ବେଳେବେଳେ ଇଚ୍ଛା ହୋଇଛି ଥରଟିଏ ରାତିରେ ପୁରୀରେ ରହି ବଡି ଭୋରରୁ ଶ୍ରୀମନ୍ଦିରରେ ପହଞ୍ଚି ସବୁତକ ନୀତିକାନ୍ତି ମନଦେଇ ଦେଖିବି। ଏମିତି କି' ଦ୍ୱାରଫିଟା ଓ ମଙ୍ଗଳ ଆଳତି ଠାରୁ ଆରମ୍ଭ କରି ଅବକାଶ, ମଇଲମ, ଗୋପାଳ ବଲ୍ଲଭ ଭୋଗ ଯଏଁ। ଅବକାଶ ଓ ପ୍ରତୀକାତ୍ମକ ସ୍ନାନ ପରେ ଖୁରି ନାୟକ ଯେଉଁ ନାଡି ପରଖନ୍ତି ଓ ସାରା ଦିନର ଜ୍ୟୋତିଷ ବାଣୀ ଶୁଣାନ୍ତି, ତାହା ମଧ୍ୟ ଖୁବ୍ ରମଣୀୟ। ଯେଉଁ କୈବଲ୍ୟନାଥ ସାରା ପୃଥିବୀର ନାଡି ପରଖନ୍ତି ଓ ଭୂତ ଭବିତବ୍ୟ କଥା ଜାଣନ୍ତି, ତାଙ୍କ ନାଡି ପୁଣି ଖୁରି ନାୟକ ପରଖିବେ ?

> **ମୋର ଇଚ୍ଛା ସାକାର ହେବ ସେଇଦିନ ଯେଉଁଦିନ ପ୍ରଭୁଙ୍କୁ ବଡସିଂହାର ବେଶରେ ଦେଖିପାରିବି। ଯେତେବେଳେ ସେ ପିନ୍ଧିଥିବେ ଗୀତଗୋବିନ୍ଦ ର ଖଣ୍ଡୁଆ ପାଟ, ଦେହରେ ଥିବ ମହଣ ମହଣ ଫୁଲ ଓ କେରି କେରି ଦୟଣାର ମାଳ ତଥା ହୃଦପଦକ, କର ପଲ୍ଲବ ଓ ଅଧର ମାଳ ଇତ୍ୟାଦି।**

ମୋର ଇଚ୍ଛା ସାକାର ହେବ ସେଇଦିନ ଯେଉଁଦିନ ପ୍ରଭୁଙ୍କୁ ବଡସିଂହାର ବେଶରେ ଦେଖିପାରିବି। ଯେତେବେଳେ ସେ ପିନ୍ଧିଥିବେ ଗୀତଗୋବିନ୍ଦ ର ଖଣ୍ଡୁଆ ପାଟ, ଦେହରେ ଥିବ ମହଣ ମହଣ ଫୁଲ ଓ କେରି କେରି ଦୟଣାର ମାଳ ତଥା ହୃଦପଦକ, କର ପଲ୍ଲବ ଓ ଅଧର ମାଳ ଇତ୍ୟାଦି। ନାଲି ଅଧରରେ ଲାଗିଥିବ ଛିଟାଏ ସ୍ମିତ ହସ ଓ ପ୍ରଭୁ ମନ ଭରି ଆନନ୍ଦରେ ଶୁଣୁଥିବେ ଅଦ୍ଭୁତ ଲାଳିତ୍ୟ ଭରା ଗୀତଗୋବିନ୍ଦ।

ଏହାର ପରବର୍ତ୍ତୀ ଦୃଶ୍ୟ ମଧ୍ୟ ଆହୁରି ଅଲୌକିକ. ପ୍ରଭୁ ପହୁଡ ପକାଇବା ଆଗରୁ ଶୟନଦେବୀ ବା' ନିଦ୍ରାଦେବୀଙ୍କୁ ଆବାହନ କରାଯାଏ। ଯାହାଙ୍କର ପଲକପାତରେ ସାରା ବିଶ୍ୱ ନିଦ୍ରାଯାଏ, ତାଙ୍କର ସୁଖ ନିଦ୍ରା ପାଇଁ ପୁଣି ନିଦ୍ରାଦେବୀଙ୍କୁ ଆବାହନ କରିବାକୁ ପଡିଥାଏ ଓ ତାଙ୍କଠାରୁ ଲୋରୀ ଶୁଣିବାକୁ ପଡିଥାଏ। ଆଶ୍ଚର୍ଯ୍ୟ ପ୍ରଭୁଙ୍କର କାର୍ଯ୍ୟକଳାପ ଓ ଆଶ୍ଚର୍ଯ୍ୟ ମଧ୍ୟ ପ୍ରଭୁଙ୍କର ଲୀଳା। (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୨୯)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶେଷରେ ପତ୍ନୀ ସେଇକଥା ଜାଣି ନେଇଥିଲା... ଏବେ କଣ କରିବି, ଭଲ ଭାବରେ କଥାବାର୍ତ୍ତା ତ କରୁଛି। ଏସବୁ ତ ଠିକ୍ ଅଛି। ହେଲେ ତା' ମନରେ କଣ ଅନ୍ତଃଦ୍ୱନ୍ଦ୍ୱ ଚାଲିଛି କିଏ ଜାଣେ...!

ତା' ପରଦିନ ମୁଁ ଡାକ୍ତର ଏମ.ଏଚ. ପାୱାରଙ୍କୁ ଫୋନ୍ କଲି... "ବାବା... ମୋର ମାଆକୁ କଣ ହୋଇଛି, ଆଉ ଥରେ ଟିକେ ବିସ୍ତାରରେ କହିଲେ ମୋତେ। ଟି.ବି. ଏବେ କେଉଁ ଅବସ୍ଥାରେ ଅଛି ? ଯା'ର ପରିଣାମ କଣ ହେବ ? କଣ ପିଲାମାନଙ୍କୁ ବି ଟି.ବି. ହେବାର ଆଶଙ୍କା ଅଛି ?"

ମୋର ସବୁ ପ୍ରଶ୍ନର ସିଏ ଏକମାତ୍ର ଉତ୍ତର ଦେଲେ। ସିଏ ହୋ ହୋ ହୋଇ ହସିବାକୁ ଲାଗିଲେ। କହିଲେ , "ଓଃହୋ... ଯଦି ସେମିତି କିଛି ହୋଇଥାନ୍ତା। ମୁଁ କଣ ଆପଣଙ୍କୁ କହି ନଥାନ୍ତି ? ସତକୁ ସତ ରୋଗ ଏବେ ପ୍ରାରମ୍ଭିକ ଚରଣରେ ଅଛି। ରୋଗୀକୁ କାଶ ହଉନି, କଫ ବି ପଡୁନି, ଟାଇମ୍‌ଲି ଟ୍ରିଟ୍‌ମେଣ୍ଟ୍ ଆରମ୍ଭ କରି ଦେଇଛୁ ଆମେ। ଏବେ ପେସେଣ୍ଟ୍ ଠାରୁ କାହାକୁ କୌଣସି ଭୟ ନାହିଁ। ଚିନ୍ତା କରିବାର କୌଣସି କାରଣ ବି ନାହିଁ। ମୁଁ ହସିଲି ଏଇଥିପାଇଁ ଯେ, ଆପଣ ଜଣେ ସାମ୍ବାଦିକ ହୋଇ ମଧ କିପରି ଏ ସବୁ ବିଭ୍ରାନ୍ତିପୂର୍ଣ୍ଣ ତଥ୍ୟ ଉପରେ ବିଶ୍ୱାସ କରୁଛନ୍ତି। ଓକେ... ଡୋଣ୍ଟ୍ ଓରି।'

ମୋର ମନ ଟିକେ ହାଲ୍‌କା ହୋଇଗଲା। ମୁଁ ଡାକ୍ତର ପାୱାରଙ୍କ ସହିତ ହୋଇଥିବା କଥାବାର୍ତ୍ତା ବିଷୟରେ ସ୍ତ୍ରୀଙ୍କୁ କହିଲି। ସେସବୁ ସବିଶେଷ ଶୁଣି ସାରିଲା ପରେ ମୋତେ ଲାଗିଲା ତାଙ୍କର ମାନସିକ ଚାପ ବି କିଛି କମ୍ ହୋଇଗଲା। ଯା'ର ଅର୍ଥ ଏଇଆ ଯେ ସିଏ ବି ମାନସିକ ଚାପରେ ଥିଲେ। କେବଳ ମାଆକୁ ନୁହେଁ, ବରଂ ଆଉ କାହାରିକୁ ବି ଆମେ ଏ ବିଷୟରେ କହିବାନି ବୋଲି ଆମେ ପତି-ପତ୍ନୀ ନିଷ୍ପତ୍ତି ନେଲୁ।

(୨୯)

ଦିନେ ପତ୍ନୀ କହିଲେ, "ଶୁଣ, ମାଆଙ୍କର ରୁମ୍‌ରେ ଯେଉଁ ଟିଭି ଅଛି ନା, ତାକୁ ଉପର ମହଲାରେ ଥିବା ରୁମ୍‌ରେ ରଖେଇ ଦିଅ।"

ମୁଁ : କାହିଁକି ମାଆ ଟିଭି ଦେଖିବ। ଆଉ ସେଠି ଭିସିଡ଼ି ବି ଅଛି। ମନୋରଞ୍ଜନର ଅନ୍ୟ କାର୍ଯ୍ୟକ୍ରମ ସବୁ ବି ଦେଖିପାରିବ। ସମୟ କାଟିବା ପାଇଁ ଟିଭି ଖୁବ୍ ଉପଯୋଗୀ। ତା'ର ମନୋରଞ୍ଜନ ପାଇଁ ତ ସେଠି ରଖିଛି ଟିଭି।

ସିଏ: ମୁଁ ଏସବୁ କହିଛି ତାଙ୍କୁ, ହେଲେ ସିଏ ମାନୁ ନାହାଁନ୍ତି। ତୁମେ ହିଁ କୁହଥରେ।ମୁଁ ମାଆକୁ ପଚାରିଲି, "ତୋତେ ଟିଭିରୁ କଣ ଅସୁବିଧା ହେଉଛି ମାଆ ? ଆଉ ଆଜି ଯଦି ଟିଭି ଉପରେ ରଖିଦିଏ, ତେବେ କାଲି ତୁ ଗାଁକୁ ଚାଲିଗଲା ପରେ ପୁଣି ଥରେ ତାକୁ ତଳକୁ ଆଣିବାକୁ ପଡ଼ିବ। ଟିଭିକୁ କାଇଁ ଉପରତଳ କରିବା ? ଯେଉଁଠି ଅଛି ସେଇଠି ରହିବାକୁ ଦେଏ।"

ସିଏ: ମୋର ଦରକାର ନାହିଁ, ତୁ ଉପରେ ନେଇ ରଖିଦେ।

ମୁଁ : ହେଲେ ମୁଁ ପଚରୁଛି କାହିଁକି ? ତୁ ଯାହା ପାରୁଛୁ ତାହା କାହିଁକି କହୁନୁ ?

ସିଏ: କିନ୍ତୁ ଉପରେ ନେଇ ରଖିଦେଲେ କଣଟା ଅସୁବିଧା ହେଇଯିବ ଯେ ?

ମୁଁ : ନାଇଁ କିଛି ଅସୁବିଧା ହେବନି, ହେଲେ ପିଲାମାନେ ଉପରକୁ ଯିବେ। ଟିଭି ସାମନାରେ ହିଁ ଶୋଇବେ। ଉପର ରୁମ୍‌କୁ ଗଲା ପରେ ସେମାନେ ପାଠ ପଢୁଛନ୍ତି କି ଟିଭି ଦେଖୁଛନ୍ତି ସେ କଥା ଜାଣି ହେବନି। ପିଲାମାନେ ତଳେ ଶୋଉଛନ୍ତି, ଆଉ ଟିଭି ଯଦି ଉପରେ ରହିବ ସେମାନଙ୍କୁ ଉପରତଳ କରିବାକୁ ପଡ଼ିବ।

ସିଏ : କିଛି ଅସୁବିଧା ହେବନି, ତୁ ଟିଭି ନେଇ ଉପରେ ରଖିଦେଲୁ।

ମୁଁ: ମୁଁ ଜମାରୁ ବୁଝିପାରୁନି ଇଏ ପୁଣି କଣ ନୂଆ ପାଗଳାମୀ ପଶିଲାଣି ତୋ ମୁଣ୍ଡରେ।

ସିଏ: କିଛି ପାଗଳାମୀ ନୁହେଁ। ତୋର ବଡ଼ ପୁଅ ଦଶମରେ ପଢୁଛି, ଏଇ ବର୍ଷଟା ତା ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ମଝି ମଝିରେ ସିଏ ଚାଲି ଆସୁଛି ମୋ ରୁମ୍‌କୁ। ମନା କଲେ ବି ଟିଭି ଲଗାଉଛି। ପାଠପଢ଼ାରେ କ୍ଷତି ହେଉଛି। ମୋ କଥା ବି ମାନୁନି ସିଏ। କେବେ କେବେ ମୁଁ ଶୋଇଲା ପରେ ବି ସିଏ ଟିଭି ଲଗାଉଛି। ମୋର ନିଦରେ ବ୍ୟାଘାତ ଘଟୁଛି।

ମୁଁ : ଠିକ୍ ଅଛି, ମୁଁ ତାକୁ ଏ ବିଷୟରେ ତାଗିଦ୍ କରିଦେବି। ହେଲେ ଟିଭି ଏଇଠି ହିଁ ରହିବ।

ମାଆ ଆଉ କିଛି କହିଲାନି। ମୁଁ ଦୁଇ ଛୁଆଙ୍କୁ ଏକା ସାଙ୍ଗେ ଡାକି କହିଲି "ଶୁଣ ! ଜେଜେମାଆ ଶୋଇଲା ପରେ ସେ ଘରେ ଆଉ ଟିଭି ଲଗେଇବନାହିଁ। ତା'ର ନିଦ ଭାଙ୍ଗି ଯାଉଛି। ତା ଛଡ଼ା ପାଠପଢ଼ାରେ ଖଇ କରି ଜମାରୁ ଟିଭି ଦେଖିବନି।' ପିଲାମାନେ କହିଲେ, "ଆରେ... ଆମେ କିନ୍ତୁ କେବେ ହେଲେ ସେମିତି କରୁନୁ। ମୁଁ କହିଲି "ଏବେ ଆଉ ଯୁକ୍ତିତର୍କ କରନି। ମୁଁ ଯାହା କହୁଛି ସେକଥା ମନଦେଇ ଶୁଣ, ନ ହେଲେ ମୁଁ ଟିଭିକୁ ଉଠେଇ ଅନ୍ୟ କାହାକୁ ଦେଇଦେବି।"

ଏଇ ପ୍ରକାରେ ଟିଭିର ମାମଲା ଶେଷ କରିବାରେ ସଫଳ ହେଲି ମୁଁ। ଏବେ ମାଆର ଅଭିଯୋଗ କରିବା ବି ଶେଷ ହୋଇଯାଇଥିଲା। ମୋତେ ବି ଭଲ ଲାଗୁଥିଲା। ମାଆର ମନ ବହଲେଇବାର ଆଉ କୌଣସି ଉପାୟ ବି ନଥିଲା ଏଠି। ମୋର ପିଲାମାନେ ଭି.ସି.ଆରରେ ତାକୁ 'ସନ୍ଥ ନାମଦେବ' ସିନେମା ଦେଖେଇଥିଲେ। ଡାକ୍ତର ଆମ୍ବେଦକରଙ୍କ ସିନେମା ବି ଦେଖେଇଥିଲେ। ବୁଦ୍ଧଦେବଙ୍କ ଉପରେ ଆଧାରିତ ସିନେମା ବି ଦେଖେଇଥିଲେ ତାକୁ। ତାର ମନ କେତେ ପ୍ରଫୁଲ୍ଲିତ ଥିଲା।

ମୁଁ ଅଫିସ୍‌ରେ ଥିଲି ଦିନେ ସ୍ତ୍ରୀ ଫୋନ୍ କରି କହିଲା, 'ମାଆ ବହୁତ ଜିଦ୍ କଲେ ସେଥିପାଇଁ ଟିଭିକୁ ଉପର ମହଲାରେ ରଖେଇଦେଲି।"

"ଶେଷରେ ମାଆକୁ ଯାହା କରିବାର ଥିଲା ମାଆ କରିଦେଲା ..."

ମୁଁ ସେ ବିଷୟକୁ ସେଇଠି ଜଳାଞ୍ଜଳି ଦେବାକୁ ଠିକ୍ କଲି, ଠିକ୍ ଅଛି... ଟିଭି ଯଦି ଉପରେ ରହୁଛି ରହୁ, ଏମିତି ବି ପ୍ରଥମେ ଟିଭି ଉପରେ ହିଁ ଥିଲା। ଆମେ ତାକୁ ତଳକୁ ଆଣିଥିଲୁ। ପୁଣି ଉପରକୁ ନେଲୁ, ପୁଣି ତଳକୁ ଆଣିଲୁ। ଏବେ ପୁଣି ଉପରକୁ, ଟିଭିକୁ ଗୋଟେ ସ୍ଥାୟୀ ସ୍ଥାନ ନେବାରେ ଆମେ ଅସଫଳ ହେଇଥିଲୁ।

ମାଆକୁ ହୋଇଥିବା ପଥୁରୀ ରୋଗ ଏବେ ଏକ ଗମ୍ଭୀର ସମସ୍ୟା ହୋଇ ଯାଇଥିବା ଯା' ମଧ୍ୟରେ। ଅସ୍ତ୍ରୋପଚାର ବିନା କିପରି ଏହା ଭଲ ହେବ ସେଇଥିପାଇଁ ଚେଷ୍ଟା ଆରମ୍ଭ ହୋଇଯାଇଥିଲା।

ପ୍ରଥମେ ସୋନୋଗ୍ରାଫି ଦ୍ୱାରା ପଥରର ଆକାର ଦେଖିନିଆଗଲା। ସଂଜୟ କୁମାର ଓ ଡାକ୍ତର ଏମ.ଏଚ. ପୱାରଙ୍କ ମଧ୍ୟରେ ଯାକୁ ନେଇ ବିଚବିମର୍ଶ ହେଲା। ସଂଜୟ କୁମାରଙ୍କର ଜେ.ଏଣ୍ଡ୍ ଜେ. ଡାକ୍ତରଖାନାରେ ହାଇଡ୍ରୋଥେରାପୀ ବା ଜଳଚିକିତ୍ସା କରିବାର ନିର୍ଣ୍ଣୟ ନିଆଗଲା। ସାଲାଇନ୍ ଦ୍ୱାରା ଦେହ ଭିତରକୁ ବାରମ୍ବାର ଜଳ ପ୍ରବେଶ କରାଇବା ଦ୍ୱାରା ବାରମ୍ବାର ପରିସ୍ରା ହେବ ଓ ପରିସ୍ରାର ବେଗରେ ପଥର ପଦାକୁ ବାହାରକୁ ଆସିଯିବ। ଏହା ଏକ ପ୍ରୟୋଗ ଥିଲା। ଥିଲା ଏକ ଚେଷ୍ଟା ଏ ଦିଗରେ।

ସଂଜୟକୁମାର ନିଜେ ଆସି ମାଆକୁ ନିଜର ଡାକ୍ତରଖାନା ନେଇଗଲେ। ମୋର ପତ୍ନୀ ତାଙ୍କ ସହିତ ଥିଲେ। ମୁଁ ନିଜେ ବି ଯିବାକୁ ନିର୍ଣ୍ଣୟ ନେଇଥିଲି। ହେଲେ ଡାକ୍ତରଙ୍କ ଚିକିତ୍ସା ଦେଖିଲେ ମୋର ମୁଣ୍ଡ ବୁଲଉଥିଲା। ସିନେମାରେ ବି ଯଦି ଇଞ୍ଜେକସନ୍ ଦେବାର ଦୃଶ୍ୟ ରହୁଥିଲା ତେବେ ବି ତାକୁ ଦେଖି ମୋର ମୁଣ୍ଡ ବୁଲେଇ ଦେଉଥିଲା,ସେସବୁ ଦେଖି ମୁଁ ନିଜର ଆଖିବନ୍ଦ କରି ନେଉଥିଲି। ଆଉ ଦ୍ୱିତୀୟ କଥା ହେଲା ମୋର ଉପସ୍ଥିତିରେ ମାଆ ଡାକ୍ତର କହୁଥିବା କଥାଶୁଣୁ ନଥିଲା। ସିଏ ହାଇଡ୍ରୋଥେରାପୀ କରାଇବାକୁ ଗଲା ଓ ମୁଁ ଅଫିସ୍‌ରେ ପହଞ୍ଚିଗଲି। ପ୍ରତ୍ୟେକ ପନ୍ଦର ମିନିଟ୍‌ରେ ମୁଁ ପତ୍ନୀଙ୍କ ଠାରୁ ସବୁ କଥା ପରି ବୁଝୁଥିଲି। ଗୋଟେ ସାଲାଇନ୍ ସରିଲା... ଦ୍ୱିତୀୟ ସରିଲା... ତୃତୀୟ ବି ସରିଗଲା। ସନ୍ଧ୍ୟା ହୋଇ ଆସୁଥିଲା। ଶେଷ ସାଲାଇନ୍ ଲାଗିଥିଲା। ମୁଁ ଡାକ୍ତରଖାନାକୁ ଗଲି। ଚତୁର୍ଥ ସାଲାଇନ୍ ମାଆ ଅଧା ନେଇଥିଲା।ଏବେ ଆଉ ସାଲାଇନ୍ ନେବାକୁ ସିଏ ମନା କରି ଦେଇଥିଲା। ସଂଜୟ କୁମାର ମାଆ ଉପରେ ବିରକ୍ତ ହେବାକୁ ଲାଗିଥିଲେ। ହେଲେ ବି ସିଏ ଡାକ୍ତରଙ୍କ କଥା ଶୁଣିବାକୁ ନାରାଜ। ସଂଜୟକୁମାର ମାଆକୁ ନିଜର ମାଆ ବୋଲି ଭାବୁଥିଲା। ମାଆର ରୋଗର ଉପର କରିବାର ଜଟିଳ ଦାୟିତ୍ୱ ସିଏ ନିଜ ମୁଣ୍ଡକୁ ନେଇଥିଲା। ମୋର ସ୍ତ୍ରୀ ମାଆକୁ ବୁଝାଇଲା। ସଂଜୟ କୁମାରର ପତ୍ନୀ ରୋହିଣୀ ବି ମାଆକୁ ବୁଝାଇବାକୁ ଲାଗିଥିଲା। ସମସ୍ତେ ହାର ମାନି ଯାଇଥିଲେ। ମୁଁ ସେଠି ପହଞ୍ଚି ଯିବାରୁ ସମସ୍ତଙ୍କୁ ଭଲ ଲାଗିଲା। ସମସ୍ତେ ଭାବୁଥିଲେ ମାଆ ମୋ କଥା ଶୁଣିବ। ମୁଁ କହିଲି, "ମାଆ ଆଉ ଯେତକି ସାଲାଇନ୍ ବଳି ଯାଇଛି ଅନ୍ତତଃ ସେତିକି ଶେଷ ହେବାକୁ ଦେଏ।

ମାଆ ସୁଁ ସୁଁ ହୋଇ କାନ୍ଦୁ କାନ୍ଦୁ କହିଲା "ଏବେ ଆଉ କିଛି କହିନା। ବହୁତ କଷ୍ଟ ଲାଗୁଛି। ମୁଁ ମରି ଯିବି... ତୋ ପାଇଁ ତୋର ମାଆ ଆଉ ବଞ୍ଚି ରହିବନି... ମୁଁ ତୁମ ସମସ୍ତଙ୍କର ଗୋଡ଼ ଧରୁଛି ... ଏବେ ଆଉ ମୋତେ ସାଲାଇନ୍ ଲଗାଅନି। ମୋତେ ଭାରି କଷ୍ଟ ହେଉଛି... ମୋର ଗୋଡ଼ ସବୁ ମୋଡ଼ି ହୋଇ ଯାଉଛି ... ଶିର ସବୁ ଫାଟି ଗଲା ପରି ଲାଗୁଛି... ମୁଁ ଏବେ ଆଉ ସହିପାରୁନି। ମୁଁ ଏବେ ସତକୁ ସତ ମରିଯିବି।

ମୋ ଜୀବନରେ ମୁଁ ମାଆକୁ କେବେ ଏତେ ଅସହାୟ ଅବସ୍ଥାରେ ଦେଖି ନଥିଲି।

(କ୍ରମଶଃ)

♥ ରାଜଭବନ ଡାକଘର, ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଶାନ୍ତିକାନନରେ 'ମେଘ ମହ୍ଲାର' ମୌସୁମୀ କବିତା ଆସର




ବାଲେଶ୍ୱର: ୮/୭: ଫକୀରମୋହନ ସାହିତ୍ୟ ପରିଷଦ ଓ ଯୁଗଶ୍ରୀ ଯୁଗନାରୀ ମିଳିତ ଆନୁକୂଲ୍ୟରେ ଶାନ୍ତିକାନନଠାରେ 'ମେଘ ମହ୍ଲାର' ମୌସୁମୀ କବିତା ଆସର ଅନୁଷ୍ଠିତ ହେବା ସହ ଯୁଗଶ୍ରୀ ଯୁଗନାରୀ ପତ୍ରିକାର ଜୁଲାଇ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ସୁସାହିତ୍ୟିକା ତଥା ପ୍ରବଚିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ମୁଖ୍ୟଅତିଥି, ବିଶିଷ୍ଟ ସମାଲୋଚକ ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା, ପ୍ରାଧାପିକା ଡ. ପ୍ରଭାବତୀ ପଣ୍ଡା ଓ ସୁଶ୍ରୀ ଗୀତାଞ୍ଜଳି ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଯୁଗଶ୍ରୀ ଯୁଗନାରୀ ସଂପାଦିକା ମମତା ମହାପାତ୍ର ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପରିଷଦର ସଂପାଦକ ଦୀପକ ବୋଷ ପ୍ରାନ୍ତକଥା ରଖିଥିଲେ। ସଭା ପ୍ରାରମ୍ଭରେ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ଅଧାପିକା ଜ୍ୟୋସ୍ନା ରାୟ ଓ କବି ମଧୁସୂଦନ ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଦୀନବନ୍ଧୁ ଲେଙ୍କା, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡ. ହରିଶ୍ଚନ୍ଦ୍ର ବେହେରା, କାଳିକିଙ୍କର ଦାସ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଶୁଭଙ୍କର ମହାପାତ୍ର, ଡା. ଅଭିମନ୍ୟୁ କାନୁନ୍‌ଗୋ, ସଂଜୟ ପଣ୍ଡା, ବିଷ୍ଣୁ ମହାନ୍ତି, ଅରୁଣା ରାୟ, ଅଞ୍ଜଳି ପଣ୍ଡା, ଅନସୂୟା ନାୟକ, ବିନୀତା ସାହୁ ପ୍ରମୁଖ ଶତାଧିକ କବି କବିତା ପାଠ କରିଥିଲେ। ଶେଷରେ ଅଧାପକ କମଳାକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

## ୮୮୪ ଗୋଟି ମୋକଦ୍ଦମାର ୨୬,୯୬,୧୯୯ ଟଙ୍କାରେ ଆପୋଷ ସମାଧାନ

ଝାରସୁଗଡ଼ା, ୦୮/୦୭ (ନି.ପ୍ର): ଶନିବାର ଦିନ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଦିଗାମ୍ବର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ବିଚାରାଧିନ ମୋକଦ୍ଦମା ଏବଂ ଚେକ୍ ବାଉନ୍ସ ବିବାଦ ମାମଲା ଗୁଡିକ ଆପୋଷ ସମାଧାନ ପାଇଁ ବିଚାରକୁ ନିଆଯାଇଥିଲା। ତଦ୍‌ମଧ୍ୟରୁ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ ବିଚାରାଧିନ ଥିବା ୦୧ଟି ମୋକଦ୍ଦମାର ୧୦,୦୦,୦୦୦ ଟଙ୍କାରେ, ୦୭ ଟି ଚେକ୍ ବାଉନ୍ସ ବିବାଦ ମାମଲା ୮୮,୭୭୦ ଟଙ୍କାରେ, ୦୧ ଟି ପରିବାର ବିବାଦ ମୋକଦ୍ଦମା, ୮୭୪ ଟି ରାଜସ୍ୱ ମୋକଦ୍ଦମା ୪,୫୯,୨୫୪ ଟଙ୍କାରେ ଓ ୦୧ ଟି କର୍ମଚାରୀ କ୍ଷତିପୁରଣ ମାମଲା ୧୧,୪୮,୧୭୫ ଟଙ୍କାରେ ଆପୋଷ ବୁଝାମଣା ମାଧମରେ ସମାଧାନ ହୋଇଯାଇଅଛି। ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ପୃଷ୍ଟି ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମାର ଆପୋଷ ବୁଝାମଣା ମାଧମରେ ସମାଧାନ କରି ବୀମା କମ୍ପାନୀକୁ କ୍ଷତିପୁରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିବା ବେଳେ ପରିବାର ଅଦାଲତର ବିଚାରପତି ସତ୍ୟବ୍ରତ ମିଶ୍ର ପରିବାର ବିବାଦ ମାମଲାର ସମାଧାନ କରିଥିଲେ। ସେହିପରି ଉପଖଣ୍ଡ ସ୍ତରିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ଗାୟତ୍ରୀ ମିଶ୍ର ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ଶ୍ରୀମୟୀ ନନ୍ଦ ଚେକ୍ ବାଉନ୍ସ ବିବାଦ ମାମଲା ଗୁଡିକର ଆପୋଷ ବୁଝାମଣା ମାଧମରେ ସମାଧାନ କରିଥିଲେ। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ (ପୋକ୍ସୋ) ନିଳଗିରୀ ଜେନା, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସୁବାସ ଚନ୍ଦ୍ର ଧଳ, ସିଭିଲ କୋର୍ଟ ରେଜିଷ୍ଟ୍ରାର ମଳୟ କୁମାର ପ୍ରଧାନ ଓ ବରିଷ୍ଠ ଦେୱାନି ବିଚାରପତି ଦିବ୍ୟସଚି ବେହେରା ଉକ୍ତ ଲୋକ ଅଦାଲତରେ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁଶ୍ରୀ ନେହା ଦାସ ଏହି ଲୋକ ଅଦାଲତକୁ ପରିଚାଳନା କରିଥିବାବେଳେ ଆପୋଷ ବୁଝାମଣା ମାଧମରେ ସମାଧାନରେ ସହଯୋଗ କରିବା ପାଇଁ ୦୫ଟି ଲୋକ ଅଦାଲତ ବେଂଚର ଗଠନ କରାଯାଇଥିଲା ଏବଂ ଏହି ବେଂଚ ଗୁଡିକର ସଦସ୍ୟ ଭାବରେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର, ଡାକେଶ୍ୱର ପାଣ୍ଡେ, ସମାଜସେବୀ ଦେବାର୍ଚନ ଠାକୁର, ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବି ଦୟାନିଧି ଚାନ୍ଦ, ରୁପାଲି ଚାଟାର୍ଜି ଓ ଡମାଲି ପଟେଲ ଉପସ୍ଥିତ ଥିଲେ। ବେସରକାରୀ ବୀମା କମ୍ପାନୀ ମାନଙ୍କ ତରଫରୁ ଓକିଲ ଅନୁପ କୁମାର ମିଶ୍ର ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।

# ରଜିଆରେ ବିଜେପିର ପଦଯାତ୍ରା ଓ ବିଶାଳ ଜନସଭା

ଚମ୍ପୁଆ, ୦୮/୦୭ (ନି.ପ୍ର): ମହାଜନ ସମ୍ପର୍କ ପରିପ୍ରେକ୍ଷୀରେ ଆଜି ରଜିଆରେ ବିଜେପିର ପଦଯାତ୍ରା ଓ ବିଶାଳ ଜନସଭା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ଶର୍ମାଙ୍କ ନେତୃତ୍ୱରେ ପଦଯାତ୍ରା ହୋଇଥିଲା । ଏହି ସମୟରେ ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ଚମ୍ପୁଆ ପ୍ରଭାରୀ ତଥା ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତ, ଜିଲ୍ଲା ଉପ ସଭାପତି ଚମ୍ପୁଆ ସଂଯୋଜକ ଦେବ ପ୍ରସାଦ ମିଶ୍ର, ରାଜ୍ୟ ଯୁବମୋର୍ଚା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ମଲ୍ଲିକ, ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମହତାବ ଆଲାମ, ଚମ୍ପୁଆ ନଗର ସଭାପତି ରାଜେଶ ଆଚାର୍ଯ୍ୟ, ଯୋଡ଼ା ନଗର ସଭାପତି ସୁଶାନ୍ତ ବେବର୍ତା, ଭଣ୍ଡା ସଭାପତି ହେମନ୍ତ ମହାନ୍ତ, ବିଲେଇପଦା ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ଜିଲ୍ଲା ପରିଷଦ ସଦସ୍ୟ ବିନୋଦ ହାଇବୁରୁ, ବିଶିଷ୍ଟ ଶ୍ରମିକ ନେତା କମଳାପତି ଯାଦବ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ବିଶ୍ୱନାଥ ନନ୍ଦ, ସାଧାରଣ ସମ୍ପାଦକ ପଙ୍କଜ ମହାନ୍ତ, ସନ୍ତୋଷ ମହାନ୍ତ, କିଶୋର ମହାନ୍ତ ଶିବାନନ୍ଦ ମହାନ୍ତ, ଝରଣା ମହାନ୍ତଙ୍କ ସମେତ ଶତାଧିକ ପୁରୁଷ ମହିଳା କାର୍ଯ୍ୟକର୍ତା ମାନେ ଘରକୁ ଘର ଯାଇ କେନ୍ଦ୍ରର ମୋଦି ସରକାରଙ୍କ ସୁଶାସନ ଓ ଜନକଲ୍ୟାଣ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଇଥିଲେ। ପରେ ରଜିଆ ମିନି ଷ୍ଟାଡିଅମ ଠାରେ ଏକ ବିଶାଳ ଜନସଭାର ଆୟୋଜନ କରାଯାଇଥିଲା । ଏହି ବିଶାଳ ଜନସଭାରେ ଅଭିଭାଷଣ ମାଧମରେ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଗରିବ ଲୋକଙ୍କୁ ମାଗଣାରେ ଚାଉଳ ଦେଉ ଥିବାରୁ ମୁରଲୀ ଶର୍ମା ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବାକୁ ଯାଇ ପ୍ରଧାନମନ୍ତ୍ରୀ ପ୍ରତେକ ବର୍ଷ ଧାନର ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି ବୋଲି ରାଧାକାନ୍ତ ମହାନ୍ତ କହିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ସୁକେଶୀ ଓରାମ କେନ୍ଦ୍ର ସରକାରଙ୍କ ମହିଳା ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶିଳ ହେବା ପାଇଁ ବିଭିନ୍ନ ଯୋଜନାକୁ ସାମ୍ନାରେ ରଖିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ସାଧାରଣ ସମ୍ପାଦକ ଡା ରଞ୍ଜନ କୁମାର ମହାନ୍ତ, ଦିଲୀପ ଗିରି, ମିତ୍ରଭାନୁ ମହାନ୍ତ, କରଣ ମହାନ୍ତ ପ୍ରମୁଖ କାର୍ଯକର୍ତାମାନେ ପରିଚାଳନା କରିଥିଲେ।

# ରେଲୱେ ଜେନେରାଲ ମ୍ୟାନେଜରଙ୍କ କେସିଙ୍ଗା ରେଳ ଷ୍ଟେସନ ପରିଦର୍ଶନ

ଭବାନୀପାଟଣା, ୦୮/୦୭ (ନି.ପ୍ର): ସମ୍ବଲପୁର ଡିଭିଜନ ଅନ୍ତର୍ଗତ କେସିଙ୍ଗା ରେଲୱେ ଷ୍ଟେସନକୁ ଓଡ଼ିଶାର ରେଳ ବିଭାଗର ଜେନେରାଲ ମେନେଜର ମନୋଜ କୁମାର ଶର୍ମାଙ୍କ ସହ ସମ୍ବଲପୁର ରେଳ ଡିଭିଜନର ଡ଼ିଆରଏମ ବିନୀତ ସିଂ ଙ୍କ ସମେତ ବହୁ ପଦାଧିକାରୀଗଣ ଶନିବାର ପରିଦର୍ଶନ କରିଥିଲେ। ଏହି ଅବସରରେ କେସିଙ୍ଗା ସଚେତନ ନାଗରିକ ମଂଚ ପକ୍ଷରୁ ୪ ଦଫା ଦାବିପତ୍ର ଜେନେରାଲ ମେନେଜରଙ୍କୁ ପ୍ରଦାନ କରିଥିଲେ। କେସିଙ୍ଗାରୁ ଭୁବନେଶ୍ୱର ରାଜଧାନୀକୁ କୌଣସି ଟ୍ରେନ ନ ଥିବାରୁ ଏକ ନୂଆ ଟ୍ରେନ ଦେବାପାଇଁ ଦାବି କରାଯାଇଛି। ଟିଟିଲାଗଡରୁ ଇସ୍ପାତ ଦ୍ରୁତଗାମୀ ଟ୍ରେନ ଓ ଦୁର୍ଗ ପୁରୀ ଟ୍ରେନକୁ କେସିଙ୍ଗା ଯାଏ ସମ୍ପ୍ରସାରଣ କରିବା ପାଇଁ ଦାବି କରାଯାଇଛି ଏବଂ କେସିଙ୍ଗା ଷ୍ଟେସନ ପରିସରରେ ପରିଷ୍କାର ପରିଛନ୍ନ, ୩ ନମ୍ବର ପ୍ଲାଟଫର୍ମ ରେ ମାର୍ବଲ ଦବି ଯାଇଛି, ଯାତ୍ରୀମାନେ ରାତ୍ରିରେ ଝୁଂଟି ହୋଇ ପଡିଯାଉଛନ୍ତି। ଠିକ ଭାବେ ପାନୀୟଜଳ ମିଳୁ ନାହିଁ। ଶୌଚାଳୟ ଏବଂ ଷ୍ଟେସନ ପରିସର ଅପରିଷ୍କାର ଦେଖା ଯାଉଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ଜେନେରାଲ ମେନେଜରଙ୍କୁ କେସିଙ୍ଗା ସଚେତନ ନାଗରିକ ମଂଚ ପକ୍ଷରୁ ଦାବି କରାଯାଇଛି।

# ତୁରନ୍ତ ସହାୟତା ପାଇ ଖୁସି ହେଲେ ପଦ୍ମଲୋଚନ

ସୁବର୍ଣ୍ଣପୁର, ୦୮/୦୭ (ନି.ପ୍ର): ଗତ ୪ ତାରିଖ ରେ ୫-ଟି ସଚିବ ଭି କେ ପାଣ୍ଡିଆନ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ରେ ଆସି ଜିଲ୍ଲାର ବିଭିନ୍ନ ଅଂଚଳ ସହ ଜିଲ୍ଲାର ଖଲିଆପାଲିକୁ ଗସ୍ତ କରି ଜନ ସାଧାରଣଙ୍କ ବିଭିନ୍ନ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ଉକ୍ତ ଦିନ ଖଲିଆପାଲି ନିବାସୀ ପଦ୍ମଲୋଚନ ନାଗ, ପି. ହରି ନାଗ ନିଜର ସ୍ୱାସ୍ଥ୍ୟର ଉଚ୍ଚ ଚିକିତ୍ସା ନିମନ୍ତେ ୫-ଟି ସଚିବଙ୍କୁ ସାକ୍ଷାତ ସହ ଦରଖାସ୍ତ ପ୍ରଦାନ କରିଥିଲେ। ଉକ୍ତ ଦରଖାସ୍ତର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଶ୍ରୀ ନାଗଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ତିରିଶ ହଜାର ଟନ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ୫-ଟି ସଚିବ ଶ୍ରୀ ପାଣ୍ଡିଆନ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କୁ ନିର୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପ୍ରଶାସନ ତରଫରୁ ଶ୍ରୀ ନାଗଙ୍କୁ ତୁରନ୍ତ ଉପରୋକ୍ତ ଆର୍ଥିକ ସହାୟତା ଅନଲାଇନ ଯୋଗେ ତାଙ୍କ ପାସ ବୁକରେ ପ୍ରଦାନ କରାଯାଇଛି।

# ଡ୍ରିମ୍ସ ଆଇଡିଆଲ ସ୍କୁଲ ପକ୍ଷରୁ ବନମହୋତ୍ସବ




ବାଲେଶ୍ୱର, ୦୮/୦୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ଅବସରରେ ବାଲେଶ୍ୱର ଡ୍ରିମ୍ସ ଆଇଡିଆଲ ସ୍କୁଲ ପକ୍ଷରୁ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ସେଠାରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ, ପୌର କାଉନସିଲର ରଞ୍ଜିତା ମହାପାତ୍ର, ସାମାଜିକ କର୍ମୀ ସୋନାଲି ସା, ବାଲେଶ୍ୱର ରୋଟାରୀ କ୍ଲବ ଅନ ସିର ସଦସ୍ୟ ଶେଖ ମୁକ୍ତାର ମହମ୍ମଦ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜଙ୍ଗଲ କ୍ଷୟ ଓ ପରିବେଶ ପ୍ରଦୂଷଣ ଯୋଗୁଁ ସମ୍ପ୍ରତି ବଢ଼ି ଚାଲିଥିବା ଗ୍ଲୋବାଲ ୱାର୍ମିଂ ସମ୍ପର୍କରେ ଆଲୋଚନା କରିଥିଲେ। ଏଡିଏମ ପ୍ରଥମେ ବୃକ୍ଷରୋପଣ ଶୁଭାରମ୍ଭ ପରେ ଅନ୍ୟମାନେ ବୃକ୍ଷଚାରା ଲଗାଇଥିଲେ। ବିଦ୍ୟାଳୟର ଅଧକ୍ଷା ପୁଷ୍ପିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସତ୍ୟାଭାମା ପ୍ରଧାନ, ରେହେନା ବେଗମ, ଦେବଶ୍ରୀ ଗିରି, ଆରତୀବାଳା ଦାସ, ଅନୀତା ରାଣୀ ଦାସ, ଶାନ୍ତିଲତା ଖଟୁଆ, ସ୍ମୃତିସୁଧା ଦାସ, ଦୀପାଞ୍ଜଳି ଦାସ, ଆଂଚଳପ୍ରିୟା ବେହେରା, ରଞ୍ଜନ ସାହୁ, ଜ୍ୟୋତିଶଙ୍କର ନାୟକ, ସଞ୍ଜନା ପାତ୍ର, ସୁଚିସ୍ମିତା ବେହେରା, ସୁଲତା ଜେନା ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଜିଲ୍ଲା ପ୍ରଶାସନ ତରଫରୁ ଦୁବାଇ ଫେରନ୍ତା ମିଶନଶକ୍ତି ସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୦୮/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମିଶନ ଶକ୍ତି ସଭାନେତ୍ରୀ ପ୍ରତିଭା ସାହୁଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ସଂପର୍କ ଯୋଡିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଦୁବାଇ ମଧ୍ୟରେ ସିଧା ସଳଖ ସେବା ଗତ ୧୫ ତାରିଖରୁ ଆରମ୍ଭ କରିଥିଲେ । ପ୍ରଥମ ଦିନ ଅନ୍ୟାନ୍ୟ ଯାତ୍ରୀଙ୍କ ସହ ମିଶନ ଶକ୍ତିର ବିଭିନ୍ନ ଜିଲ୍ଲାରୁ ୧୦ ଜଣ ଜିଲ୍ଲା ସ୍ତରୀୟ ଫେଡେରେଶନ ସଭାନେତ୍ରୀ ଯାତ୍ରା କରିଥିବା ବେଳେ ସେମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲାରୁ ଶ୍ରୀମତୀ ସାହୁଙ୍କୁ ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧକ୍ଷତାରେ ଆୟୋଜିତ ଏକ ବୈଠକରେ ସମ୍ବର୍ଦ୍ଧନା ଦିଆ ଯାଇଛି । ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଡିଏସ୍.ଡବ୍ଲୁଓ ସତ୍ୟଭାମା ସେଠୀ, ମିଶନଶକ୍ତି ଡିପିସି କୈଳାସ ଚନ୍ଦ୍ର ସେନାପତିଙ୍କ ସମେତ ସ୍ୱପ୍ନା ସିଂହ, ସୁପ୍ରଭା ଦାସ, ବି.ପି ଚାନ୍ଦଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଶ୍ରୀମତୀ ସାହୁଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ପଶ୍ଚିମବଙ୍ଗରେ ପଞ୍ଚାୟତ...

ବିଜେପି ସାଂସଦ ଅଭିଯୋଗ କରିଛନ୍ତି ଯେ ଅଧିକାଂଶ ବୁଥକୁ ଟିଏମସି କର୍ମୀମାନେ କବଜା କରିଥିବାବେଳେ ପୁଲିସ କର୍ମଚାରୀମାନେ ଟିଏମସି କର୍ମୀ ସାଜି ଅନେକ ସ୍ଥାନରେ ମତଦାନ କରିଛନ୍ତି। ଏନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ହିଂସାକାଣ୍ଡକୁ ନେଇ ପଶ୍ଚିମବଙ୍ଗ ବିଜେପି ସଭାପତି ସୁକାନ୍ତ ମଜୁମଦାରଙ୍କଠାରୁ ସବିଶେଷ ତଥ୍ୟ ମାଗିଛନ୍ତି। ଅନ୍ୟପଟେ ହିଂସାକାଣ୍ଡକୁ ନେଇ ଶନିବାର କୋଲକାତାରେ ରାଜ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ବାହାରେ ବିଜେପି କର୍ମୀମାନେ ଏକତ୍ରିତ ହୋଇ ନିଜର ପ୍ରତିବାଦ ଜଣାଇଛନ୍ତି।

## ବିଜେଡିର ମୁଣ୍ଡବ୍ୟଥା ...

ହେବେ ସେଥିପାଇଁ ସେ ଲୋକମାନଙ୍କୁ ଅନୁରୋଧ କରୁଥିବା ଶୁଣିବାକୁ ମିଳୁଛି । ଯାହାକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛି । ବିଜେପିର ତାଳଚେର ବିଧାୟକ ପ୍ରାର୍ଥୀ ତଥା ମୁଖପାତ୍ର କାଳନ୍ଦୀ ସାମଲ ଆଜି କଡ଼ା ଭାଷାରେ ବିଧାୟକ ଶ୍ରୀ ପ୍ରଧାନଙ୍କୁ ସମାଲୋଚନା କରିଛନ୍ତି । ବୀର ଓ ସ୍ୱାଭିମାନର ମାଟି ତାଳଚେରର ସ୍ୱାଭିମାନକୁ ବିଧାୟକ ଶ୍ରୀ ପ୍ରଧାନ ତଳିତଳାନ୍ତ କରିଛନ୍ତି । ତୁରନ୍ତ ତାଳଚେରବାସୀଙ୍କୁ କ୍ଷମା ମାଗନ୍ତୁ । ଜଣେ ସଚିବଙ୍କୁ ଖୁସି କରିବାକୁ ବିଧାୟକ ଯେ କେତେ ତତ୍ପର ତାହା ଏହି ଅଡିଓରୁ ଜଣାପଡ଼ିଯାଉଛି । ଜଣେ ନିର୍ବାଚିତ ଜନପ୍ରତିନିଧି ହୋଇ ସଚିବଙ୍କ ଗସ୍ତକୁ ସଫଳ କରିବାକୁ ବିଧାୟକ କିଭଳି ନିଜର ସ୍ୱାଭିମାନ ସହ ସାଲିସ୍ କରିଛନ୍ତି ତାକୁ ନେଇ ଶ୍ରୀ ସାମଲ କଡ଼ା ଭାଷାରେ ନିନ୍ଦା କରିବା ସହ ତୁରନ୍ତ କ୍ଷମା ମାଗିବାକୁ ଦାବି କରିଛନ୍ତି । ଏପଟେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ କିଛି ମହିଳା ସଂଘବଦ୍ଧ ହୋଇ କଟକ ସଦର ବିଜେଡି କାର୍ଯ୍ୟାଳୟରେ ଶପଥ ପାଠ କରୁଥିବା ଦେଖିବାକୁ ମିଳିଛି । ମହିଳାମାନେ ଶପଥ ନେଇ କହୁଛନ୍ତି ଯେ, " ଆମେ ଆମ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ଆନୁଗତ୍ୟ ପାଳନ କରିବୁ । ବିଧାୟକଙ୍କ କୌଣସି କାର୍ଯ୍ୟରେ ବାଧାବିଘ୍ନ କରିବୁ ନାହିଁ । ବିଧାୟକଙ୍କ ନିର୍ଦ୍ଦେଶରେ କାମ କରିବୁ । ଯାହା ସବୁ କାମ ଦେବେ ନିଃସ୍ୱାର୍ଥପର ଭାବେ ଯଥାସମ୍ଭବ କାମ କରିବୁ ।" ଏଭଳି ଶପଥ ପାଠର ଭିଡିଓକୁ ନେଇ କଟକ ରାଜନୀତି ସରଗରମ ହୋଇଛି । ଶାସକ ବିଜେଡି ଓ ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳା ସଶକ୍ତିକରଣର ସ୍ଲୋଗାନ ଦେଉଥିବାବେଳେ ମହିଳାମାନଙ୍କୁ ଏଭଳି ଶପଥ ପାଠ କରାଇବା ପଛରେ ଚନ୍ଦ୍ରସାରଥୀଙ୍କର କ'ଣ ଉଦ୍ଦେଶ୍ୟ ରହିଛି ତାକୁ ନେଇ ଚର୍ଚ୍ଚା ଲାଗି ରହିଛି । ବିଧାୟକମାନଙ୍କ ଆନୁଗତ୍ୟ ପାଳନ ପାଇଁ କ'ଣ ବିଜେଡି ନିଜର କର୍ମୀମାନଙ୍କୁ ଏଭଳି ଶପଥ ପାଠ କରାଇବାକୁ ନିର୍ଦ୍ଦେଶ ଦେଇଛି କି ? ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରାଙ୍କର ଏଭଳି କି ସମସ୍ୟା ଉପୁଜିଲା ଯେ, ସେ ମହିଳମାନଙ୍କୁ ଶପଥ ପାଠ କରାଇ ନିଜ ସହ ବାନ୍ଧି ରଖିବାକୁ ଉଦ୍ୟମ କରିଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ । ଅବଶ୍ୟ ଏହି ଅଡିଓ ଓ ଭିଡିଓ ଭାଇରାଲ ହେବାପରେ ବି ଦୁଇ ବିଧାୟକ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ମାତ୍ର ଦୁଇ ବିଧାୟକଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ଏବେ ବିଜେଡିକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି।

## ସମୟର ଚକ୍ରର ୧୨ତମ....

ସଂପାଦକ ସୃଷ୍ଟିଧର ପରିଡା, ମୋଟିଭେସନାଲ ସ୍ପିକର ସରୋଜିନୀ ରଥ, ସମାଜସେବୀ ସୁମନ୍ତ ଜେନା, ଡ.କୁମାର ଗୋପାଳ,ସମାଜସେବୀ ଯଶୋଦାନନ୍ଦନ ଆଶ, ସମାଜସେବୀ ଦିଲ୍ଲୀପ ସାହୁ ଡ. କୁମାର ବାବୁଲି, ପ୍ରମୁଖ ଯୋଗଦାନରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଥମ ଅଧିବେଶନରେ କବି ସୁବ୍ରତା ମହାନ୍ତିଙ୍କ ମଂଚଆହ୍ୱାନ,କବି କାଳିକିଙ୍କର ଦାସଙ୍କ ସଭାପତିତ୍ୱରେ କବି କଲ୍ୟାଣି ନନ୍ଦ କବି ଗଗନ କୁମାର ସେଠିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ,ମୁଖ୍ୟ ବକ୍ତା ଆଚାର୍ଯ୍ୟ ବିଜୟ ଜୀ,ଗାଳ୍ପିକ ଶାନ୍ତନୁ ପଟ୍ଟନାୟକ, ପ୍ରଭାତ ଆଚାର୍ଯ୍ୟ,କବି ରମେଶଚନ୍ଦ୍ର ଦାସ, ସଚ୍ଚିଦାନନ୍ଦ ମହାନ୍ତି, ଶିବପ୍ରସାଦ ବାହିନୀ ପତୀ, ଜତିନ୍ଦ୍ରନାଥ ଦାସ, ଅମର ପାଳ , ଜୁମୁରନାଥ ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ 'ସମୟର ଚକ୍ର' ର ଭୂମିକାକୁ ଭୂୟସି ପ୍ରଶଂସା କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାରେ ଆଜୀବନ ସାରସ୍ୱତ ସାଧନା ପାଇଁ ଓଡିଶା ସାହିତ୍ୟ ଏକାଡେମୀ ରୁ ସମ୍ବର୍ଦ୍ଧିତ ଦୁଇପ୍ରତିଭାଧରଙ୍କୁ କବି ବ୍ରଜେନ୍ଦ୍ର ନାଥ ଗିରି, ସୃଷ୍ଟିଧର ପରିଡା,ଉତ୍ତରୀୟ ଓ ଫୁଲତୋଡା ଦେଇ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଆଚାର୍ଯ୍ୟ ବିଜୟ ଜୀ,ପ୍ରମିଳା ନାୟକ,ଶ୍ରୀମତୀ ସରୋଜିନୀ ର.ଶାନ୍ତିଲତା ମହାନ୍ତି, ଶ୍ରୀମତୀ ସୌଭାଗିନୀ ମିଶ୍ର,ବାସନ୍ତୀ କ.ଶ୍ରୀଯୁକ୍ତ ଦିବାକର ବେହେରା,ଶ୍ରୀମତୀ ବସୁମତୀ ମଣ୍ଡ.ଶ୍ରୀଯୁକ୍ତ ଧୃତି ସୁନ୍ଦର ପଣ୍ଡା, କନକଲତା ଦା.ଶ୍ରୀମତୀ କୃଷ୍ଣା ପ୍ରଧାନ,ଶ୍ରୀମତୀ କୃଷ୍ଣା ପ୍ରଧାନ, ମାଧବାନନ୍ଦ ଭୋଇ, ଶୁଭ୍ରାଲିନ ନାୟ.ଶ୍ରୀଯୁକ୍ତ ନିରଞ୍ଜନ ବେହେରା, ଡ.ସସ୍ମିତା ମିଶ୍ର, ଶ୍ରୀମତୀ ତୃପ୍ତିରାଣୀ ପାତ୍ର, ଶ୍ରୀଯୁକ୍ତ ନିତ୍ୟାନନ୍ଦ ମିଶ,ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାୟକ.ମନ୍ଦାକିନୀ ସାହୁ ସୁନାମଣୀ ଜେନା,ହେଲପିଙ୍ଗ ସୋସାଇଟି,ବାଲେଶ୍ୱ.ବାରିକ ଭାଇ ସେବା ଗ୍ରୁପ୍, ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧ୍ୟାହ୍ନ ଭୋଜନ ପରେ କୁନି କୁନି ପିଲାମାନଙ୍କୁ ନେଇ ନୃତ୍ୟ ଓ ର୍ୟାମ୍ପସୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସହ ସମ୍ପାଦିକା ସତ୍ୟଭାମା ଜେନା ସମ୍ପାଦକୀୟ ବିବରଣୀ ପାଠକରିଥିଲେ। ସ୍ୱାଗତ ସଂଗୀତ ଫକୀରମୋହନ ସାହିତ୍ୟ ପରିଷଦର ସଦସ୍ୟା ମାନଙ୍କ ଦ୍ୱାରା ପରିବେଷଣ ଓ କୁନି ନୃତ୍ୟ ପ୍ରତିଭା ସୁହାନୀସାଇ ଜେନା ସ୍ୱାଗତ ନୃତ୍ୟ ପରିବେଶିତ ହୋଇଥିଲା। ସମସ୍ତ କାର୍ଯ୍ୟକୁ ସମ୍ପାଦକ ସର୍ବେଶ୍ୱର ଜେନା, ସୁଶାନ୍ତ କୁମାର କର, ପ୍ରେମାନନ୍ଦ ଆର୍ଯ୍ୟବ୍ରତ ଦାସ,ନୃତ୍ୟଗୁରୁ ଅଭୟ ସାହୁ, ମନୋଜ ମୁଖୀ, ନରୋତ୍ତମ ଦାସ,ଅନୁପମ ମିଶ୍ର, ଗୁରୁପ୍ରସାଦ ଦାସ, ଦେବଜିତ ବାରିକ ପ୍ରମୁଖଙ୍କ ସହଯୋଗରେ ସମାପନ ହୋଇଥିଲା।

## ୫ଟି ସଚିବଙ୍କୁ....

ପ୍ରତିଦିନ ସେମାନଙ୍କୁ ଅପମାନିତ କରାଯାଉଛି। ଆଶ୍ଚର୍ଯ୍ୟର କଥା ଶୁକ୍ରବାର ରାଜ୍ୟ କାର୍ଯ୍ୟକାରିଣୀରେ ସେ ବିଜେଡିର ସଦସ୍ୟଙ୍କୁ ସମ୍ବୋଧିତ କଲେ। କିଏ ଅଧିକାର ଦେଲା ? ମୁଁ କହିବି ଯଦି ହୁଳହୁଳି ଚନ୍ଦନ ଜିନ୍ଦାବାଦ ଦରକାର୍ ଆସନ୍ତୁ ସାମ୍ନାକୁ, ସରକାରୀ ଚାକିରି ଛାଡ଼ିକି ଆସନ୍ତୁ। ଅଢେଇ ଲକ୍ଷ ଟଙ୍କାର ଦରମା ଛାଡିକି ଆସନ୍ତୁ। ମୁଖ୍ୟମନ୍ତ୍ରୀ ବୁଲିବା ପାଇଁ ଅସମର୍ଥ ଯଦି ଅଛନ୍ତି। ନିଶ୍ଚିତ ଭାବରେ ରାଜ୍ୟ ଶାସନ ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣ ବାହାରେ ଅଛି।

## ଏସି ଟ୍ରେନ୍ ଭଡ଼ାରେ ....

ରିହାତିର ମାତ୍ରା ନିର୍ଦ୍ଧାରଣ କରିବା ସମୟରେ ପରିବହନର ପ୍ରତିଦ୍ୱନ୍ଦ୍ୱିତା ମାଧ୍ୟମକୁ ଭଡ଼ାର ମାପଦଣ୍ଡ ଭାବେ ଗ୍ରହଣ କରାଯିବ। ଯାତ୍ରାର ପ୍ରଥମ ପର୍ଯ୍ୟାୟ ଏବଂ/କିମ୍ବା ଶେଷ ପର୍ଯ୍ୟାୟ ଏବଂ/କିମ୍ବା ମଧ୍ୟବର୍ତ୍ତୀ ଭାଗ ଏବଂ କିମ୍ବା ଯାତ୍ରାରୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ଯେକୌଣସି ସମୟ ପାଇଁ ଦିଆଯାଇପାରିବ। ତେବେ ସେହି ପର୍ଯ୍ୟାୟ/ଭାଗ/ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଟ୍ରେନରେ ଯାତ୍ରୀଙ୍କ ସଂଖ୍ୟା ଯଦି ୫୦%ରୁ କମ୍ ହୋଇଥାଏ ତା'ହେଲେ ରିହାତି ପ୍ରଦାନ କରାଯିବ। ରିହାତି ଦରକୁ ତତ୍କାଳ ପ୍ରଭାବରେ ଲାଗୁ କରାଯିବ । ପୂର୍ବରୁ ଟିକେଟ୍ ବୁକ୍ କରିସାରିଥିବା ଯାତ୍ରୀଙ୍କ ଭଡ଼ା ଫେରସ୍ତ କରାଯିବ ନାହିଁ। ଟ୍ରେନ୍ ଯେଉଁ ଷ୍ଟେସନରୁ ଯାତ୍ରା ଆରମ୍ଭ କରୁଛି ସମ୍ପୃକ୍ତ ଜୋନର ପିସିସିଏମଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଅବଧିରେ ଏଭଳି ରିହାତିକୁ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ । କେବଳ ସର୍ତ୍ତ ହେଉଛି, ଯୋଜନା ଯେଉଁ ଯାତ୍ରା ତାରିଖରେ କାର୍ଯ୍ୟକାରୀ ହେବ ସେବେଠାରୁ ସର୍ବାଧିକ ୬ ମାସ ଅବଧି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ ।

# ଗୁରୁକୁଳରେ ହେଲ୍‌ଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ପକ୍ଷରୁ ବନମହୋତ୍ସବ




ପିଞ୍ଛାବଣିଆ, ୦୮/୦୭ (ନି.ପ୍ର): ହେଲ୍‌ଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନେଚର କିୟର ଏଣ୍ଡ ଯୌଗିକ୍ ସାଇନିସ୍‌ର ଜାତୀୟ ସେବା ସଂସ୍ଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ, ବନମହୋତ୍ସବ ପାଳନ ଅବସରରେ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମରେ ଏକଶହ ବୃକ୍ଷ ରୋପଣ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଜୟ ଜୀ ଙ୍କ ତତ୍ତ୍ୱାବଧାନରେ NSS ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ବନମହୋତ୍ସବ ପାଳନ ଅବସରରେ ଆଚାର୍ଯ୍ୟ ବିଜୟ ଜୀ ପରିବେଶ ସୁରକ୍ଷା ପାଇଁ ଗଛର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଡ଼ଃ ଚିତ୍ତରଞ୍ଜନ ସାହୁ , ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଦଶଟି ଗଛ ଲଗାଇବା ଅତ୍ୟନ୍ତ ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ଅଧାପକ ଅଭିଷେକ ଦାସ ଯୋଗ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ଗୁରୁକୁଳ ଆଶ୍ରମର ପ୍ରଧାନ ଆଚାର୍ଯ୍ୟ ବିଜୟ ଜୀ ଅନୁଷ୍ଠାନ ର ଛାତ୍ରଛାତ୍ରୀ ଓ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରା ବାଇକ୍ ରାକେଟ ଠାବ କଲା ଜୟପୁର ଟାଉନ ପୋଲିସ

ଜୟପୁର, ୦୮/୦୭ (ନି.ପ୍ର): ଚୋରା ବାଇକ ରାକେଟ ଠାବ କରିଛି ଜୟପୁର ଟାଉନ ପୋଲିସ । ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ୩ ଅଭିଯୁକ୍ତ ହେଲେ ଜୟପୁର ବିକ୍ରମ ନଗର ଲାଲ ସାହିର ଏଲ. ଅଖିଳ (୨୨), ବୈପାରିଗୁଡା ଥାନା ଦଶମନ୍ତପୁରର କୃଷ୍ଣ ନାୟକ (୧୯), ଚୋରି ବାଇକ କ୍ରୟ କରିଥିବା ଅଭିଯୋଗରେ ନବରଙ୍ଗପୁର ଜିଲା କୋଡିଙ୍ଗା ପଦ୍ମନ ହରିଜନ (୨୫) । ଏନେଇ ଜୟପୁର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ଏସଡିପିଓ ହରିସ ବିସି ଉପସ୍ଥିତ ରହି ସୂଚନା ଦେଇଥିଲେ ଯେ, ଗତ ଅପ୍ରେଲ ୧୯ ତାରିଖରେ ଜୟପୁର ପାଓ୍ୱାର ହାଉସ କଲୋନିରେ ରହୁଥିବା ଜି. ଗଣେଷ ନିଜ ବାଇକ ଘର ସମ୍ମୁଖରେ ରଖିଥିବା ବେଳେ ଚୋରି ହୋଇଯାଇଥିଲା । ଏନେଇ ସେ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ୨ ଅଭିଯୁକ୍ତ ଏଲ. ଅଖିଳ ଓ କୃଷ୍ଣ ନାୟକଙ୍କୁ ଗିରଫ କରିଥିଲା । ଏମାନଙ୍କ ଠାରୁ ଚୋରି ବାଇକ କ୍ରୟ କରିଥିବା ଅଭିଯୋଗରେ ପଦ୍ମନ ହରିଜନଙ୍କୁ ଗିରଫ କରିଥଲା । ଜୟପୁର ସଦର, ଟାଉନ, କୁନ୍ଦୁରା, କୋରାପୁଟ, ଛତିଶଗଡ ଓ ତେଲେଙ୍ଗାନାରୁ ୧୧ଟି ବାଇକ ଜବତ କରିଛି । ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏହି ମାମଲାରେ ଜଡିତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସଡିପିଓ ହରିସ ବିସି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ନାମରେ ମଧ୍ୟ ଆଗରୁ ଅପରାଧିକ ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଅଭିଯୁକ୍ତ ମାନେ ରାଜ୍ୟ ଓ ରାଜ୍ୟ ବାହାରୁ ବାଇକ ଚୋରି କରି ପ୍ରଥମେ ଏହାର ନମ୍ବର ପ୍ଲେଟ, ବଦଳାଇ ଦେଉଥିଲେ । ଏପିରିକ ଗାଡିର ଇଞ୍ଜିନ ଓ ଚେସିସ ନମ୍ବର ବି ବଦଳାଇ ଦେଉଥିେ। ଏହା ପରେ ନବରଙ୍ଗପୁରରେ ଥିବା ଏକ ସେକେଣ୍ଡ ହ୍ୟାଣ୍ଡ ବାଇକ ସୋ ରୁମ ମାଧ୍ୟମରେ ଗ୍ରାହାକ ଯୋଗାଡ କରି ସେଗୁଡିକୁ ବିକ୍ରି କରୁଥିଲେ। ଏହି ସାମ୍ବାଦିକ ସମ୍ମିଳନିରେ ଅନ୍ୟ ମାନଙ୍କ ମଧ୍ୟରେ ଟାଉନ ଥାନା ଅଧିକାରି ସମ୍ନିତ କୁମାର ବେହେରା, ଏସଆଇ ସଞ୍ଜିବ ମହାନ୍ତି, ସିଦ୍ଧାନ୍ତ ବେହେରା, ବିଷ୍ଣୁ ବେହେରା, ଏଏସଆଇ ବିଷ୍ଣୁ ମାଡକାମି ଉପସ୍ଥିତ ଥିଲେ ।



'ସମୟର ଚକ୍ର'ର ୧୨ତମ ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ହେଉଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ପ୍ରତିଭା ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ।

# ଦୁଇପୁଅଙ୍କ ଅତ୍ୟାଚାର ସହି ନପାରି ଘର ଛାଡ଼ିଲେ ବୃଦ୍ଧ ଦମ୍ପତି

ଚମ୍ପୁଆ, ୦୮/୦୭ (ନି.ପ୍ର): ମାନବପ୍ରେମୀ ସେବା ଟ୍ରଷ୍ଟ, ଚମକପୁର ଜରିଆରେ ବୃଦ୍ଧ ଦମ୍ପତିଙ୍କୁ ଆଜି ରାମଲା ସ୍ଥିତ ହାପି ହୋମ୍ ସେବାଶ୍ରମକୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଚମକପୁର ଗ୍ରାମର ବୃଦ୍ଧ ଦମ୍ପତି ପୁରନ୍ଦ୍ର ଦାସ (୯୧) ଓ ତାଙ୍କର ସ୍ତ୍ରୀ ପ୍ରତିମା ଦାସ(୮୧) ଦୀର୍ଘଦିନ ଧରି ନିଜର ଦୁଇ ପୁଅଙ୍କ ଅତ୍ୟାଚାର ଯୋଗୁଁ ବେଘର ହୋଇ ଯା ତା' ଘରେ ଆଶ୍ରୟ ନେଇ ରହିଆସୁଥିଲେ। ବର୍ତମାନ ସେମାନଙ୍କ ସାହାଭରଷା କହିଲେ ସରକାରଙ୍କ ଦ୍ୱାରା ମିଳୁଥିବା ବାର୍ଦ୍ଧକ୍ୟ ଭତା ଓ ୧୦ କି.ଗ୍ରା ଚାଉଳ। କାନୁପୁର ନଦୀବନ୍ଧ ଯୋଜନାରେ ସର୍ବସ୍ୱ ହରାଇବା ପରେ ଦୁଇ ପୁଅଙ୍କ ନିକଟରେ ରହି ନାତିନାତୁଣୀଙ୍କ ସାଥିରେ ବାକିତକ ଜୀବନ ହସଖୁସିରେ ଅତିବାହିତ କରିବାକୁ ସ୍ୱପ୍ନ ଦେଖିଥିଲେ ବୃଦ୍ଧ ଦମ୍ପତି। ଏମିତି ଏକ ହୃଦୟ ବିଦାରକ ଖବର ଶୁଣିବା ପରେ ଟ୍ରଷ୍ଟ ର ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ସଭାପତି ବିଚିତ୍ରାନନ୍ଦ ଦାସ, ଉପ ସଭାପତି ରାଜକୁମାର ପାତ୍ର, ଆଡଭୋକେଟ୍ ସଞ୍ଜୟ କୁମାର ମହାନ୍ତ ଓ ଦେବଦତ ନାଏକ ପ୍ରମୁଖ ବୃଦ୍ଧ ଦମ୍ପତିଙ୍କୁ ନେଇ ରାମଲା ନିକଟରେ ରହିଥିବା ହାପି ହୋମ୍ ସେବାଶ୍ରମ ମୁଖ୍ୟ ସୀତାରା ବେଗମ୍ଙ୍କୁ ହସ୍ତାନ୍ତର କରିଥିଲେ।

# ଭଦ୍ରକରେ ଦ୍ୱିତୀୟ ଜିଲ୍ଲାସ୍ତରୀୟ ଲୋକ ଅଦାଲତ



ଭଦ୍ରକ , ୦୮/୦୭ (ନି.ପ୍ର): ଦ୍ୱିତୀୟ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗ୍ରଓ୍ୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୧୧୮୬୨୪୪ ଟଙ୍କାରେ ୮୯୩ ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବୁନାଲର ବିଚରାଧୀନ ଥିବା ୨୦ଟି ମାମଲାର ୧୦୦୦୪୦୦୦ ଟଙ୍କାରେ, ୧୯ଟି ଚେକ ବୌନ୍ସ, ପୁନଃରୁଦ୍ଧାର ମାମଲା ୧୩୬୬୮୬୬ ଟଙ୍କାରେ, ୧୩ଟି ବୈବାହିକ ବିବାଦ, ୮୩୯ ଟି ରାଜସ୍ୱ ମୋକଦ୍ଦମାର ୧୦୦୦୦୦ ଟଙ୍କାରେ, ୧ଟି ଉପଭୋକ୍ତା ବିବାଦ ମାମଲା, ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି।

# ବାଲିଆପାଳ ରାସ୍ତାରେ ଦୁର୍ଘଟଣା: ୬ ଆହତ, ୨ ଗୁରୁତର



ବସ୍ତା, ୦୮/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଗାନ୍ଧିଛକ- ବାଲିଆପାଳ ମୁଖ୍ୟ ରାସ୍ତା ର ପେଜଗଳା ପୋଲ ନିକଟରେ ଶନିବାର ସିରିଜ ଦୁର୍ଘଟଣା ହୋଇଛି।ଏଥିରେ ୨ ଜଣ ଗୁରୁତର ହୋଇଥବା ବେଳେ ୬ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ବାଲିଆପାଳ ଅଞ୍ଚଳର ୨ ଜଣ ଲୋକ ରୋଗୀ ନେଇ କାର ରେ ହସ୍ପିଟାଲ୍ ଯାଉଥିବା ବେଳେ ପେଜଗଳା ବ୍ରିଜ ନିକଟରେ ବସ୍ତା ଷ୍ଟେସନ କୁ ଯାତ୍ରୀ ନେଇ ଯାଉଥିବା ଅଟୋ ସହ ଧକ୍କା ହୋଇ ଥିଲା। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ କାର ସହ ଜୋର ରେ ଧକ୍କା ଦେଇ ରାସ୍ତା ର ତଳକୁ ଖସି ପଡିଥିଲା।ଯାହା ଫଳରେ ଅଟୋ, କାର ଏବଂ ବାଇକ ସିରିଜ ଦୁର୍ଘଟଣା ରେ ୮ଜଣ ଆହତ ହୋଇଥିଲେ। ଆହତ ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବସ୍ତା ଡାକ୍ତରଖାନା ପଠାଇଥିଲେ। ସେମାନଙ୍କ ମଧ୍ୟରୁ ସିଂଲା ଥାନା ପାଉଁସକୁଲି ର ରଞ୍ଜିତା ପାତ୍ର ବସ୍ତା ଥାନା ଦାଣ୍ଡିର ସେକ ଖଲିଦ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତ ମାନେ ହେଲେ ସିଂଲା ଥାନା ସିମୁଳିଆର ରଞ୍ଜିତା ସାହୁ, ରୀତିକୃଷ୍ଣା ଗିରି, ସସ୍ମିତା ଗିରି,ଦରଡ଼ା ର ସେକ ତଜୁଦ୍ଦିନ , ବାଲିଅପାଳ ଘଣ୍ଟୁଆର ପ୍ରିୟ ମୋହନ ପ୍ରଧାନ,ଜଳେଶ୍ୱରର ଶମ୍ଭୁନାଥ ବାରିକ ।ସେମାନେ ବସ୍ତା ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଖବର ପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପିଙ୍କ୍ ହ୍ୱାଟ୍ସଆପ୍ ଡାଉନଲୋଡ୍ ନକରିବାକୁ ପୋଲିସ୍ ଆଡଭାଇଜରି

ଭୁବନେଶ୍ୱର, ୦୮/୦୭ (ନି.ପ୍ର): ନିଜ ମୋବାଇଲରେ ପିଙ୍କ୍ ହ୍ୱାଟ୍ସଆପ୍ ଡାଉନଲୋଡ୍ ନକରିବାକୁ ପରାମର୍ଶ ଦେଇଛି ଓଡିଶା ପୋଲିସ୍ । ଓଡ଼ିଶା ପୋଲିସ ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ଓଡିଶା ପୋଲିସ୍ କହିଛି ପିଙ୍କ୍ ହ୍ୱାଟ୍ସଆପ୍ ହେଉଛି ସାଇବର ଲୁଟେରାଙ୍କ ଏକ ନୂଆ କୌଶଳ। ଯଦି ଆପଣଙ୍କ ମୋବାଇଲକୁ ହ୍ୱାଟ୍ସଆପ୍ ଅପ୍‌ଡେଟ୍ କରିବାକୁ କୌଣସି ଲିଙ୍କ୍ ଆସୁଛି, ତା'ହେଲେ ଭୁଲରେ ବି ସେହି ଲିଙ୍କରେ କ୍ଲିକ୍ କରନ୍ତୁ ନାହିଁ।

# ଅଙ୍ଗାରପଡ଼ା ଗ୍ରାମବାସୀଙ୍କ ଅଭିଯୋଗ



ଉଦଳା , ୦୮/୦୭ (ନି.ପ୍ର): ଉଦଳା ବ୍ଲକର ଦୁଗୁଧା ପଂଚାୟତ ଅନ୍ତର୍ଗତ ଅଙ୍ଗାରପଡ଼ା ଗ୍ରାମର ଦୁଃଖ କହିଲେ ନସରେ । ଏହି ଗ୍ରାମରେ ୭୫ଟି ପରିବାରର ପ୍ରାୟ ୪୦୦ ଲୋକ ବସବାସ କରୁଛନ୍ତି । ସମସ୍ତ ପରିବାର ସାନ୍ତାଳ ଜନଜାତିର ଅଟନ୍ତି । ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ରହିଥିବାର ଗ୍ରାମବାସୀ ମାନେ ଜଣାଇଛନ୍ତି । ବିଶେଷ କରି ଗ୍ରୀଷ୍ମ ଋତୁରେ ପାନୀୟ ଜଳ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ସେହିପରି ଜବ୍ କାର୍ଡ଼ରେ କାମ ମିଳୁନଥିବାର କଥା ମଧ ଗ୍ରାମବାସୀ ମାନେ କହୁଛନ୍ତି । କାମ ନପାଇବା ଯୋଗୁଁ ଲୋକେ ବାଧ ହୋଇ ବାହାରକୁ କାମ କରିବାକୁ ଯାଉଥିବାର କଥା ଜଣାଇଛନ୍ତି । ସେହିପରି ଖାଦ୍ୟ ଯୋଜନାରେ ମୁଣ୍ଡପିଛା ମକ୍ଳୁରଥିବା ପାଂଚ କିଲୋଗ୍ରାମ ଚାଉଳ ଓ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ମଧ ଅନେକ ଲୋକ ପାଉନଥିବାର କଥା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। କିଛି ପରିବାର ପାଇଖାନା ନଥିବା ଯୋଗୁଁ ଶୌଚ ହେବାକୁ ବାହାରକୁ ଯାଉଛନ୍ତି । ଯାହାକି ପରିବେଶ ଉପରେ ବହୁ କୁ ପ୍ରଭାବ ପକାଉଛି। ଏହି ଗ୍ରାମପ୍ରତି କତୃପକ୍ଷ ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀ ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଦାବୀ ହେଉଛି ।

## ଶୁଭେନ୍ଦୁଙ୍କୁ ବିଜେଡିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

ନୀଳଗିରି , ୦୮/୦୭ (ନି.ପ୍ର): ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ସାଂଗଠାନିକ ସ୍ତରରେ ବିରାଟ ଅଦଳବଦଳ କରିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ କିଛି ଜିଲ୍ଲାରେ ନୂତନ ଭାବେ ସଭାପତି ନିଯୁକ୍ତ କରିଥିବା ବେଳେ ଅନ୍ୟ କିଛି ନେତାଙ୍କୁ ଗୁରୁ ଦାୟିତ୍ୱ ଦେଇଛି। ବାଲେଶ୍ୱରର ଯୁବନେତା ତଥା ରାଜ୍ୟ ଯୁବବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କୁ ବାଲେଶ୍ୱର ସମେତ ଅନ୍ୟ ୭ଗୋଟି ଜିଲ୍ଲାର ସଂଯୋଜକ ଭାବରେ ଦାୟିତ୍ୱ ଦିଆଯାଇଛି। ମୟୂରଭଞ୍ଜ ୧୦ ୨ସହ ଅନୁଗୁଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ଜଗତସିଂହପୁର ର ଦାୟିତ୍ୱ ମିଳିଛି। ରାଜ୍ୟରେ ଯୁବକ ମାନଙ୍କୁ ଅଧିକ କ୍ରିୟାଶୀଳ କରିବା ସହିତ ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେନ୍ଦୁଙ୍କ କାର୍ଯ୍ୟ ଦକ୍ଷତା ଉପରେ ଭରଷା ରଖି ତାଙ୍କୁ ଏହି ଦାୟିତ୍ୱ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ସାଂଗଠାନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ, ଯୁବ ବିଜେଡି ପରାମର୍ଶଦାତା ପ୍ରଣବ ବଳବନ୍ତରାୟଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ନୀଳଗିରି ନିର୍ବାଚନ ମଣ୍ଡଳୀରେ ଶୁଭେନ୍ଦୁ ସଦା ସର୍ବଦା ଲୋକମାନଙ୍କ ସହିତ ଜଡିତ ରହି ସୁଖ ଦୁଃଖରେ ସାମିଲ ରହିଥିବାରୁ ନୀଳଗିରିରେ ଦଳ ତଥା ଜନସାଧାରଣ ଶୁଭେନ୍ଦୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗୋଟିଏ ରାତିରେ ତିନି ଘରୁ ଚୋରି: ପୁଲିସକୁ ଚୋରଙ୍କ ଖୋଲା ଚ୍ୟାଲେଂଜ

କୋରେଇ, ୦୮/୦୭ (ନି.ପ୍ର): ପାଣିକୋଇଲି ମହାବୀର କଲୋନୀରେ ଶୁକ୍ରବାର ରାତ୍ରୀ ଏକ କଳୀନ ୩ଟି ଘରୁ ଚୋରି ହୋଇଛି । ଥାନାର ଅନତୀଦୂର ତଥା ଜିଲ୍ଲା ପୁଲିସ ମୁଖ୍ୟାଳୟ ପଛପଟ ଏହି କଲୋନୀରୁ ଚୋରି ଗଟଣା ଏକ ପ୍ରକାର ପୁଲିସକୁ ଚ୍ୟାଲେଂଜ କରାଯାଇଛି । କଲେନୀର ଅବସରପ୍ରାପ୍ତ ପୁଲିସ ଉପେନ୍ଦ୍ର ଜେନାଙ୍କ ଘରୁ ସୁନା, ରୂପା ଠୁ ଆରମ୍ଭ କରି ସବୁ କିଛି ଲୁଟି ନେଇଚନ୍ତି ଲୁଟେରା । ସେ ଗୋଟିଏ ଘରେ ଶୋଇଥିବା ବେଳେ ଅନ୍ୟ ଘରେ ଥିବା ସବୁ କିଛି ଚୋରି ହୋଇଛି । ସେହିପରି ସ୍ୱର୍ଗତ ଶିକ୍ଷକ ସୁରେନ୍ଦ୍ର ସାହୁଙ୍କ ଘରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଛି । ଗ୍ରୀଲ ତାଡି ସବୁ କିଛି ଲୁଟି ନେଇଛନ୍ତି । ପରେ ଦାମୋଦର ସାହୁଙ୍କ ଘରେ ଝରକା ଗ୍ରୀଲ ତାଡି ପଶିଥିଲେ ହେଁ କିଛି ନେବାର ସୁଯୋଗ ପାଇନାହାନ୍ତି ।

## ମାଥିଲି ଅବକାରୀ ଥାନା ହାଜତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ମାଲକାନଗିରି, ୦୮/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ଅବକାରୀ ଥାନା ହାଜତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଏମଭି-୬୬ ଗାଁର ପ୍ରୀତି । ଗତକାଲି ମାଥିଲି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପ୍ରୀତିଙ୍କୁ ଗିରଫ କରିଥିଲେ । ୧୦ କେଜି ଗଞ୍ଜେଇ ଧରି ଛିଡ଼ା ହୋଇଥିବା ସମୟରେ ଅବକାରୀ ବିଭାଗର କର୍ମଚାରୀମାନେ ପ୍ରୀତିଙ୍କୁ ଗିରଫ କରିଥିଲେ । ରାତିରେ ଖାଇ ସାରିବା ପରେ ଅବକାରୀ ଥାନା ହାଜତରେ ଶୋଇଥିଲେ ପ୍ରୀତି । କିନ୍ତୁ, ବିଳମ୍ବିତ ରାତିରେ ପ୍ରୀତି ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଖବର ପାଇବା ପରେ ଡିଏସପି ସଚିନ ପଟେଲ, ମାଥିଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କ ସମେତ ପୋଲିସ କର୍ମଚାରୀ ଓ ସାଇଂଟିଫିକ ଟିମ୍ ପହଂଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଅଧିକ ତଦନ୍ତ ଚଳାଇଛନ୍ତି ।

# ପ୍ରକାଶ ପାଇଲା ଇଣ୍ଟିଗ୍ରେଟେଡ ବି.ଇଡି. ଓ ଏମ.ଇଡି. ପରୀକ୍ଷାଫଳ

## ସ୍ମୃତି ପ୍ରଥମ, ଅଭିଷେକ ଦ୍ୱିତୀୟ ଓ କେ.ଶେଫାଳି ତୃତୀୟ



ବାରିପଦା , ୦୮/୦୭ (ନି.ପ୍ର): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅନୁମୋଦନ ପରେ ଇଣ୍ଟିଗ୍ରେଟେଡ ବି.ଇଡି. ଏମ.ଇଡି. ପରୀକ୍ଷାଫଳ ପ୍ରକାଶ ପାଇଛି । ୨୦୨୦ ମସିହା ରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନେ ଚଳିତ ବର୍ଷ ଏହି ପାଠ୍ୟକ୍ରମ ରୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ସର୍ବମୋଟ ୫୦ ଜଣ ଛାତ୍ରଛାତ୍ରୀ ଚଳିତ ଥର ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ଛାତ୍ରଛାତ୍ରୀ ୭୦ ପ୍ରତିଶତ ରୁ ଅଧିକ ନମ୍ବର୍ ରଖି ପ୍ରଥମ ଶ୍ରେଣୀରେ ପାସ କରି ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିଛନ୍ତି । ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ରୁ ଅଧିକ ମାର୍କ ୮ ଜଣ ଛାତ୍ରଛାତ୍ରୀ ରଖିଥିବା ବେଳେ ଅନ୍ୟ ସମସ୍ତେ ୭୦ ପ୍ରତିଶତ ରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ତେବେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଥିବା ସ୍ମୃତି ସରିତା ୩୬୦୦ ମାର୍କ ରୁ ୨୯୨୫ ନମ୍ବର ରଖିଥିବା ବେଳେ ୨୯୨୩ ନମ୍ବର ରଖି ୨ୟ ସ୍ଥାନ ଅଧିକାର କରିଛନ୍ତି ଅଭିଷେକ ପଣ୍ଡା ଓ ୨୯୦୫ ନମ୍ବର ରଖି ୩ୟ ସ୍ଥାନରେ ରହିଛନ୍ତି କେ.ଶେଫାଳି ପ୍ରିୟଦର୍ଶିନୀ ନାୟକ । ବିଭାଗର ସମସ୍ତ ପ୍ରଫେସର ମାନଙ୍କ ଉଚ୍ଚକୋଟୀର ଶିକ୍ଷା ପ୍ରଦାନ ସହ ସବୁ ସମୟରେ ସମସ୍ତ କ୍ଷେତ୍ରରେ ସହଯୋଗ ପାଇଁ ଏହି ସଫଳତା ସେମାନଙ୍କୁ ମିଳି ପାରିଛି ବୋଲି କୃତି ଛାତ୍ର ଛାତ୍ରୀ ମାନେ କହିଛନ୍ତି।

## ଶ୍ରୀଖଣ୍ଡ ଯାତ୍ରାରେ ମଧ୍ୟପ୍ରଦେଶର ଶ୍ରଦ୍ଧାଳୁଙ୍କ ମୃତ୍ୟୁ

କୁଲ୍ଲୁ, ୦୮/୦୭ (ନି.ପ୍ର): ଶ୍ରୀଖଣ୍ଡ ଯାତ୍ରା ସମୟରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଅମର ମୋଇଦେ (୩୩)। ସେ ମଧ୍ୟପ୍ରଦେଶର ବୋଲି ଜଣାପଡିଛି । ତେବେ କେଉଁ କାରଣରୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ପୋଲିସ ଅଧିକ୍ଷକ ସାକ୍ଷୀ ବର୍ମା ଶନିବାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ମଧ୍ୟପ୍ରଦେଶ ନିବାସୀ ୩୩ ବର୍ଷିୟ ଅମର ମୋଇଦେ ଶ୍ରୀଖଣ୍ଡ ଯାତ୍ରାରେ ଯାଉଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ । ଥାଚଡ୍ରୁ ଆଧାର ଶିବିରରେ ପହଂଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା ।

# ଭାରସାମ୍ୟ ହରାଇ ପାଚେରୀକୁ ଧକ୍କା ଦେଲା କାର: ଅଳ୍ପକେ ବର୍ତ୍ତିଲେ ଚାଳକ



ବସ୍ତା, ୦୮/୦୭ (ନି.ପ୍ର): ଶନିବାର ଅପରାହ୍ନ ସମୟରେ ବସ୍ତା ଥାନା ଅନ୍ତର୍ଗତ ଅମର୍ଦାସ୍ଥିତ ୟାମାହା ସୋରୁମ ଠାରେ ଭାରସାମ୍ୟ ହରାଇ ପ୍ୟାଚେରୀକୁ ଧକ୍କା ଦେଲା କାର, ଅଳ୍ପକେ ବର୍ତ୍ତିଲେ କାର । ତେବେ ଉକ୍ତ କାର ଯାହାର ନମ୍ବର କ୍ୟୁ୧୧ଘ୪୩୧୬ ବିଶିଷ୍ଟ ବାରିପଦା ରୁ ବାହାରି ୧୬ ନମ୍ବର ଜାତୀୟ ରାଜପଥ ଇନ୍ଦିରାଛକ ଅଭିମୁଖେ ଯାଉଥିବା ବେଳେ ଅମର୍ଦାରୋଡ ସ୍ଥିତ ୟାମାହା ସୋରୁମ ଠାରେ ସାମ୍ନାପଟୁ ଆସୁଥିବା ଏକ ଗାଡି ଆସୁଥିବା ବେଳେ ଉକ୍ତ କାର ଚାଳକ ଜଣଙ୍କ କଣ୍ଟ୍ରୋଲ ନ କରିପାରି ଭାରସାମ୍ୟ ହରାଇ ପ୍ୟାଚେରୀ କୁ ଧକ୍କା ଦେଇଥିଲା । ଫଳରେ ଚାଳକ ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ପ୍ୟାଚେରୀ ସମ୍ପୂର୍ଣ ଭାଙ୍ଗିଯାଇଥିବାର ଦେଖିବାକୁ ମିଳିଛି । ଖବର ପାଇ ଅମର୍ଦାରୋଡ ଫାଣ୍ଡି ଅଧିକାରୀ ପହଂଚି ଅଧିକ ତଦନ୍ତ ଜାରୀ ରଖିଛି।

## କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟ ନୂଆସାହିରେ ବନମହୋତ୍ସବ ପାଳିତ

ଉଦଳା , ୦୮/୦୭ (ନି.ପ୍ର): 'ଗଛ ଲଗାଅ - ପୃଥିବୀ ବଂଚାଅ - ଆମେ ସମସ୍ତେ ପ୍ରକୃତିର ସୃଜନୀ' ଏହିଭଳି ଉକ୍ତିକୁ ସାକାର କରିବା ପାଇଁ ମୟୂରଭ ଜିଲ୍ଲା କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟ, ନୂଆସାହି ପରିସରରେ ବନମହୋତ୍ସବ ପାଳନ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ଲିପିକା ବେହେରାଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ବାହିନୀ ଓ ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଛି । ସାମ୍ପ୍ରତିକ ପ୍ରଦୂଷିତ ପରିସ୍ଥିତିରେ ବୃକ୍ଷର ଆବଶ୍ୟକତା ତଥା ଉପାଦେୟତା ସମ୍ପର୍କରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଯାଇଛି । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo